

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୨୭ ସେପ୍ଟେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 27 September 2025

Vol.No. 36 ■ No.256 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


DSPL-279

ଭାରତ ସରକାର ଓଡ଼ିଶା ସରକାର



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ସେବା ହିଁ ସଂକଳ୍ପ
ରାଷ୍ଟ୍ର ହିଁ ପ୍ରଥମ ପ୍ରେରଣା.... ୭୫ ବର୍ଷ



ମୋହନ ଚରଣ ମାଝୀ

ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ସେବା ପର୍ବ-୨୦୨୫

## ~ ₹୬୦,୦୦୦ କୋଟି ମୂଲ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଓ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶୁଭ ଉନ୍ମୋଚନ

ପ୍ରଧାନମନ୍ତ୍ରୀ

## ଶ୍ରୀ ନରେନ୍ଦ୍ର ମୋଦୀଙ୍କ

କରକମଳରେ

୨୭ ସେପ୍ଟେମ୍ବର ୨୦୨୫ | ପୂର୍ବାହ୍ନ ୧୧:୩୦ | ଅମଲିପାଲି ପଡ଼ିଆ, ଝାରସୁଗୁଡ଼ା

### ଭିତ୍ତିପ୍ରସ୍ତର ସ୍ଥାପନ

- **ଆଠଟି IIT** (ଭିଲାଇ, ଧାରୱାଡ଼, ଜମ୍ମୁ, ପଲକ୍କଡ଼, ଯୋଧପୁର, ଇନ୍ଦୋର, ପାଟନା ଏବଂ ତିରୁପତି) ର ଭିତ୍ତିଭୂମି ସମ୍ପ୍ରସାରଣ ସହିତ ଆଗାମୀ ୪ ବର୍ଷରେ **୧୨ ହଜାର** ସିଟ୍ ବୃଦ୍ଧି - **₹ ୧୧,୦୦୦ କୋଟି**
- **ସମ୍ବଲପୁର ସିଟି-ସରଲା** ମଧ୍ୟରେ **273 କୋଟି** ଟଙ୍କାର ରେଳ ଫ୍ଲାଇଓଭର
- ଭୁବନେଶ୍ୱର IIT ର ସହଯୋଗରେ ସେମିକଣ୍ଡକ୍ଟର ଏବଂ ESDM ପାର୍କ ସ୍ଥାପନା ପାଇଁ ଶିଳାନ୍ୟାସ

### ନୂତନ ପ୍ରକଳ୍ପ/ ଯୋଜନା

- **MERITE** ଯୋଜନା ମାଧ୍ୟମରେ ଇଞ୍ଜିନିୟରିଂ ଏବଂ ପଲିଟେକ୍‌ନିକ୍ ଶିକ୍ଷାନୁଷ୍ଠାନ ମାନଙ୍କର ଉନ୍ନତୀକରଣ -**₹ ୪,୨୦୦ କୋଟି**
- **BSNL** ଦ୍ୱାରା ସ୍ୱଦେଶୀ 4G (5G ପ୍ରସ୍ତୁତ) ନେଟୱର୍କ ସେବା
- ଓଡିଶାରେ କୌଶଳ ବିକାଶକୁ ଆଗେଇ ନେବା ପାଇଁ ବିଶ୍ୱ ଦକ୍ଷତା ବିକାଶ କେନ୍ଦ୍ର ସ୍ଥାପନା ସହିତ **₹ ୧,୯୭୯ କୋଟି** ଟଙ୍କାର ପ୍ରକଳ୍ପ

### କାର୍ଯ୍ୟାଦେଶ ବଣ୍ଟନ

**"ଅନ୍ତ୍ୟୋଦୟ ଗୃହ ଯୋଜନା"** ଅଧୀନରେ **୫୦ ହଜାର** ଘର ନିର୍ମାଣ ନିମନ୍ତେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପତ୍ର ବଣ୍ଟନ

### ଶୁଭାରମ୍ଭ

**ବ୍ରହ୍ମପୁର ଏବଂ ସୁରଟ (ଉଧନା)** ମଧ୍ୟରେ ଅମୃତ ଭାରତ ଏକ୍ସପ୍ରେସ୍‌କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ

### ରାଷ୍ଟ୍ରକୁ ସମର୍ପଣ

- **କୋରାପୁଟ-ବାଇଗୁଡ଼ା** ରେଳ ଲାଇନ୍ ଦୋହରୀକରଣ -**₹ ୪୮୧ କୋଟି**
- **ମାନାବାର-କୋରାପୁଟ-ଗୋରାପୁର** ରେଳ ଲାଇନ୍ ଦୋହରୀକରଣ - **₹ ୯୫୫ କୋଟି**

### ଉଦ୍‌ଘାଟନ

ରାଜ୍ୟର **୧୩୦ଟି** ଉଚ୍ଚଶିକ୍ଷା ଅନୁଷ୍ଠାନରେ **WI-FI ସୁବିଧା,** ଉପକୃତ ହେବେ **୨.୫ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ - ₹ ୯୦ କୋଟି**

### ଯୋଜନା ଉନ୍ମୋଚନ

ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ, ବୁର୍ଲା ଏବଂ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, ବ୍ରହ୍ମପୁରକୁ ବିଶ୍ୱସ୍ତରୀୟ **ସୁପରସ୍ପେଶାଲିଟି** ଚିକିତ୍ସାଳୟରେ ରୂପାନ୍ତରିଣ କରାଯିବ - **₹ ୩,୦୦୦ କୋଟି**

### ଗରିମାମୟ ଉପସ୍ଥିତି

**ଡ଼. ହରି ବାବୁ କମ୍ଭମପାଟି**
ରାଜ୍ୟପାଳ, ଓଡ଼ିଶା

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ ଜୁଏଲ ଓରାମ**
କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ

**ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ**
ଉପ- ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀମତୀ ପ୍ରଭାତୀ ପରିଡ଼ା**
ଉପ- ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ ସୁରେଶ ପୂଜାରୀ**
ମନ୍ତ୍ରୀ, ଓଡ଼ିଶା ସରକାର
(ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା)

**ଶ୍ରୀ ରବି ନାରାୟଣ ନାଏକ**
ମନ୍ତ୍ରୀ, ଓଡ଼ିଶା ସରକାର
(ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ)

**ଡ଼. ମୁକେଶ ମହାଲିଙ୍ଗ**
ମନ୍ତ୍ରୀ, ଓଡ଼ିଶା ସରକାର
(ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା)

**ଶ୍ରୀ ସୂର୍ଯ୍ୟବଂଶୀ ସୂରଜ**
ମନ୍ତ୍ରୀ, ଓଡ଼ିଶା ସରକାର
(ଉଚ୍ଚଶିକ୍ଷା, କ୍ରୀଡା ଏବଂ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି)

**ଶ୍ରୀ ବୈଜୟନ୍ତ ପଣ୍ଡା**
ସାଂସଦ, କେନ୍ଦ୍ରାପଡ଼ା

**ଶ୍ରୀ ପ୍ରଦୀପ ପୁରୋହିତ**
ସାଂସଦ, ବରଗଡ଼

**ଶ୍ରୀ ଜୟନାରାୟଣ ମିଶ୍ର**
ବିଧାୟକ, ସମ୍ବଲପୁର

**ଶ୍ରୀ ଟଙ୍କଧର ତ୍ରିପାଠୀ**
ବିଧାୟକ, ଝାରସୁଗୁଡ଼ା

## ଓଡ଼ିଶା ସରକାର

Live on DD News and DD Odia

OIPR: 11001/13/0108/2526

Scan for Live View

# ଜାହାଜ ନିର୍ମାଣ, ସାମୁଦ୍ରିକ ଅର୍ଥଯୋଗାଣ ଏବଂ ଘରୋଇ କ୍ଷମତାକୁ ସୁଦୃଢ଼ କରିବା ପାଇଁ ବ୍ୟାପକ ଚାରି ସ୍ତମ୍ଭ ଆଭିମୁଖ୍ୟ

ନୂଆଦିଲ୍ଲୀ, ୨୬/୦୯ (ନି.ପ୍ର): ସାମୁଦ୍ରିକ କ୍ଷେତ୍ରର ରଣନୀତିକ ଏବଂ ଆର୍ଥିକ ଗୁରୁତ୍ୱକୁ ସ୍ୱୀକାର କରି, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ଆଜି ଭାରତର ଜାହାଜ ନିର୍ମାଣ ଏବଂ ସାମୁଦ୍ରିକ ଇକୋସିଷ୍ଟମକୁ ପୁନର୍ଜୀବିତ କରିବା ପାଇଁ ୬୯,୭୨୫ କୋଟି ଟଙ୍କାର ଏକ ବ୍ୟାପକ ପ୍ୟାକେଜକୁ ଅନୁମୋଦନ କରିଛି । ଏହି ପ୍ୟାକେଜରେ ଘରୋଇ କ୍ଷମତାକୁ ସୁଦୃଢ଼ କରିବା, ଦୀର୍ଘକାଳୀନ ଆର୍ଥିକ ସହାୟତାରେ ଉନ୍ନତି ଆଣିବା, ସବୁଜ କ୍ଷେତ୍ର ଏବଂ ବ୍ରାଉନଫିଲ୍ଡ ଜାହାଜ ନିର୍ମାଣ ବିକାଶକୁ ପ୍ରୋତ୍ସାହିତ କରିବା, ବୈଷୟିକ କ୍ଷମତା ଓ ଦକ୍ଷତା ବୃଦ୍ଧି କରିବା ଏବଂ ଏକ ଦୃଢ଼ ସାମୁଦ୍ରିକ ଭିତ୍ତିଭୂମି ସୃଷ୍ଟି କରିବା ପାଇଁ ଆଇନଗତ, ଟିକସ ଓ ନୀତିଗତ ସଂସ୍କାର କାର୍ଯ୍ୟକାରୀ କରିବା ପାଇଁ ଏକ ଚାରି-ସ୍ତମ୍ଭ ଆଧାରିତ ପଦ୍ଧତି ପ୍ରଚଳନ କରାଯାଇଛି ।

ଏହି ପ୍ୟାକେଜ ଅଧୀନରେ, ଜାହାଜ ନିର୍ମାଣ ଆର୍ଥିକ ସହାୟତା ଯୋଜନା (ଏସବିଏଫଏଏସ) ୩୧ ମାର୍ଚ୍ଚ ୨୦୩୬ ପର୍ଯ୍ୟନ୍ତ ବୃଦ୍ଧି କରାଯିବ ଯାହାର ମୋଟ କର୍ପସ ୨୪,୭୩୬ କୋଟି ଟଙ୍କା ହେବ। ଏହି ଯୋଜନାର ଲକ୍ଷ୍ୟ ଭାରତରେ ଜାହାଜ ନିର୍ମାଣକୁ ପ୍ରୋତ୍ସାହିତ କରିବା ଏବଂ ଏଥିରେ ୪,୦୦୧ କୋଟି ଟଙ୍କା ଆବଂଟନ ସହିତ ଏକ ଶିପବ୍ରେକିଂ କ୍ରେଡିଟ୍ ନୋଟ୍ ମଧ୍ୟ ସାମିଲ ରହିଛି । ସମସ୍ତ ପଦକ୍ଷେପର କାର୍ଯ୍ୟାନ୍ୱୟନ ତଦାରଖ କରିବା ପାଇଁ ଏକ ଜାତୀୟ ଜାହାଜ ନିର୍ମାଣ ମିଶନ ମଧ୍ୟ ପ୍ରତିଷ୍ଠା କରାଯିବ।

ଏହାସହିତ, ଏହି କ୍ଷେତ୍ର ପାଇଁ ଦୀର୍ଘକାଳୀନ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ୨୫,୦୦୦ କୋଟି ଟଙ୍କା ସହିତ ସାମୁଦ୍ରିକ ବିକାଶ ପାଣ୍ଠି (ଏମଡିଏଫ) କୁ ଅନୁମୋଦନ କରାଯାଇଛି । ଏଥିରେ ଭାରତ ସରକାରଙ୍କ ୪୯% ଭାଗିଦାରୀ ସହିତ ୨୦,୦୦୦ କୋଟି ଟଙ୍କାର ଏକ ସାମୁଦ୍ରିକ ନିବେଶ ପାଣ୍ଠି ଏବଂ ଋଣର ପ୍ରଭାବୀ ଖର୍ଚ୍ଚ ମୂଲ୍ୟ ହ୍ରାସ କରିବା ତଥା ପ୍ରକଳ୍ପ ବ୍ୟାଙ୍କ ଯୋଗ୍ୟତାକୁ ଉନ୍ନତ କରିବା ପାଇଁ ୫,୦୦୦ କୋଟି ଟଙ୍କାର ଏକ ସୁଧ ପ୍ରୋତ୍ସାହନ ପାଣ୍ଠି ଅନ୍ତର୍ଭୁକ୍ତ। ଏହାବ୍ୟତୀତ, ୧୯,୯୮୯ କୋଟି ଟଙ୍କାର ବଜେଟ୍ ବ୍ୟୟବରାଦ ସହିତ ଜାହାଜ ନିର୍ମାଣ ବିକାଶ ଯୋଜନା (ଏସବିଡିଏସ)ର ଉଦ୍ଦେଶ୍ୟ ହେଉଛି ଘରୋଇ ଜାହାଜ ନିର୍ମାଣ କ୍ଷମତାକୁ ବାର୍ଷିକ ୪.୫ ନିୟୁତ ମୋଟ ଟନ୍ ଭାରକୁ ବିସ୍ତାର କରିବା, ମେଗା ଜାହାଜ ନିର୍ମାଣ କ୍ଲଷ୍ଟରକୁ ସମର୍ଥନ କରିବା, ଭିତ୍ତିଭୂମି ବିସ୍ତାର କରିବା, ଭାରତୀୟ ସାମୁଦ୍ରିକ ବିଶ୍ୱବିଦ୍ୟାଳୟ ଅଧୀନରେ ଭାରତ ଜାହାଜ ପ୍ରଯୁକ୍ତିବିଦ୍ୟା କେନ୍ଦ୍ର ପ୍ରତିଷ୍ଠା କରିବା ଏବଂ ଜାହାଜ ନିର୍ମାଣ ପ୍ରକଳ୍ପ ପାଇଁ ବୀମା ସହାୟତା ସମେତ ବିପଦ କଭରେଜ୍ ପ୍ରଦାନ କରିବା । ଏହି ସାମଗ୍ରିକ ପ୍ୟାକେଜ୍ ଭାରତର ସାମୁଦ୍ରିକ କ୍ଷେତ୍ରରେ ୪.୫ ନିୟୁତ ମୋଟ ଟନ ଭାର ଜାହାଜ ନିର୍ମାଣ କ୍ଷମତାକୁ ଉଜାଗର କରିବା, ପ୍ରାୟ ୩୦ ଲକ୍ଷ ନିଯୁକ୍ତି ସୃଷ୍ଟି କରିବା ଏବଂ ପ୍ରାୟ ୪.୫ ଲକ୍ଷ କୋଟି ଟଙ୍କାର ନିବେଶ ଆକର୍ଷିତ କରିବା ଆଶା କରାଯାଉଛି । ଏହାର ଆର୍ଥିକ ପ୍ରଭାବ ବ୍ୟତୀତ, ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଯୋଗାଣ ଶୃଙ୍ଖଳ ଏବଂ ସାମୁଦ୍ରିକ ମାର୍ଗଗୁଡ଼ିକରେ ସ୍ଥିରତା ଆଣି ଜାତୀୟ, ଶକ୍ତି ଏବଂ ଖାଦ୍ୟ ସୁରକ୍ଷାକୁ ସୁଦୃଢ଼ କରିବ।

# ସୁକନ୍ୟା ସମୃଦ୍ଧି ଯୋଜନା ନେଇ ସଚେତନ କଲେ ସାଂସଦ ବଳଭଦ୍ର ମାଝୀ

ମାଲକାନଗିରି, ୨୬/୦୯ (ନି.ପ୍ର): ସୁକନ୍ୟା ସମୃଦ୍ଧି ଯୋଜନା ନେଇ ଏକ ସଚେତନତା କାର୍ଯ୍ୟକ୍ରମ କରିଛନ୍ତି ସାଂସଦ ଇଂ. ବଳଭଦ୍ର ମାଝୀ। ଆଜି ପୂର୍ବାହ୍ନରେ ମାଲକାନଗିରି ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ମୁଖ୍ୟ ଶାଖା ଠାରେ ମୁଖ୍ୟ ଅତିଥି ଭାବେ ସାଂସଦ ଇଂ. ମାଝୀ ଯୋଗଦେଇ ୧୦ ବର୍ଷରୁ କମ୍ ବାଳିକା ମାନଙ୍କର ସୁକନ୍ୟା ସମୃଦ୍ଧି ଯୋଜନାରେ ଏକାଉଣ୍ଟ୍ ଖୋଲିବା ପାଇଁ ପଦକ୍ଷେପ ନେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଜିଲ୍ଲା ଶିକ୍ଷା ଅଧିକାରୀ ଚିତରଞ୍ଜନ ପାଣିଗ୍ରାହୀ, ଏସବିଆଇ ମୁଖ୍ୟ ପରିଚାଳକ ବିନୋଦ କୁମାର ବିଷୋୟୀ, ଲିଡ୍ ବ୍ୟାଙ୍କ୍ ମ୍ୟାନେଜର ଚକ୍ରଧର ନାୟକ ଓ ଉପ ଶାଖା ପରିଚାଳକ ଅଜିତ କୁମାର ଆଚାର୍ଯ୍ୟ ମଂଚାସୀନ ଥିଲେ। ଏହି କାର୍ଯ୍ୟକ୍ରମରେ ସାଂସଦ ଅଭିଭାବକ ମାନଙ୍କୁ ୧୦ ରୁ କମ୍ ବର୍ଷ ବାଳିକାଙ୍କୁ ଏହି ଯୋଜନାରେ ଖାତା ଖୋଲିବା ପାଇଁ ପ୍ରୋତ୍ସାହିତ କରିଥିଲେ। ସେ କହିଥିଲେ, ଭାରତର କନ୍ୟାମାନଙ୍କ ସମୃଦ୍ଧି ଯଥା କନ୍ୟାର ଶିକ୍ଷା ଏବଂ ବିବାହ ଖର୍ଚ୍ଚ ଭରଣା ପାଇଁ ଏହା ଏକ ସଂଚୟ ଯୋଜନା । ଏଥିରେ ପିତାମାତା କିମ୍ବା ଆଇନଗତ ଅଭିଭାବକମାନେ ୧୦ ବର୍ଷରୁ କମ ବୟସର ଝିଅମାନଙ୍କ ପାଇଁ ଏକ ବ୍ୟାଙ୍କ ଆକାଉଂଟ ଖୋଲିବାର ସୁଯୋଗ ପାଇବେ । ଏହି ଯୋଜନା ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୫ ଜାନୁଆରୀ ୨୨ ତାରିଖରେ ଉଦ୍ଘାଟନ କରିଥିଲେ । ଏହା ନରେନ୍ଦ୍ର ମୋଦୀଙ୍କର ବେଟି ବଚାଓ ବେଟି ପଢ଼ାଓ ପ୍ରଚାର କାର୍ଯ୍ୟକ୍ରମର ଅଂଶ ଅଟେ ବୋଲି ସାଂସଦ ସୂଚନା ଦେଇଥିଲେ । ମାଲକାନଗିରି ପୌର ପରିଷଦ ଅନ୍ତର୍ଗତ ୨୨ ଗୋଟି ବିଦ୍ୟାଳୟର ୧୦୦ ଜଣ ବାଳିକାଙ୍କର ଆଜି ଏହି ଯୋଜନାରେ ଖାତା ଖୋଲା ଯାଇଛି । ସାଂସଦ ଏବଂ ଜିଲ୍ଲାପାଳ ନୂତନ ଭାବେ ଏହି ଯୋଜନାରେ ଏକାଉଣ୍ଟ୍ ଖୋଲିଥିବା ବାଳିକାଙ୍କର ଅଭିଭାବକଙ୍କୁ ଖାତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଂସଦ ନିଜେ ୧୦ ହଜାର ଓ ବ୍ୟାଙ୍କ୍ କର୍ମଚାରୀ ୧୫ ହଜାର ଅର୍ଥାତ୍ ସମୁଦାୟ ୨୫ ହଜାର ଟଙ୍କାର ପ୍ରାରମ୍ଭିକ କିସ୍ତି ପ୍ରଦାନ କରିଛନ୍ତି। ଜିଲ୍ଲାପାଳ ମଧ୍ୟ ଅଭିଭାବକ ମାନଙ୍କୁ ପ୍ରୋତ୍ସାହିତ କରିଥିଲେ ଏବଂ ସେ ନିଜ ଝିଅର ଏହି ଯୋଜନାରେ ଖାତା ଖୋଲିଛନ୍ତି ବୋଲି ସୂଚନା ଦେଇଥିଲେ। ସାଂସଦ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବିମା ଯୋଜନା ବିଷୟରେ ମଧ୍ୟ ଲୋକଙ୍କୁ ସଚେତନ କରିଛନ୍ତି। ସୂଚନା ଯୋଗ୍ୟ, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବିମା ଯୋଜନା ହେଉଛି ଏକ ବର୍ଷିକିଆ ଜୀବନ ବୀମା ଯୋଜନା, ଯାହା ବ୍ୟାଙ୍କ ଖାତାଧାରୀଙ୍କୁ ୨ ଲକ୍ଷ ଟଙ୍କାର ଜୀବନ ବୀମା କଭରେଜ୍ ପ୍ରଦାନ କରିଥାଏ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୌରୀ ନାୟକ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଆନନ୍ଦ ରାଓ, ସାଂସଦ ପ୍ରତିନିଧି ସଞ୍ଜୟ ସରକାରଙ୍କ ସମେତ ଶିକ୍ଷା ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।

# ଗଛ ତଳେ ଚାଲିଛି ଲୁଲେର ଅଙ୍ଗନବାଡି କେନ୍ଦ୍ର

ମାଲକାନଗିରି, ୨୬/୦୯ (ନି.ପ୍ର): ଗଛ ମୂଳେ ସପ ପଡ଼ିଛି । ଚେୟାର ପଡ଼ିଛି । ଚାଲିଛି ପାଠପଢ଼ା । ଏ ଚିତ୍ର ହେଉଛି ମାଥିଲି ବ୍ଲକ କର୍ତନପାଲି ପଂଚାୟତ ଲୁଲେର ଗାଁର । ୪ ବର୍ଷ ହେଲାଣି ଗଛ ତଳେ କୁନିକୁନି ପିଲାଙ୍କୁ ବସାଇ ପାଠ ପଢ଼ାଉଛନ୍ତି ଅଙ୍ଗନବାଡି ଦିଦି ଖାଲି ମାଥିଲି ନୁହେଁ, ପୂରା ଜିଲ୍ଲାର ଅବସ୍ଥା ଏମିତି । ମାଲକାନଗିରିରେ ରହିଛି ମୋଟ ୧୩୨୪ ଅଙ୍ଗନବାଡ଼ି କେନ୍ଦ୍ର ସେଥିରୁ ୧୬୫ କେନ୍ଦ୍ରର ନିଜସ୍ୱ ଘର ନାହିଁ । ହେଲେ ଏହି ସମସ୍ତ କେନ୍ଦ୍ର ପାଇଁ ଅର୍ଥ ମଞ୍ଜୁର ହୋଇ ସାରିଛି । ୨୦୨୪-୨୫ରେ ମଞ୍ଜୁର ହୋଇଥିବା ୯୧ଟି କେନ୍ଦ୍ରର ନିର୍ମାଣ କାମ ଅଧପନ୍ତରିଆ ହୋଇ ପଡ଼ିରହିଛି। ଖୁବଶୀଘ୍ର ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ କରି ଗୃହ ଯୋଗାଇ ଦିଆଯିବ ବୋଲି କହିଛନ୍ତି ବିଡିଓ। କେବେ ଶେଷ ହେବ ଅଙ୍ଗନବାଡ଼ି ଗୃହ ନିର୍ମାଣ କାମ ? କେବେ କୋଠା ଘରେ ବସି କୁନି ପିଲା ସୁରକ୍ଷିତ ହୋଇ ପାଠ ପଢିବେ ? ତାକୁ ନେଇ ଉଠିଛି ପ୍ରଶ୍ନ ।

# ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା : ଲାଂଚୁଆ କନିଷ୍ଠ ଏମଭିଆଇଙ୍କୁ ୨ବର୍ଷ ଜେଲ୍

ବାରିପଦା, ୨୬/୦୯ (ନି.ପ୍ର): ଆୟ ବହିର୍ଭୁତ ସମ୍ପତି ମାମଲାରେ ଲାଂଚୁଆ କନିଷ୍ଠ ଏମଭିଆଇଙ୍କୁ ୨ ବର୍ଷର କାରାଦଣ୍ଡାଦେଶ ପ୍ରଦାନ କରାଯାଇଛି । ବାରିପଦା ସ୍ଥିତ ସତନ୍ତ୍ର ଦୁର୍ନୀତି ନିବାରଣ କୋର୍ଟ ପକ୍ଷରୁ ଜଜ ପୂର୍ଣ୍ଣିମା ଜେନା ଉକ୍ତ ମାମଲାର ବିଚାର କରି ଗୁରୁବାର ରାୟ ପ୍ରକାଶ କରିଛନ୍ତି । ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି । ଏହା ସହିତ ୧ ଲକ୍ଷ ଟଙ୍କା ଜରିମାନା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜୋରିମାନା ଅନାଦେୟ ଅଧିକ ୩ ମାସର କାରାଦଣ୍ଡ ନେଇ ରାୟରେ ଉଲ୍ଲେଖ ରହିଛି । ସେ ହେଲେ ଭଦ୍ରକ ଟାଉନ ଥାନା ଅନ୍ତର୍ଗତ ସାଳନ୍ଦୀ କଲୋନୀର ବିଜୟ କୁମାର ପତି(୬୮) । ସେ ଗତ ୨୦୦୭ ମସିହାରେ ମୟୁରଭଞ୍ଜ ଜିଲ୍ଲାର ଝାରପୋଖରିଆ ଥାନା ଅନ୍ତର୍ଗତ ଜାମଷୋଲା ଗେଟରେ କନିଷ୍ଠ ଏମଭିଆଇ ଭାବେ କାର୍ଯ୍ୟରତ ଥିଲେ । ଉକ୍ତ ସମୟରେ ଅନୈତିକ ଉପାୟରେ ଆୟ ବହିର୍ଭୁତ ଅର୍ଥ ଉପାର୍ଜନ କରିଥିଲେ । ଏନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା । ଯାହାକୁ ନେଇ ଗତ ୩୦/୧୨/୨୦୧୦ରେ ତାଙ୍କ ଘରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ଉ ହୋଇଥିଲା । ଆୟ ବର୍ହିଭୂତ ସମ୍ପତି ଠୁଳ ମାମଲାରେ ଛନ୍ଦି ହୋଇ ସେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ । ଆୟରୁ ୨୪୯ ପ୍ରତିଶତ ବହିର୍ଭୁତ ସମ୍ପତି ଠାବ କରାଯାଇଥିଲା । ଏନେଇ ଭିଜିଲାନ୍ସ ପକ୍ଷରୁ ବାଲେଶ୍ୱର ଭିଜିଲାନ୍ସ ସେଲରେ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ ହୋଇଥିଲା । ତାଙ୍କର ବାର୍ଷିକ ଆୟର ଅଧିକ ଆୟ ବର୍ହିଭୂତ ସମ୍ପତି ଠୁଳ କରିଥିବା ନେଇ ଭିଜିଲାନ୍ସ ଦ୍ୱାରା ଠାବ ରିପୋର୍ଟ ପ୍ରଦାନ କରାଯାଇଥିଲା । ସାକ୍ଷୀଙ୍କ ବୟାନ ଓ ଭିଜିଲାନ୍ସର ତଦନ୍ତ ରିପୋର୍ଟକୁ ଭିତି କରି ଜଜ୍ ଉପରୋକ୍ତ ଶୁଣାଣୀ କରିଛନ୍ତି । ତେବେ ସେ ବର୍ତମାନ ଅବସର ଗ୍ରହଣ କରିଥିବା ବେଳେ ଦୋଷୀ ସାବ୍ୟସ୍ତ ହେବା ନେଇ ଓଡିଶା ଭିଜିଲାନ୍ସ ବିଭାଗ ପକ୍ଷରୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଯାହାକୁ ନେଇ ତାଙ୍କର ପେନସନ ଆଦି ବନ୍ଦ କରିବାକୁ ସୂଚନା ଦିଆଯାଇଛି । ଏହି ମାମଲାକୁ ସ୍ୱତନ୍ତ୍ର ପିପି ଶାନ୍ତନୁ କୁମାର ଦାଶ ଓ ଅତିରିକ୍ତ ପିପି ଦୀପକ କୁମାର ସେଠୀ ପରିଚାଳନା କରୁଥିଲେ ।

# ମୋଦୀଜିଙ୍କ ସଫଳତାର କାହାଣୀର ପ୍ରଦର୍ଶନୀ ଉଦ୍ଘାଟିତ

ବଲାଙ୍ଗିର, ୨୬/୦୯ (ନି.ପ୍ର): ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ଜିଙ୍କ ସଫଳତାର କାହାଣୀର ବିବରଣୀ ସ୍ଥାନୀୟ ବିଜେପି ଯୁବମୋର୍ଚ୍ଚା କାର୍ଯ୍ୟାଳୟ ଆଗରେ ଚିତ୍ର ପ୍ରଦର୍ଶନୀକୁ ଜିଲ୍ଲା ବିଜେପି ଜିଲ୍ଲା ସଭାପତି ଶ୍ରୀହର୍ଷ ବେହେରାଙ୍କ ଦ୍ୱାରା ଆଜି ଅପରାହ୍ନରେ ଉଦ୍ଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରି ରଞ୍ଜିତା ପାଣିଗ୍ରାହୀ, ବରିଷ୍ଠ ନେତ୍ରୀ ପଙ୍କଜିନି ପଣ୍ଡା, ବିଜେପି ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ଅମରଜିତ୍ ପଟେଲଙ୍କ ସମେତ ଯୁବମୋର୍ଚ୍ଚା, ମହିଳା ମୋର୍ଚ୍ଚା ସଂଗଠନ ଓ ଅନେକ ଦଳୀୟ କାର୍ଯ୍ୟକର୍ତା ଓ ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ । ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପର୍ଯ୍ୟନ୍ତ ସରକାରଙ୍କ ଉପଲବ୍ଧିକୁ ଜନସାଧାରଣଙ୍କ ପାଖରେ ବିଭିନ୍ନ ମାଧ୍ୟମରେ ପ୍ରଚାର ପ୍ରସାର ପାଇଁ ଶ୍ରୀ ବେହେରା ଆହ୍ୱାନ ଦେଇ ସମସ୍ତଙ୍କୁ ସହଯୋଗ କରିବାକୁ କହିଥିଲେ ।

# ବେଆଇନ ବାଣ ଗୋଦାମରେ ଚଢ଼ଉ : ପ୍ରାୟ ୩୦ ଲକ୍ଷ ଟଙ୍କାର ବାଣ ଜବତ

ମୁଖୀଗୁଡା, ୨୬/୦୯ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୟପାଟଣାର ହୋଲସେଲ ବାଣ ବ୍ୟବସାୟୀ ବଜରଙ୍ଗ ଅଗ୍ରୱାଲଙ୍କ ଘରେ ଆଜି ସକାଳୁ ସ୍କ୍ୱାର୍ଡ ଚଢ଼ଉ କରି ବେଆଇନ ଭାବେ ଗଛିତ ରଖାଯାଇଥିବା ବିପୁଳ ପରିମାଣର ବାଣ କରାଯାଇଛି । ଜବତ ହୋଇଥିବା ବାଣର ମୂଲ୍ୟ ୩୦ ଲକ୍ଷ ଟଙ୍କା ହେବ ହେବ ବୋଲି ଧର୍ମଗଡ଼ ଏସଡିପିଓ ଡୋଲାମଣି ଭୋଇ ସୂଚନା ଦେଇଛନ୍ତି । ବଜରଙ୍ଗ ଅଗ୍ରୱାଲଙ୍କ ଘରେ ଥିବା ଗୋଦାମରେ ଏତେ ପରିମାଣରେ ବାଣ ରହିଥିଲା ଯେ ପୁଲିସ ସବୁସନ୍ଧାନ କରିପାରି ନଥିଲା । କିଛି ଦିନ ପୂର୍ବେ ବୌଦ୍ଧରେ ବାଣ ବିସ୍ଫୋରଣ ସାରା ରାଜ୍ୟରେ ଚହଳ ପକାଇଥିବା ବେଳେ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବର୍ତମାନ କଳାହାଣ୍ଡିରେ ଅନେକ ସ୍ଥାନରେ ଚଢ଼ଉ ଜାରି ରହିଛି । ଗତକାଲି ରାତିରେ ଜୟପାଟଣା ପୁଲିସ ବଜରଙ୍ଗ ଅଗ୍ରୱାଲଙ୍କ ଘରେ ଚଢ଼ଉ କରି କିଛି ପରିମାଣର ବାଣ ଜବତ କରି ବଜରଙ୍ଗଙ୍କ ସ୍ତ୍ରୀ ଲକ୍ଷ୍ମୀ ଅଗ୍ରୱାଲଙ୍କ ନାମରେ ଏକ ମାମଲା ରୁଜୁ କରିଥିଲା । କିନ୍ତୁ, ଗୋଦାମରେ ବହୁ ପରିମାଣରେ ବାଣ ଗଛିତ ରହିଥିବା କଳାହାଣ୍ଡି ଏସପି କୌଣସି ସୂତ୍ରରୁ ଖବର ପାଇ ଏକ ସ୍କ୍ୱାର୍ଡ ପଠାଇ ବଜରଙ୍ଗ ଅଗ୍ରୱାଲଙ୍କ ଘରେ ଚଢ଼ଉ କରାଯାଇଥିଲା । ଘରେ ଏତେ ପରିମାଣରେ ବାଣ ଗଛିତ ହୋଇ ରହିଥିଲା ଯେ, ସ୍କ୍ୱାର୍ଡ ସବୁ ଠାବ କରିପାରି ନଥିଲେ ବିଭିନ୍ନ କାର୍ଟୁନରେ ଖେଳଣା ସାମଗ୍ରୀ ସହିତ ମଧ୍ୟ ବାଣ ରହିଥିଲା ଯେ ସ୍କ୍ୱାର୍ଡ ସବୁ ସନ୍ଧାନ କରି ପାରିନଥିଲେ ତଥାପି ଯେତିକି ପରିମାଣରେ ବାଣ ଜବତ ହୋଇଥିଲା ତାହାର ଆନୁମାନିକ ମୂଲ୍ୟ ୩୦ ଲକ୍ଷ ଟଙ୍କା ହେବ । ବଜରଙ୍ଗ ଅଗ୍ରୱାଲ ଦୀର୍ଘ ୨୦ ବର୍ଷ ଧରି ନିଜ ଘରେ ବିପୁଳ ପରିମାଣର ବାଣ ରଖି ଜୟପାଟଣା, କଲମପୁର, ଥୁଆମୂଳ ରାମପୁର ଅଂଚଳକୁ ହୋଲସେଲ କରି ଆସୁଛନ୍ତି । ଏହା ସହିତ ପ୍ଲାଷ୍ଟିକ ଖେଳଣା, ଅଳଙ୍କାର, ସୂତା, ଇଲେକ୍ଟ୍ରୋନିକ ସାମଗ୍ରୀର ହୋଲସେଲ ମଧ୍ୟ କରିଥାନ୍ତି । ଏଥି ପୂର୍ବରୁ ମଧ୍ୟ ଦୀପାବଳି ସମୟରେ ତାଙ୍କ ଘରୁ ବାଣ ଜବତ କରାଯାଇଥିବାର ନଜିର ରହିଛି । ଏସବୁ ସତ୍ୱେ ସେ ଦୀର୍ଘ ଦିନ ଧରି ଏପରି ବେଆଇନ ଭାବେ ଜନବସତି ସ୍ଥାନରେ ବାଣ ରଖି କାରବାର କରି ସରକାରଙ୍କୁ ବ୍ୟାପକ ଟିକସ ଫାଙ୍କୁଥିଲେ । ଗତକାଲି ଜୟପାଟଣା ପୋଲିସ ବଜରଙ୍ଗ ଅଗ୍ରୱାଲଙ୍କ ଘରୁ ସବୁ ବାଣ କିପରି ଠାବ କରିପାରି ନଥିଲେ କିନ୍ତୁ ସ୍କ୍ୱାର୍ଡ କିପରି ସଫଳ ହେଲେ ବୋଲି ଏଠାରେ ସାଧାରଣରେ ଆଲୋଚନା ହେଉଛି । ଆଜି ବଜରଙ୍ଗ ଅଗ୍ରୱାଲଙ୍କ ନାମରେ ମାମଲା ରୁଜୁ ହୋଇଥିଲା ବେଳେ ସେ ଫେରାର ଥିବା ଜଣାପଡ଼ିଛି ।

# ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଅଚଳାବସ୍ଥା

ଜୟପୁର, ୨୬/୦୯ (ନି.ପ୍ର): ଅବିଭକ୍ତ କୋରାପୁଟ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ମାନଙ୍କରେ ଅନେକ ପଦବି ଖାଲି ପଡିଛି । ଗଣ ଶିକ୍ଷା ବିଭାଗର ଉପାନ୍ତ ଅଞ୍ଚଳ ପ୍ରତି ଅବହେଳା ହେଉଥିବା ବେଳେ ଶିକ୍ଷକ ତାଲିମ ବାଧାପ୍ରାପ୍ତ ହୋଇଛି । ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ବିକାଶ ତଥା ଶିକ୍ଷକ ମାନଙ୍କର ତାଲିମ ପାଇଁ ଅବିଭକ୍ତ କୋରାପୁଟ ଜିଲାରେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଗୁଡିକ ୧୯୮୮-୮୯ ପରବର୍ତୀ ସମୟରୁ ସ୍ଥାପନ କରାଯାଇଛି । ବିଭାଗ ତରଫରୁ ନିଯୁକ୍ତି ଦିଆଯାଉ ନାହିଁ କି ପଦୋନ୍ନତି ମଧ୍ୟ କରାଯାଉ ନାହିଁ । ଫଳରେ ଶିକ୍ଷକ ଶିକ୍ଷା ଅନୁଷ୍ଠାନରେ ଅଚଳ ଅବସ୍ଥା ଜାରି ରହିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଅବିଭକ୍ତ କୋରାପୁଟ ଜିଲା ରାୟଗଡା, କୋରାପୁଟ ନବରଙ୍ଗପୁର ଏବଂ ମାଲକାନଗିରି ଜିଲାରେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଏବଂ ୨ଟି ବ୍ଲକ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଛି । କିନ୍ତୁ, ଏସବୁ ଅନୁଷ୍ଠାନ ଗୁଡିକୁ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳନା ହେଉଛି । ଏଠାରେ କାର୍ଯ୍ୟରତ କର୍ମଚାରି ମାନଙ୍କୁ କେନ୍ଦ୍ର ସରକାର ଦରମା ଦିଅନ୍ତି । କିନ୍ତୁ, ରାଜ୍ୟ ସରକାର ନିଯୁକ୍ତି ଦିଅନ୍ତି । ଦୁର୍ଭାଗ୍ୟର କଥା ଶିକ୍ଷାନୁଷ୍ଠାନ ମାନଙ୍କରେ ଶିକ୍ଷକ ଓ ପ୍ରଶିକ୍ଷକଙ୍କ ଠାରୁ ଆରମ୍ଭ କରି ଅଧ୍ୟକ୍ଷ ପର୍ଯ୍ୟନ୍ତ ଅନେକ ପଦବି ଖାଲି ପଡିଛି । ଏସବୁ ଜିଲାରେ ସବୁଠାରୁ ଶିକ୍ଷକ ପ୍ରଶିକ୍ଷକ ୫୨ଟି ପଦବିରୁ ୨୮ଟି ଖାଲି ପଡିଛି । ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ସମୁଦାୟ ୨୮ଟି ପଦବୀରୁ ୧୯ଟି ପଦବୀ ଖାଲି ପଡିଛି । ଏହା ବ୍ୟତିତ ବିଦ୍ୟାଳୟ ଓ ଗଣ ଶିକ୍ଷାମନ୍ତ୍ରୀଙ୍କ ଜିଲାରେ ଦୁଇଟି ଅଧ୍ୟକ୍ଷ ପଦବୀ ଖାଲି ପଡିଛି । ତାହା ପୁରଣ ହୋଇ ପାରୁନାହିଁ । ତେଣୁ ଅବିଭକ୍ତ କୋରାପୁଟ ଜିଲାରେ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ମାନଙ୍କରେ କେଉଁଭଳି ଶିକ୍ଷାଦାନ ଦିଆଯାଉଛି ତାହା ସରକାରଙ୍କ ପାଖରେ ତଥ୍ୟ ନଥିବା ଅନୁମାନ କରାଯାଉଛି । ବର୍ଷ ବର୍ଷ ଧରି ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଶିକ୍ଷକ ପ୍ରଶିକ୍ଷକ ମାନଙ୍କର ବଦଳି ଆଦେଶ କରିନଥିବାରୁ ଏହି ସବୁ ପଦବି ପୁରଣ ହୋଇ ପାରୁ ନାହିଁ । ଏହା ବ୍ୟତିତ ପ୍ରଶିକ୍ଷଣ ଅନୁଷ୍ଠାନ ମାନଙ୍କରେ ଛାତ୍ର ଛାତ୍ରୀ ସେମାନଙ୍କର ସମସ୍ୟା ପାଇଁ ଅନେକ ଥର ଆନ୍ଦୋଳନ କରିଥିଲେ ମଧ୍ୟ ସରକାର କିଛି ପଦକ୍ଷେପ ନେଉ ନାହାଁନ୍ତି । ଏନେଇ ରାୟଗଡା ଓ କୋରାପୁଟ ଜିଲାରେ ଛାତ୍ର ଅଶାନ୍ତି ଦେଖାଯାଇଛି । ତେଣୁ ସରକାର ଖୁବ ଶିଘ୍ର ଏସବୁ ଖାଲି ପଦବୀ ପୁରଣ ତଥା ଛାତ୍ର ଅଶାନ୍ତିର ସମାଧାନ ନ କଲେ ଶିକ୍ଷା ବ୍ୟବସ୍ଥାରେ ଘୋର ଅବ୍ୟବସ୍ଥା ଦେଖାଦେବ ବୋଲି ଶିକ୍ଷାବିତମାନେ ମତ ପ୍ରକାଶ କରିଛନ୍ତି । ସେହିପରି ଓଡିଶାରେ ୩୦ଟି ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଏବଂ ୪ ଗୋଟି ବ୍ଲକ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପ୍ରାଥମିକ ଶିକ୍ଷକମାନଙ୍କ ତାଲିମ୍ ପାଇଁ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ସହଭାଗୀତାରେ ପ୍ରତିଷ୍ଠା କରାଯାଇଛି ଓ ଗଣଶିକ୍ଷା ବିଭାଗ ୩୦।୧୧।୧୯୯୦ ନିୟମ ଅନୁଯାୟୀ ଶିକ୍ଷକ ପ୍ରଶିକ୍ଷକ ମାନଙ୍କ ଚାକିରୀ ସର୍ତାବଳୀ କାର୍ଯ୍ୟକାରୀ ହେଉଅଛି । ସରକାର ଦୀର୍ଘ ୩୫ ବର୍ଷ ହେଲାଣି ଉକ୍ତ କର୍ମଚାରୀ ମାନଙ୍କର କ୍ୟାଡ଼ର ରୁଲ ପ୍ରସ୍ତୁତ ନ କରିବା ଦୁର୍ଭାଗ୍ୟଜନକ କଥା । ପ୍ରତ୍ୟେକ ବିଭାଗରେ ୧୦ ବର୍ଷ ପରେ କର୍ମଚାରୀ ମାନଙ୍କର କ୍ୟାଡର ରୁଲ ଆବଶ୍ୟକତା ଅନୁଯାୟୀ ପରିବର୍ତନ ଏବଂ ଉନ୍ନତି କରାଯାଉଛି । କ୍ୟାଡର ରୁଲ ନ ଥାଇ ମଧ୍ୟ ୧୯୯୦ ନିୟମ ଅନୁଯାୟୀ ଶିକ୍ଷକ ପ୍ରଶିକ୍ଷକମାନେ ନିୟମିତ ଚାକିରୀ କରିବାର ୮ ବର୍ଷ ପରେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଭାବେ ପଦୋନ୍ନତି ପାଇବା ପାଇଁ ଯୋଗ୍ୟ ଏବଂ ସରକାରଙ୍କ ଦ୍ୱାରା ବିଚାର କରାଯିବା ଆବଶ୍ୟକ ।

# ଧର୍ମ ପ୍ରଚାର କାର୍ଯ୍ୟରେ ବ୍ୟବହୃତ ଆବାସ ଗୃହକୁ ସିଲ୍ କଲା ପ୍ରଶାସନ

ଚମ୍ପୁଆ, ୨୬/୦୯ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ଅନୁଦାନରେ ସରକାରୀ ଜମିରେ ନିର୍ମିତ ଗୃହରେ ଚାଲୁଥିଲା ଖ୍ରୀଷ୍ଟିୟାନ ଧର୍ମ ପ୍ରଚାର । ଖ୍ରୀଷ୍ଟିୟାନ ପ୍ରଚାରକମାନେ ଅଧିକାଂଶ ସମୟ ଗାଁ କୁ ଆସି ଏଠାରେ ସ୍ଥାନୀୟ ସରଳ ହିନ୍ଦୁ ଆଦିବାସୀ ମାନଙ୍କୁ ପ୍ରଲୋଭନ କରି ଧର୍ମ ପରିବର୍ତନ କରାଉଥିଲେ। ଫଳରେ ଗ୍ରାମରେ ସାମାଜିକ ସଦଭାବ ନଷ୍ଟ ହେଉଥିବା ଅଭିଯୋଗ ହେଉଥିଲା। ଯାହାକୁ ନେଇ ଗାଁ ରେ ଅସନ୍ତୋଷ ବୃଦ୍ଧି ପାଇବା ସହ ମଝିରେ ମଝିରେ ଗଣ୍ଡଗୋଳ ମଧ୍ୟ ହେଉଥିଲା। ତେଣୁ ପରିସ୍ଥିତିକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଗୃହକୁ ଚମ୍ପୁଆ ପ୍ରଶାସନ ସିଲ କରିଛି । ଖବର ଅନୁସାରେ, ଚମ୍ପୁଆ ବ୍ଲକ ଚନ୍ଦ୍ରଶେଖରପୁର ପଂଚାୟତ ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମରେ ଏକ ସରକାରୀ ଜମି ଖାତା ନମ୍ବର ୬୪, ପ୍ଲଟ ନମ୍ବର ୪୧୩ ଜମିରେ ଉକ୍ତ ଗ୍ରାମର ମକରା ମୁଣ୍ଡାଙ୍କ ସ୍ତ୍ରୀ ଜେମାମଣି ମୁଣ୍ଡାଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ କରିଥିଲେ। ଏହି ଆବାସ ଗୃହକୁ ଖ୍ରୀଷ୍ଟିୟାନ ଧର୍ମ ପ୍ରଚାର ପାଇଁ ଚର୍ଚ୍ଚ ଭାବେ ବ୍ୟବହାର କରାଯାଉଥିଲା। ପ୍ରତ୍ୟେକ ସପ୍ତାହର ରବିବାର ଦିନରେ ବିଭିନ୍ନ ଅଂଚଳରୁ ଆସୁଥିବା କିଛି ଖ୍ରୀଷ୍ଟ ଧର୍ମ ପ୍ରଚାରକ ମାନେ ଏହି ଘରେ ଧର୍ମ ପ୍ରଚାର କରିବା ସହ ଏଠାରେ ସ୍ଥାନୀୟ ସରଳ ହିନ୍ଦୁ ଆଦିବାସୀଙ୍କୁ ପ୍ରଲୋଭନ ଦେଖାଇ ଧର୍ମ ପରିବର୍ତନ ମଧ୍ୟ କରାଉଥିଲେ। ଏହାକୁ ଗ୍ରାମବାସୀ ମାନେ ବାରମ୍ବାର ବିରୋଧ କରି ଆସୁଥିଲେ । ଯାହାକୁ ନେଇ ଦୁଇ ପକ୍ଷ ମୁହାଁମୁହିଁ ହେବା ସହ ଉତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇ ଆସୁଥିଲା । ଏ ସମ୍ପର୍କରେ ପୂର୍ବରୁ ମଧ୍ୟ ଚମ୍ପୁଆ ପୁଲିସ୍ ଗ୍ରାମରେ ପହଂଚି ଦୁଇ ପକ୍ଷଙ୍କୁ ବୁଝାସୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଏଇ ନିକଟରେ ଗାଁ ରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇ ମାମଲା ଥାନା ପର୍ଯ୍ୟନ୍ତ ଯାଇଥିଲା। ତେଣୁ ପରିସ୍ଥିତିର ଗୁରୁତ୍ୱକୁ ଉପଲବ୍ଧି କରି ଚମ୍ପୁଆ ପ୍ରଶାସନ ପକ୍ଷରୁ ବିନା ଅନୁମତି କେଶ ନମ୍ବର ୪୦୯/୨୦୨୫ ମୁତାବକ ଚମ୍ପୁଆ ତହସିଲଦାର ସଜତ ମାର୍କେ, ଚମ୍ପୁଆ ଥାନା ଅଧିକାରୀ ରମାକାନ୍ତ ମୁଦୁଲି, ଅତିରିକ୍ତ ତହସିଲଦାର ପ୍ରତୀକ୍ଷା ପ୍ରିୟଦର୍ଶିନୀଙ୍କ ଉପସ୍ଥିତିରେ ଏହି ଗୃହକୁ ଜଉମୁଦ ଦ୍ୱାରା ସିଲ କରାଯାଇଛି । ଏହା ସହିତ ଏହି ଗୃହକୁ ଅନାଧିକାର ପ୍ରବେଶ ନିଷେଧ କରାଯାଇଛି ।

# ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

ମାଲକାନଗିରି, ୨୬/୦୯ (ନି.ପ୍ର): ଆଜି ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଜିଲ୍ଲା ସ୍ତରୀୟ ଗାନ୍ଧୀ ଜୟନ୍ତୀ ପାଳନ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ହୋଇଯାଇଛି । ଉଚ୍ଚ ବିଦ୍ୟାଳୟ ସ୍ତରୀୟ ଏହି ପ୍ରତିଯୋଗିତାରେ ପୌର ପରିଷଦ ମାଲକାନଗିରି ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେଇଥିଲେ। ବିଚାରକ ଭାବେ ସରୋଜ ଦାସ, ସରୋଜ ପଟ୍ଟନାୟକ ଓ ସମୀର ନାୟକ ଉପସ୍ଥିତ ଥିଲେ। ପ୍ରତିଯୋଗିତାକୁ ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ କର୍ମଚାରୀ ରଞ୍ଜନ ମହାନ୍ତି ପରିଚାଳନା କରିଥିଲେ। ପ୍ରତିଯୋଗିତାକୁ ଆୟୋଜନ କରିବାରେ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଦୁଷ୍ମନ୍ତ ଜେନାଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।

# କୁମାର କବି ଥିଲେ କାଳଜୟୀ ଓ ତୁରନ୍ତ କବି : ୧୫ତମ ରାଜ୍ୟସ୍ତରୀୟ କୁମାରକବି ଶ୍ରଦ୍ଧାଞ୍ଜଳି ସଭା

ପୁରୀ, ୨୬/୦୯ (ନି.ପ୍ର): କୁମାର କବି ଫାଉଣ୍ଡେସନ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଆ ସାହିତ୍ୟ ଏକାଡେମୀଙ୍କ ମିଳିତ ଆୟୋଜନରେ ୧୫ତମ ରାଜ୍ୟସ୍ତରୀୟ କୁମାରକବି ଶ୍ରଦ୍ଧାଞ୍ଜଳୀ ସଭା ସଂସ୍କୃତିଭବନ ଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ମୁଖ୍ୟ ଅତିଥିଭାବେ ଓଡିଶୀ ସଂଗୀତ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ ଯୋଗଦେଇ ଉଦଘାଟନ କରିଥିଲେ। ଉତ୍ସବରେ ଅଧକ୍ଷତା କରିଥିଲେ ଫାଉଣ୍ଡେସନ ର ସଭାପତି ଅଧ୍ୟାପକ ବସନ୍ତ କୁମାର ମିଶ୍ର । ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଅନୁଷ୍ଠାନର ସମ୍ପାଦକ ତଥା ଆଇନଜୀବୀ ଦିଗମ୍ବର ବେହେରା । କୁମାର କବିଙ୍କ ସାହିତ୍ୟରେ ରସର ବର୍ଷା ଓ ଅମୃତର ବନ୍ୟା ଭରପୁର ହୋଇଥିଲା । ସ୍ୱପ୍ନ, ସଂକଳ୍ପ ଓ ସାଧନା ଥିଲା କୁମାର କବିଙ୍କ ସଫଳତାର ମୂଳମନ୍ତ୍ର । କୁମାର କବି ଥିଲେ ସାହିତ୍ୟ, ସଂସ୍କୃତି ଓ ସଂଗଠନର ମହାସଙ୍ଗମ । ପ୍ରଫେସର ଦାଶ ବେନହୁରଙ୍କୁ କୁମାର କବି ସମ୍ମାନ ପ୍ରଦାନ କରାଯାଇଥିଲା। ପଦ୍ମଶ୍ରୀ ଶ୍ୟାମାମଣି ଦେବୀଙ୍କୁ ଉତ୍କଳ ସଂଗୀତ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା । କୁମାର କବି ଅରକ୍ଷିତ ପ୍ରଧାନ ଥିଲେ ଏକାଧାରରେ ଜଣେ ମହାକବି, ଲେଖକ, ଗବେଷକ, ସାହିତ୍ୟିକ, ନାଟ୍ୟକାର, ଔପନ୍ୟାସିକ, ପ୍ରଚଣ୍ଡ ବାଗ୍ମୀ ପୁରୁଷ। ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାରକ ଓ ସଂଗଠକ। ଚିଲିକା କୂଳରେ ବ୍ରହ୍ମଗିରି ଅଂଚଳରେ ହାସିନପୁର ଗ୍ରାମରେ କବି ଏକ କୃଷକ ପରିବାରରେ ଜନ୍ମଗ୍ରହଣ କରିଥିଲେ। କୌଣସି ଆନୁଷ୍ଠାନିକ ଶିକ୍ଷାଗତ ଯୋଗ୍ୟତା ନଥାଇ ଅରକ୍ଷିତ ପ୍ରଧାନ ଜଣେ ପ୍ରଖ୍ୟାତ କବି ଭାବେ ନିଜକୁ ସାରା ଓଡ଼ିଶାରେ ପରିଚିତ କରାଇ ପାରିଥିଲେ। ତାଙ୍କର ଅଠର ଖଣ୍ଡ କାଳଜୟୀ ପୁସ୍ତକ ଓଡ଼ିଆ ସାହିତ୍ୟକୁ ଅନବଦ୍ୟ ଅବଦାନ। ସେ ଥିଲେ ଓଡ଼ିଶା ଓ ଆସାମ ରାଜ୍ୟ ମଧ୍ୟରେ ଏକମାତ୍ର ଓଡ଼ିଆ ସାଂସ୍କୃତିକ ରାଷ୍ଟ୍ରଦୂତ। କୁମାର କବି ସମ୍ମାନ ଗ୍ରହଣ କରି ସାହିତ୍ୟିକ ଦାଶ ବେନହୁର କୁମାର କବି ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ। ସେ କହିଥିଲେ ଯେ, ପୃଥିବୀରେ ମଣିଷ ମାନେ ହିଁ ସଂସ୍କୃତି ଓ ସାହିତ୍ୟର ଚର୍ଚ୍ଚା ସହିତ ପୂଜାର୍ଚ୍ଚନା କରିଥାନ୍ତି। କବି ଲେଖନ୍ତି ମାତ୍ର ମହାକବି ଜାତିକୁ ବାଟ ବତାନ୍ତି ବୋଲି ସେ କହିଥିଲେ ଏବଂ କୁମାର କବି ସେହି ମହାକବି ଥିଲେ ବୋଲି ସେ ଦୋହରାଇ ଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ରୂପେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରଥମ ନିର୍ଦ୍ଦେଶକ ପ୍ରଫେସର ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟ କୁମାର କବିଙ୍କ କାଳଜୟୀ କୃତି ସମ୍ପର୍କରେ ଆଲୋଚନା କରି ସାହିତ୍ୟ ଏକାଡେମୀ ତାଙ୍କ ସାହିତ୍ୟ ସୃଷ୍ଟି କୁ କୁମାର କବି ଗ୍ରନ୍ଥାବଳୀ ଆକାରରେ ପ୍ରକାଶ କରିବାକୁ ପ୍ରସ୍ତାବ ଦେଇଥିଲେ।

# ଆଶ୍ରମ ବିଦ୍ୟାଳୟର ଛାତ୍ରକୁ ଗୋଡ଼ହାତ ବାନ୍ଧି ନିଜ ସାଥୀ ଛାତ୍ରମାନେ ରକ୍ତାକ୍ତ କରି ବାଡ଼େଇଲେ

ଜୟପୁର, ୨୬/୦୯ (ନି.ପ୍ର): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ପଂଚଡ଼ା ଆଶ୍ରମ ବିଦ୍ୟାଳୟରେ ପୁଣି ଥରେ ଜଣେ ଅଷ୍ଟମ ଶ୍ରେଣୀରେ ପଢୁଥିବା ଅଭୀଲାସ ସାଉଁନ୍ତା ନାମକ ଛାତ୍ରଙ୍କୁ ଉକ୍ତ ବିଦ୍ୟାଳୟର ଛାତ୍ର ମାନେ ଟଙ୍କା ଆମର କାଢ଼ି ଦେଉଛୁ କହି ହଷ୍ଟେଲ ପଛପଟେ ଡାକି ନେଇ ଅଭୀଲାସ କହିବା ମୁତାବକ ହାତ ଗୋଡ଼ ବାନ୍ଧି ଲହୁ ଲୁହାଣ କରି ବାଡ଼ିରେ ବାଡ଼େଇ ଅଚେତ ଅବସ୍ଥାରେ ସେଠାରେ ଛାଡ଼ି ହଷ୍ଟେଲ ପଳେଇ ଯାଇଥିଲେ। ଅଭୀଲାସଙ୍କ ଚେତା ଆସିବାରୁ ସେଠାରୁ ନିଜେ ଉଠି ବଣ ଜଙ୍ଗଲ ରାସ୍ତା ଦେଇ ନିଜ ଘର ଲଛମଣି ଚାଲି ଆସିଥିବାରୁ ବାପା ଅଭୀଲାସଙ୍କୁ ଆମ୍ବୁଲାନ୍ସ ଯୋଗେ ଲକ୍ଷ୍ମୀପୁର ଡାକ୍ତରଖାନାକୁ ନେଇଥିବାରୁ ଡାକ୍ତର ଅଭିନାଶ ଲେଙ୍କା ଅଭୀଲାସଙ୍କୁ ଚିକିତ୍ସା କରି କହିଥିଲେ କି ଅଭୀଲାସଙ୍କୁ ତାଙ୍କ ସାଥୀ ମାନେ ବାଡ଼ିରେ ବାଡ଼େଇ ଥିବାରୁ ତା'ର ଶରୀରର ବିଭିନ୍ନ ସ୍ଥାନରେ ରକ୍ତ ଜମାଟ ବାନ୍ଧିଛି, କିନ୍ତୁ ଚିକିତ୍ସା ପରେ ସେ ଭଲ ଅଛନ୍ତି ବୋଲି ଡାକ୍ତର ଲେଙ୍କା ସୂଚନା ଦେଇଥିଲେ। ହେଲେ ପଂଚଡ଼ା ଆଶ୍ରମ ବିଦ୍ୟାଳୟରେ ବାରମ୍ବାର ଏଭଳି ଘଟଣା ଘଟିଥିଲେ ସୁଦ୍ଧା ଜିଲ୍ଲା ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି। ଆଗାମୀ ଦିନରେ ଯଦି କୌଣସି ଏକ ବଡ଼ ଘଟଣା ଘଟେ ଏଥିପାଇଁ କିଏ ଦାୟୀ ରହିବେ ବୋଲି ଅଭିଭାବକ ଓ ଅଂଚଳର ଜନସାଧାରଣ ପ୍ରଶ୍ନ କରିଛନ୍ତି। ଏନେଇ ଆମେ ଜିଲ୍ଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡିଙ୍କୁ ପଚାରିବାରୁ ଶ୍ରୀ ତାଣ୍ଡି ଏଥର ଆଉ କ୍ଷମା କରାଯିବ ନାହିଁ ପ୍ରଧାନ ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୨୭ ସେପ୍ଟେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 27 September 2025
Vol.No. 36 ■ No.256 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019


ଯା ଦେବୀ ସର୍ବଭୂତେଷୁ............

ସଂଗ୍ରହ କରନ୍ତୁ
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net

# ଆଜି ଝାରସୁଗୁଡା ଆସୁଛନ୍ତି ପ୍ରଧାନମନ୍ତ୍ରୀ

## ରାଜ୍ୟକୁ ଦେବେ ୧୭ ଶହ କୋଟିର ରେଳ ପ୍ରକଳ୍ପ ଭେଟି

ଭୁବନେଶ୍ୱର, ୨୬/୯ (ନି.ପ୍ର): ଆସନ୍ତାକାଲି ଓଡିଶା ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଝାରସୁଗୁଡାରେ ସେବା ପର୍ବରେ ସାମିଲ ହେବା ସହ ଯୁବ ସମାବେଶକୁ ଉଦବୋଧନ ଦେବେ। ଏହି ଅବସରରେ ରାଜ୍ୟକୁ ୧୭୦୦ କୋଟିର ରେଳ ପ୍ରକଳ୍ପ ଭେଟି ଦେବେ ପ୍ରଧାନମନ୍ତ୍ରୀ। ମୋଦିଙ୍କ ଗସ୍ତ ପାଇଁ ପୁରା ପ୍ରସ୍ତୁତ ଝାରସୁଗୁଡା। ନିଜେ ମୁଖ୍ୟମନ୍ତ୍ରୀ ସେଠାରେ ଉପସ୍ଥିତ ରହି ଆୟୋଜନର ସମୀକ୍ଷା କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ୍ ପାଇଁ ଶେଷ ପର୍ଯ୍ୟାୟରେ ପ୍ରସ୍ତୁତିରେ ନେତାଙ୍କ ଠାରୁ ମୁଖ୍ୟମନ୍ତ୍ରୀ। ଇନ୍ସପେକଟରଙ୍କଠାରୁ ପୋଲିସ ଡିଜି ସାମିଲ ଅଛନ୍ତି। ଅମଲିପାଲି ପଡିଆରେ ସମସ୍ତେ ଉପସ୍ଥିତ ରହି ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ ଗତକାଲି ସମାବେଶ ସ୍ଥଳର ନିରୀକ୍ଷଣ କରିଥିଲେ। ଆଜି ଝାରସୁଗୁଡା ଏୟାରପୋର୍ଟରୁ ଅମଲିପାଲି ପଡିଆ ପର୍ଯ୍ୟନ୍ତ କାରକେଡ୍ ଅଭ୍ୟାସ କରାଯାଇଛି। ପୋଲିସ ଡିଜି ୱାଇ.ବି. ଖୁରାନିଆ ନିଜେ ଉପସ୍ଥିତ ରହି ଏହାର ତଦାରଖ କରିଛନ୍ତି। ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଝାରସୁଗୁଡା ବିମାନବନ୍ଦରରେ ପୂର୍ବାହ୍ନ ୧୧ଟା ୧୦ ମିନିଟରେ ପହଞ୍ଚିବେ। ସେଠାରୁ ସଡ଼କ ପଥରେ ଯାଇ ଅମଲିପାଲି ସ୍ଥିତ ପଡିଆରେ ଆୟୋଜିତ ଯୁବ ସମାବେଶରେ ଯୋଗ ଦେବେ। ଏହି ଅବସରରେ ଅନେକ ବିକାଶ ମୂଳକ ପ୍ରକଳ୍ପର ଶିଳାନ୍ୟାସ ଏବଂ



ଉଦଘାଟନ କରିବେ। ୫୦ହଜାର ଅନ୍ତ୍ୟୋଦୟ କାର୍ଯ୍ୟାଦେଶ ବାଣ୍ଟିବା ସହ ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ଭେଟିବେ ପ୍ରଧାନମନ୍ତ୍ରୀ। ସବୁଠୁ ବଡ କଥା ହେଲା ଓଡିଶାକୁ ୧୭୦୦ କୋଟିର ରେଳ ପ୍ରକଳ୍ପ ଭେଟି ଦେବେ ମୋଦି। ଯାହା ଭିତରେ ରହିଛି ୯୫୫ କୋଟିର ମାନାବାର– କୋରାପୁଟ– ଗୋରାପୁର ୮୨ କିଲୋମିଟର ରେଳ ଲାଇନର ଦୋହରୀକରଣ। ୪୮୧ କୋଟିର କୋରାପୁଟ – ବାଇଗୁଡ଼ା ୩୪ କିଲୋମିଟର ରେଳ ଲାଇନର ଦୋହରୀକରଣ ପ୍ରକଳ୍ପର ଲୋକାର୍ପଣ କରିବେ ମୋଦି। ସେହିପରି ଦୀର୍ଘ ଦିନ ଧରି ବଡ଼ ସମସ୍ୟା ସାଜିଥିବା ୨୭୩ କୋଟି ଟଙ୍କାର ସମ୍ବଲପୁର ସହର ଏବଂ ସରଲା ମଧ୍ୟରେ ରେଳ ଫ୍ଲାଇଓଭରର ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଏହାବାଦ ବ୍ରହ୍ମପୁର ଏବଂ ସୁରଟ (ଉଧନା) ମଧ୍ୟରେ ଅମୃତ ଭାରତ ଏକ୍ସପ୍ରେସକୁ ପତାକା ଦେଖାଇ ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ।

▶▶ପୃଷ୍ଠା ୭

# ସୋନମ ୱାଙ୍ଗଚୁକ୍ ଗିରଫ: ସରକାର ଲଗାଇଲେ ଏନଏସଏ

ନୂଆଦିଲ୍ଲୀ,୨୬/୯ : ସୋନମ ୱାଙ୍ଗଚୁକଙ୍କୁ ଗିରଫ କରାଯାଇଛି। ତାଙ୍କ ବିରୁଦ୍ଧରେ ଜାତୀୟ ସୁରକ୍ଷା ଆଇନ ଲଗାଯାଇଛି । ତାଙ୍କ ନାମରେ ଗୁରୁତର ଅଭିଯୋଗ ରହିଛି। ଗିରଫଦାରୀର ଗୋଟିଏ ଦିନ ପୂର୍ବରୁ ତାଙ୍କ ଏନଜିଓର FCRA ସାର୍ଟିଫିକେଟ୍ ରଦ୍ଦ କରାଯାଇଥିଲା। ଏବେ ତାଙ୍କ ଗିରଫଦାରୀ ଖବର ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ୱାଙ୍ଗଚୁକଙ୍କୁ ଜେଲରେ ରଖାଯିବ କି ଅନ୍ୟ କୌଣସି ସୁବିଧାଜନକ ସ୍ଥାନକୁ ସ୍ଥାନାନ୍ତର କରାଯିବ ତାହା ଏପର୍ଯ୍ୟନ୍ତ ନିଷ୍ପତ୍ତି ନିଆଯାଇନାହିଁ। ଲଦାଖରେ ସମ୍ପ୍ରତି ହିଂସା ଦେଖାଦେଇଛି। ସେପ୍ଟେମ୍ବର ୨୪ ତାରିଖରେ ହିଂସାତ୍ମକ ପ୍ରତିବାଦ ସମୟରେ ପୋଲିସ ଗୁଳିରେ ଚାରି ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ୭୦ ରୁ ଅଧିକ ଆହତ ହୋଇଥିଲେ।



ବିକ୍ଷୋଭକାରୀମାନେ ଲେହରେ ବିଜେପି କାର୍ଯ୍ୟାଳୟକୁ ମଧ୍ୟ ନିଆଁ ଲଗାଇ ଦେଇଥିଲେ। ହିଂସା ପୂର୍ବରୁ, ସୋନମ ୱାଙ୍ଗଚୁକ୍ ଗତ ଦୁଇ ସପ୍ତାହ ଧରି ଅନଶନରେ ବସିଥିଲେ। ସେପ୍ଟେମ୍ବର ୨୪ ତାରିଖର ଘଟଣା ପରେ ସେ ତାଙ୍କର ଅନଶନ ଭାଙ୍ଗିଥିଲେ। ଏହି ପ୍ରତିବାଦ ପଛରେ ଦୁଇଟି ମୁଖ୍ୟ ଦାବି ରହିଛି। ୱାଙ୍ଗଚୁକ୍ ନେତୃତ୍ୱରେ 'ଲେହ ଆପେକ୍ସ ବଡି' ଲଦାଖକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଏବଂ ସମ୍ବିଧାନର ଷଷ୍ଠ ଅନୁସୂଚୀରେ ସାମିଲ କରିବାକୁ ଦାବି କରୁଛି। ଏହି କାରଣଗୁଡ଼ିକ ପାଇଁ ସୋନମ ୱାଙ୍ଗଚୁକ୍

▶▶ପୃଷ୍ଠା ୭

# ପ୍ରକାଶ ପାଇଲା ଓପିଏସସି ପରୀକ୍ଷା ଫଳ: ପ୍ରିୟାଂଶୁ ପାଲ ଓଏଏସ୍ ଟପ୍ପର

ଭୁବନେଶ୍ୱର, ୨୬/୯ (ନି.ପ୍ର): ଶୁକ୍ରବାର ପ୍ରକାଶ ପାଇଛି ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା-୨୦୨୩ର ଫଳ। ଏଥିରେ ୩୯୮ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ୧୪୪ ଜଣ ମହିଳା ଅଛନ୍ତି। ଅନୁଗୋଳର ପ୍ରିୟାଂଶୁ ପାଲ ଟପ୍ପର ହୋଇଛନ୍ତି। ପ୍ରଥମ ଦଶ ଜଣଙ୍କ ମଧ୍ୟରେ କେବଳ ଜଣେ ମହିଳା ଅଛନ୍ତି। ତାଙ୍କ ନାଁ ଅନନ୍ୟା ମିଶ୍ର। ସେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଶୋଭନ ପଟ୍ଟନାୟକ ତୃତୀୟ ସ୍ଥାନରେ ରହିଥିବା ବେଳେ ମିର୍ଜା ଫୈଜ ଅହମଦ କାଦ୍ରୀ ଚତୁର୍ଥ, ଚିନ୍ମୟ ସାହୁ ପଞ୍ଚମ, ଅନ୍ତିମ ସ୍ୱାଇଁ ଷଷ୍ଠ, ଶୈଳେଶ କୁମାର ଭୋଇ



ସପ୍ତମ, ମହମ୍ମଦ ନଜିଫ ହତିଫ ଅଷ୍ଟମ, ଚିନ୍ମୟ କୁମାର ପାତ୍ରୀ ନବମ ଓ ମିଲନ ମହାପାତ୍ର ଦଶମ ସ୍ଥାନରେ ରହିଛନ୍ତି। ଟପ୍ ଟେନ୍‌ରେ ଜଣେ ମହିଳା ଥିଲେ ହେଁ ଟପ୍ ଟ୍ୱେଣ୍ଟିରେ ୯ ଜଣ ମହିଳା ଅଛନ୍ତି। ସେମାନେ ହେଉଛନ୍ତି ଅନନ୍ୟା ମିଶ୍ର (୨), ପୂଜା ଯୋଶୀ (୧୧), ସ୍ୱରୂପିଣୀ ପଟନାୟକ (୧୨), ସ୍ନେହା ଦାସ ମହାପାତ୍ର (୧୪), ଦୀପସୀତା ବେହେରା (୧୬), ସୁପ୍ରିୟା ମିଶ୍ର (୧୭), ଅସୀମା ଅନ୍ୱେଷା (୧୮), ଏମ୍‌ଜି ସୁବର୍ଣ୍ଣା ମହାନ୍ତି (୧୯) ଓ

▶▶ପୃଷ୍ଠା ୭

# ଗୋଟିଏ ଆପ୍‌ରେ ମିଳିବ ସବୁ ସୁବିଧା: ହାତ ପାହାନ୍ତାରେ ମିଳିବ ସରକାରୀ ସେବା

ଭୁବନେଶ୍ୱର, ୨୬/୯ (ନି.ପ୍ର): ଆଉ ଯିବାକୁ ପଡ଼ିବନି ସରକାରୀ ଅଫିସ୍ । ଏଣିକି ଘରେ ବସି କରିହେବ ଆବେଦନ । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଆରମ୍ଭ ହୋଇଛି 'ଆମ ସାଥୀ ଆପ୍ ୟୁନିଫାଏଡ୍ ହ୍ୱାଟସଆପ୍ ବଟ୍' । ଜନ୍ମ ମୃତ୍ୟୁ, ଆଇନଗତ ଉତ୍ତରାଧିକାରୀ, ବାସସ୍ଥାନ ଏବଂ ଆୟ ପ୍ରମାଣପତ୍ର, ଡ୍ରାଇଭିଂ ଲାଇସେନ୍ସ, ଫର୍ଟିଲାଇଜର ଲାଇସେନ୍ସ, ଆନ୍ତର୍ଜାତି ବିବାହରୁ ଲାଭ, ଜାତୀୟ ପରିବାର ଯୋଜନାରୁ ଲାଭ ଭଳି ବହୁ ସୁବିଧା ହ୍ୱାଟସଆପ୍ ଜରିଆରେ ମିଳିପାରିବ। ୯୪୩୭୨ ୯୨୦୦୦ ହ୍ୱାଟସ୍‌ଆପ୍ ନମ୍ବରରେ




ଆବେଦନ କରିହେବ । ଆବେଦନଠାରୁ ସାର୍ଟିଫିକେଟ ଏହି ନମ୍ବର ଜରିଆରେ ମିଳିବ । ୨୦୨୫ ଶେଷ ସୁଦ୍ଧା, ଓଡ଼ିଶା ଲୋକସେବା ଅଧିକାର ଆଇନ ଅଧୀନରେ ଅଧିସୂଚିତ ସମସ୍ତ ସାର୍ବଜନୀନ ସେବା ଏକକ ହ୍ୱାଟ୍ସଆପ ବଟ୍ ମାଧ୍ୟମରେ ଯୋଗାଇବାକୁ ଲକ୍ଷ୍ୟ ରଖାଯାଇଛି । ଭାରତ ସରକାରଙ୍କ 'ଭାଷିନୀ ପ୍ଲାଟଫର୍ମ' ବ୍ୟବହାର କରି ନିଜର କଣ୍ଠସ୍ୱର ମାଧ୍ୟମରେ ଏହି ସେବା ମିଳିପାରିବ । ଜଣେ ବ୍ୟକ୍ତି ଇଂରାଜୀ କିମ୍ବା ଓଡ଼ିଆରେ ଲେଖି ହ୍ୱାଟ୍ସଆପରେ ସମସ୍ତ ସରକାରୀ ସେବାରୁ ଉପକୃତ ହୋଇପାରିବେ ।

## ନାଟୋ ମୁଖ୍ୟଙ୍କ ବୟାନ ଦାୟିତ୍ୱହୀନ: ଭାରତ

ନୂଆଦିଲ୍ଲୀ, ୨୬/୯ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଆମେରିକାର ଶୁଳ୍କ ବିଷୟରେ ଆଲୋଚନା କରିଥିଲେ ବୋଲି ନାଟୋ ମୁଖ୍ୟ ମାର୍କ ରୁଟଙ୍କ ଦାବିକୁ ଭାରତ ସ୍ପଷ୍ଟ ଭାବରେ ପ୍ରତ୍ୟାଖ୍ୟାନ କରିଛି। ଭାରତ ସ୍ପଷ୍ଟ କରିଛି ଯେ ଏହି ସମ୍ପର୍କରେ ମୋଦି ଏବଂ ପୁଟିନଙ୍କ ମଧ୍ୟରେ କୌଣସି ଆଲୋଚନା ହୋଇନାହିଁ। ଶୁକ୍ରବାର ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତର ଦେଇ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ କହିଛନ୍ତି ଯେ ରୁଟଙ୍କ ବୟାନ ତଥ୍ୟଗତ ଭାବରେ ଭୁଲ ଏବଂ ସମ୍ପୂର୍ଣ୍ଣ ଭିତିହୀନ।

▶▶ପୃଷ୍ଠା ୭

## ଲେହରେ ହିଂସା ପରେ ପରିସ୍ଥିତି ଧୀରେ ଧୀରେ ହେବାକୁ ଲାଗିଛି ସ୍ୱାଭାବିକ

ନୂଆଦିଲ୍ଲୀ,୨୬/୯ : ଲେହରେ ହିଂସା ପରେ ପରିସ୍ଥିତି ଧୀରେ ଧୀରେ ସ୍ୱାଭାବିକ ହେବାକୁ ଯାଉଛି। କିଛି ଅଂଚଳରେ ଜିଲ୍ଲା ସାରା ଲାଗୁ ହୋଇଥିବା କଟକଣାକୁ ଆଂଶିକ ଭାବରେ କୋହଳ କରାଯାଇଛି, କିନ୍ତୁ ସମ୍ବେଦନଶୀଳ ଅଂଚଳରେ କଠୋର କଟକଣା ଜାରି ରହିଛି। ଯଦି ପରିସ୍ଥିତି ଶାନ୍ତିପୂର୍ଣ୍ଣ ରହେ, ତେବେ ସୋମବାର ସ୍କୁଲ ଏବଂ କଲେଜଗୁଡ଼ିକ ପୁଣି ଖୋଲିବ ବୋଲି ଆଶା କରାଯାଉଛି।

▶▶ପୃଷ୍ଠା ୭

## ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

# ଦୁର୍ବଳ ନଦୀ, କେନାଲ ବନ୍ଧ ଉପରେ ନଜର ରଖିବାକୁ ଗୁରୁତ୍ୱ

ଭୁବନେଶ୍ୱର, ୨୬/୯ (ନି.ପ୍ର): ପାଣିପାଗ ବିଭାଗର ଆକଳନ ଅନୁସାରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ସ୍ପଷ୍ଟ ଚିହ୍ନିତ ଲଘୁଚାପ। ଏହି ଲଘୁଚାପ କେନ୍ଦ୍ରୀୟ ବଂଗୋପାସାଗରରେ ବଳ ଗୋଟାଇ ଆଗକୁ ବଢୁଛି । ଅବପାତର ରୂପ ନେଇ ଆସନ୍ତାକାଲି ଆନ୍ଧ୍ର ଓ ଓଡ଼ିଶା



ଉପକୂଳ ଅତିକ୍ରମ କରିବ। ଯାହାର ପ୍ରଭାବରେ ସାରାରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ସମୁଦ୍ର ଭିତରେ ବଳଗୋଟାଇ ଆଗକୁ ବଢୁଛି, ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ । କିଛି ଘଂଟା ଭିତରେ ଏହା ଅବପାତର ରୂପ ନେବ ।

▶▶ପୃଷ୍ଠା ୭

# ଟ୍ରମ୍ପଙ୍କ ଟାରିଫ୍ ବୋମା : ବିଦେଶୀ ଔଷଧୀୟ ସାମଗ୍ରୀ ଉପରେ ୧୦୦% ଟାରିଫ୍

ନୂଆଦିଲ୍ଲୀ,୨୬/୯ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଶୁଳ୍କ ସମ୍ପର୍କିତ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ସେ ଔଷଧ କ୍ଷେତ୍ର ଉପରେ ୧୦୦ ପ୍ରତିଶତ ଶୁଳ୍କ ଲାଗୁ କରିଛନ୍ତି। ଟ୍ରମ୍ପଙ୍କର ଏହି ନିଷ୍ପତ୍ତି ଯୋଗୁଁ ଔଷଧଗୁଡ଼ିକ ଏବେ ୧୦୦ ପ୍ରତିଶତ ଶୁଳ୍କ ଲାଗୁ ହୋଇଯିବ। ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ'ରେ ଏକ ପୋଷ୍ଟ ସେୟାର କରି ଟ୍ରମ୍ପ ଏହି ସୂଚନା ଦେଇଛନ୍ତି। ଟ୍ରମ୍ପ କହିଛନ୍ତି ଯେ ସେ ଔଷଧ ଉତ୍ପାଦ ଉପରେ ଶୁଳ୍କ ବୃଦ୍ଧି କରାଯାଉଛି । ତେବେ ଟ୍ରମ୍ପଙ୍କ ଏହି ପଦକ୍ଷେପ କାରଣରୁ ପ୍ରମୁଖ ଭାରତୀୟ ଔଷଧ ନିର୍ମାତାମାନଙ୍କ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇପାରେ। ଆମେରିକାରେ ଅନେକଗୁଡ଼ିକ ଔଷଧ ନିର୍ମାତା କମ୍ପାନି ଭଲ ବଜାର ସୃଷ୍ଟି କରିପାରିଛନ୍ତି । ସୋସିଆଲ ମିଡିଆ ପୋଷ୍ଟରେ, ଟ୍ରମ୍ପ କହିଛନ୍ତି, ଆମେ ୨୦୨୫ ଅକ୍ଟୋବର ୧ ତାରିଖ ଠାରୁ ଯେକୌଣସି ବ୍ରାଣ୍ଡେଡ୍ କିମ୍ବା ପେଟେଣ୍ଟ ଔଷଧ ଉତ୍ପାଦ ଉପରେ



୧୦୦ ପ୍ରତିଶତ ଶୁଳ୍କ ଲାଗୁ କରିବୁ। ଯଦି କୌଣସି କମ୍ପାନି ପୂର୍ବରୁ ଏକ ଉତ୍ପାଦନ କାରଖାନା ସ୍ଥାପନ କରିସାରିଛି, ତେବେ ଏହା ଶୁଳ୍କ ଲାଗୁ ହେବ ନାହିଁ। ଡୋନାଲ୍ଡ ଟ୍ରମ୍ପ ଅନ୍ୟ ଏକ ପୋଷ୍ଟରେ କହିଛନ୍ତି, ଆମେ ୨୦୨୫ ଅକ୍ଟୋବର ୧ ତାରିଖ ଠାରୁ ରୋଷେଇ ଘର ଜିନିଷ, ବାଥରୁମ୍ ସାମଗ୍ରୀ ଏବଂ ସମ୍ବନ୍ଧିତ ଉତ୍ପାଦ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିବୁ। ଏହା ସହିତ ଫର୍ଣ୍ଣିଚର ଉପରେ ୩୦ ପ୍ରତିଶତ ଶୁଳ୍କ ଲାଗୁ କରାଯିବ। ଏହାର ମୁଖ୍ୟ କାରଣ ହେଉଛି ଅନ୍ୟ ଦେଶଗୁଡ଼ିକ ଏପରି ଉତ୍ପାଦଗୁଡ଼ିକୁ ବହୁ ପରିମାଣରେ ଆମେରିକାକୁ ପଠାଉଛନ୍ତି। ଟ୍ରମ୍ପ କହିଛନ୍ତି, ବିଦେଶର ଅନୁଚିତ ପ୍ରତିଯୋଗିତାରୁ ଆମର ଭାରୀ ଟ୍ରକ୍ ନିର୍ମାତାମାନଙ୍କୁ ରକ୍ଷା କରିବା ପାଇଁ ମୁଁ ବିଶ୍ୱର ଅନ୍ୟାନ୍ୟ ସ୍ଥାନରେ ନିର୍ମିତ ସମସ୍ତ ଭାରୀ ଟ୍ରକ୍ ଉପରେ ୨୫ ପ୍ରତିଶତ ଶୁଳ୍କ ଲାଗୁ କରୁଛି। ଏହି ଶୁଳ୍କ ୨୦୨୫ ଅକ୍ଟୋବର ୧ ତାରିଖ ଠାରୁ ଲାଗୁ ହେବ। ଏହା ଆମର ପ୍ରମୁଖ ଟ୍ରକ୍ ନିର୍ମାତା କମ୍ପାନିଗୁଡ଼ିକ ଯେପରିକି ପିଟରବିଲ୍ଟ, କେନୱର୍ଥ, ଫ୍ରେଟ୍ ଲାଇନର୍ ଏବଂ ଅନ୍ୟାନ୍ୟକୁ ବାହ୍ୟ ହସ୍ତକ୍ଷେପରୁ ରକ୍ଷା କରିବ। ଆମକୁ ଆମର ଟ୍ରକ୍ ଡ୍ରାଇଭରମାନଙ୍କୁ

▶▶ପୃଷ୍ଠା ୭

# ବିହାରରେ ଖୁବଶୀଘ୍ର ଏନଡିଏ ସହଯୋଗୀଙ୍କ ମଧ୍ୟରେ ଆସନ ସମୀକରଣ: ଜେଡିୟୁକୁ ୧୦୨ ଓ ୧୦୧ ଆସନରେ ଲଢ଼ିପାରେ ବିଜେପି

ନୂଆଦିଲ୍ଲୀ,୨୬/୯ : କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିହାର ପ୍ରଭାରୀଭାବେ ନିଯୁକ୍ତ ନେଇ ବିଜେପି ଆସନ ଭାଗବଣ୍ଟା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି । ଗତ ୨୦୨୦ ବିଧାନସଭା ନିର୍ବାଚନରେ ଜେଡିୟୁ ୧୧୫ଟି ଆସନରେ ଲଢ଼ି ମାତ୍ର ୪୩ଟି ଆସନ ଜିତିଥିଲେ ମଧ୍ୟ ଏଥରକ ମେଣ୍ଟ ସାଥୀଙ୍କୁ ଅଧିକ ଆସନ ଦେବା ପାଇଁ ବିଜେପି ରାଜି



ଅଛି । ବିଜେପି ତାଠୁ ଅଧିକ ଆସନ ଲଢ଼ିବା ପାଇଁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଦାବି ମୁତାବକ ଜେଡିୟୁ ୧୦୨ ଆସନ ଦିଆଯିବାକୁ ସ୍ଥିର ହୋଇଛି । ବିଜେପି ୧୦୦ କିମ୍ବା ୧୦୧ ଆସନ ପାଇପାରେ । ସେହିଭଳି ଗତ ଲୋକସଭା ନିର୍ବାଚନରେ ଶତ ପ୍ରତିଶତ ସଫଳତା ପାଇଥିବା କେନ୍ଦ୍ରମନ୍ତ୍ରୀ ଚିରାଗ ପାସୱାନଙ୍କ ଏଲଜେପିକୁ ସର୍ବାଧିକ ୨୦ଟି ଆସନ ଦିଆଯାଇପାରେ । ଏକ ସମ୍ମାନଜନକ ଆସନ ସଂଖ୍ୟା ଦାବି କରୁଥିବା ଚିରାଗ ୨୦ଟି ଆସନରେ ସନ୍ତୁଷ୍ଟ ହେବେ ନାହିଁ । ମାତ୍ର ତାଙ୍କୁ ବୁଝାଇବା ସମ୍ଭବ ବୋଲି ବିଜେପି ତୁଙ୍ଗ ନେତା ଭାବୁଛନ୍ତି । ସେହିଭଳି ଆଉ ଜଣେ ମନ୍ତ୍ରୀ ଜିତନ ରାମ ମାନଝୀଙ୍କ 'ହାମ୍'କୁ ମଧ୍ୟ

▶▶ପୃଷ୍ଠା ୭

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଅସ୍ପଷ୍ଟ ଶୁଳ୍କ ନୀତି: ଭାରତୀୟ ଫାର୍ମା ଶିଳ୍ପର ଦ୍ୱନ୍ଦ୍ୱ

ଡୋନାଲ୍ଡ ଟ୍ରମ୍ପଙ୍କ ନିକଟରେ ଘୋଷଣା ହୋଇଥିବା ବ୍ରାଣ୍ଡେଡ୍ ତଥା ପେଟେଣ୍ଟେଡ୍ ଫାର୍ମାସ୍ୟୁଟିକାଲ୍ ଉତ୍ପାଦ ଉପରେ ଶତକଡ଼ା ୧୦୦ ଭାଗ ଶୁଳ୍କ ଆଦାୟର ନିଷ୍ପତ୍ତି ସାରା ବିଶ୍ୱରେ, ବିଶେଷ କରି ଭାରତୀୟ ଔଷଧ ନିର୍ମାତାଙ୍କ ମଧ୍ୟରେ ଏକ ବଡ଼ ଧରଣର ଦ୍ୱନ୍ଦ୍ୱ ଓ ଚିନ୍ତା ସୃଷ୍ଟି କରିଛି । ଯଦିଓ ଏହି ଶୁଳ୍କ କେବଳ ସେହି କମ୍ପାନୀମାନଙ୍କୁ ଛାଡ଼ ଦେବ ଯେଉଁମାନେ ଆମେରିକାରେ ନିଜର ଉତ୍ପାଦନ କାରଖାନା ପ୍ରତିଷ୍ଠା କରିବେ, ତଥାପି ଏହାର ପ୍ରକୃତ ପ୍ରଭାବ କ'ଣ ହେବ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଭାରତୀୟ ଔଷଧ ଶିଳ୍ପ, ଯାହା ମୁଖ୍ୟତଃ ଆମେରିକାକୁ ଜେନେରିକ୍ ଔଷଧ ରପ୍ତାନି କରେ, ସେମାନେ ଏହି ଘୋଷଣାକୁ ନେଇ ଦ୍ୱନ୍ଦ୍ୱରେ ଅଛନ୍ତି । ପ୍ରଶ୍ନ ଉଠୁଛି, 'ବ୍ରାଣ୍ଡେଡ୍ ଔଷଧ'ର ପ୍ରକୃତ ଅର୍ଥ କ'ଣ ? ଏହା କେବଳ ପେଟେଣ୍ଟେଡ୍ ଔଷଧକୁ ବୁଝାଉଛି ନା ଅନ୍ୟ ବ୍ରାଣ୍ଡ ନାମରେ ବିକ୍ରି ହେଉଥିବା ଜେନେରିକ୍ ଔଷଧକୁ ମଧ୍ୟ ଏହାର ପରିସରଭୁକ୍ତ କରାଯିବ ? ଏହି ଅସ୍ପଷ୍ଟତା ଭାରତୀୟ ଔଷଧ ଶିଳ୍ପ ପାଇଁ ଏକ ବଡ଼ ଚିନ୍ତାର କାରଣ ପାଲଟିଛି ।

ଆମେରିକା ବଜାରରେ ଭାରତୀୟ ଔଷଧ ଶିଳ୍ପର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମେରିକାରେ ବ୍ୟବହୃତ ହେଉଥିବା ସମସ୍ତ ଜେନେରିକ୍ ଔଷଧ ମଧ୍ୟରୁ ୪୭ ପ୍ରତିଶତ ଭାରତୀୟ କମ୍ପାନୀମାନେ ଯୋଗାନ୍ତି । ଏପରିକି, ଉଚ୍ଚ ରକ୍ତଚାପ, ମାନସିକ ସ୍ୱାସ୍ଥ୍ୟ, କୋଲେଷ୍ଟେରଲ ନିୟନ୍ତ୍ରଣ, ସ୍ନାୟୁ ରୋଗ ଏବଂ ଅଲସର ଭଳି ପାଞ୍ଚଟି ପ୍ରମୁଖ ଚିକିତ୍ସା କ୍ଷେତ୍ରରେ ଆମେରିକାର ଅଧାରୁ ଅଧିକ ଔଷଧ ଭାରତରୁ ଆସିଥାଏ। ୨୦୨୫ ଆର୍ଥିକ ବର୍ଷରେ ଆମେରିକାକୁ ଭାରତର ଫାର୍ମା ରପ୍ତାନି ୧୦.୫ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଥିଲା, ଯାହା ଭାରତର ମୋଟ ଫାର୍ମା ରପ୍ତାନିର ୩୪.୫ ପ୍ରତିଶତ । ଏହା ଦର୍ଶାଏ ଯେ ଆମେରିକା ଭାରତୀୟ ଫାର୍ମା ଶିଳ୍ପ ପାଇଁ ସବୁଠାରୁ ବଡ଼ ବଜାର । ତେଣୁ, ଟ୍ରମ୍ପଙ୍କ ଏହି ନୂତନ ଶୁଳ୍କ ଘୋଷଣା ଯଦିଓ ପ୍ରଥମେ ବ୍ରାଣ୍ଡେଡ୍ ଔଷଧ ଉପରେ ଲକ୍ଷ୍ୟ ରଖିଛି, ତଥାପି ଏହାର ବ୍ୟାପକ ପ୍ରଭାବକୁ ଅଣଦେଖା କରାଯାଇପାରିବ ନାହିଁ ।

ଶିଳ୍ପ ବିଶେଷଜ୍ଞମାନେ କୁହନ୍ତି ଯେ, ପେଟେଣ୍ଟେଡ୍ ଔଷଧର ସଂଜ୍ଞା ସ୍ପଷ୍ଟ। ଏହିପରି ଔଷଧ ଉପରେ ଶୁଳ୍କ ଜାପାନ, ସ୍ୱିଜରଲ୍ୟାଣ୍ଡ କିମ୍ବା ୟୁରୋପୀୟ ଦେଶମାନଙ୍କୁ ପ୍ରଭାବିତ କରିବ, ଯେଉଁମାନେ ଅଧିକାଂଶ ଫାର୍ମାସ୍ୟୁଟିକାଲ୍ ପେଟେଣ୍ଟ ଧାରଣ କରିଛନ୍ତି । କିନ୍ତୁ ଭାରତ ମୁଖ୍ୟତଃ ଜେନେରିକ୍ ଔଷଧ ଯୋଗାଉଥିବାରୁ, ଏହି ଶୁଳ୍କର ପ୍ରତ୍ୟକ୍ଷ ପ୍ରଭାବ ସୀମିତ ରହିବ ବୋଲି ଆଶା କରାଯାଉଛି । ତଥାପି, ଅନେକ ଭାରତୀୟ କମ୍ପାନୀ ନିଜର ଜେନେରିକ୍ ଉତ୍ପାଦକୁ ମଧ୍ୟ ବିଭିନ୍ନ ବ୍ରାଣ୍ଡ ନାମରେ ବିକ୍ରି କରନ୍ତି, ବିଶେଷ କରି ଓଭର-ଦ-କାଉଣ୍ଟର (OTC) ଔଷଧ କ୍ଷେତ୍ରରେ । ଯଦି ଏହି ଓଭର-ଦ-କାଉଣ୍ଟର ଉତ୍ପାଦଗୁଡ଼ିକୁ 'ବ୍ରାଣ୍ଡେଡ୍' ଭାବରେ ବିବେଚନା କରାଯାଏ, ତେବେ ଭାରତୀୟ ଶିଳ୍ପ ଉପରେ ଏହାର ପ୍ରଭାବ ବ୍ୟାପକ ହେବ । ଏହି ସମସ୍ୟାର ସମାଧାନ ପାଇଁ ଆମେରିକାର କାର୍ଯ୍ୟନିର୍ବାହୀ ଆଦେଶକୁ ଅପେକ୍ଷା କରାଯାଇଛି ।

ତେବେ, ଏହି ଘୋଷଣାର ପଛରେ ଏକ ବଡ଼ ଚିନ୍ତା ରହିଛି । ଆମେରିକା ବର୍ତ୍ତମାନ ଧାରା ୨୩୨ ସମୀକ୍ଷା କରୁଛି, ଯାହା ଜାତୀୟ ସୁରକ୍ଷା ଉପରେ ଆମଦାନୀର ପ୍ରଭାବ ନିର୍ଦ୍ଧାରଣ କରିବ । ଯଦି ଏହି ସମୀକ୍ଷା ଭାରତୀୟ ଫାର୍ମା ଉତ୍ପାଦକୁ ଜାତୀୟ ସୁରକ୍ଷା ପ୍ରତି ବିପଦ ଭାବରେ ବିବେଚନା କରେ, ତେବେ ଆମେରିକା ସମସ୍ତ ଭାରତୀୟ ଫାର୍ମା ଉତ୍ପାଦ ଉପରେ ଶୁଳ୍କ ଲଗାଇପାରେ । ଯଦି ଏହି ଶୁଳ୍କ ୫୦% କିମ୍ବା ୧୦୦% ପର୍ଯ୍ୟନ୍ତ ହୁଏ, ତେବେ ଭାରତୀୟ କମ୍ପାନୀମାନେ ସେମାନଙ୍କର ସମସ୍ତ ପ୍ରତିଯୋଗିତାମୂଳକ ସୁବିଧା ହରାଇବେ । ଭାରତୀୟ ଜେନେରିକ୍ ଔଷଧଗୁଡ଼ିକ ୩୦-୪୦ ପ୍ରତିଶତ ଶସ୍ତା ହୋଇଥିବାରୁ ଆମେରିକା ବଜାରରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛନ୍ତି । ଯଦି ଉଚ୍ଚ ଶୁଳ୍କ ଲଗାଯାଏ, ତେବେ ଏହି ବଜାର ଅନ୍ୟ ଦେଶ କିମ୍ବା ୟୁରୋପୀୟ କମ୍ପାନୀମାନଙ୍କ ଦ୍ୱାରା ଅଧିକୃତ ହୋଇପାରେ । ବାଂଲାଦେଶ ଭଳି ଦେଶ ଜେନେରିକ୍ ଉତ୍ପାଦନ କରିପାରୁଥିଲେ ମଧ୍ୟ, ସେମାନଙ୍କର ଭାରତ ଭଳି ବୃହତ ଉତ୍ପାଦନ କ୍ଷମତା ନାହିଁ ଏବଂ ସେମାନଙ୍କ କାରଖାନାକୁ ଆମେରିକାର ଖାଦ୍ୟ ଓ ଔଷଧ ପ୍ରଶାସନ (FDA) ଦ୍ୱାରା ନିରୀକ୍ଷଣ କରାଯିବା ଆବଶ୍ୟକ। ଅପରପକ୍ଷରେ, ୟୁରୋପୀୟ କମ୍ପାନୀମାନଙ୍କର ଉତ୍ପାଦନ କ୍ଷମତା ଅଛି ଏବଂ ସେମାନଙ୍କୁ FDA ନିରୀକ୍ଷଣର ଆବଶ୍ୟକତା ନାହିଁ, ଯାହା ସେମାନଙ୍କୁ ଏକ ସୁବିଧାଜନକ ସ୍ଥିତିରେ ରଖିବ ।

କେବଳ ଭାରତୀୟ ଶିଳ୍ପ ନୁହେଁ, ଏହି ଶୁଳ୍କ ଆମେରିକୀୟ ରୋଗୀଙ୍କ ଉପରେ ମଧ୍ୟ ଗଭୀର ପ୍ରଭାବ ପକାଇବ । ଭାରତୀୟ କମ୍ପାନୀମାନେ ଆମେରିକାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ବହୁତ ସହାୟତା କରନ୍ତି । ୨୦୨୨ ମସିହାରେ, ଭାରତୀୟ ଔଷଧ ଆମେରିକାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ୨୧୯ ବିଲିୟନ ଡଲାର ସଞ୍ଚୟ କରିବାରେ ସାହାଯ୍ୟ କରିଥିଲା । ଉଦାହରଣ ସ୍ୱରୂପ, ଉଚ୍ଚ କୋଲେଷ୍ଟେରଲ ଚିକିତ୍ସା ପାଇଁ ବ୍ୟବହୃତ ରୋସୁଭାଷ୍ଟାଟିନ୍ ଔଷଧର ଏକ ଭାରତୀୟ ଜେନେରିକ୍ ସଂସ୍କରଣ ଆମେରିକା ବଜାରରେ ପ୍ରବେଶ କରିବା ପରେ, ୨୦୧୬ ରୁ ୨୦୨୨ ମଧ୍ୟରେ ଏହି ଔଷଧ କିଣିବାକୁ ସକ୍ଷମ ଆମେରିକୀୟଙ୍କ ସଂଖ୍ୟା ଦ୍ୱିଗୁଣିତ ହୋଇଥିଲା। ଏହା ଦର୍ଶାଏ ଯେ ଭାରତୀୟ ଜେନେରିକ୍ ଔଷଧ ଆମେରିକୀୟମାନଙ୍କ ପାଇଁ ଔଷଧକୁ ଅଧିକ ସୁଲଭ କରିବାରେ ସହାୟକ ହୋଇଛି। ଯଦି ଏହି ଜେନେରିକ୍ ଔଷଧ ଉପରେ ଶୁଳ୍କ ଲଗାଯାଏ, ତେବେ ଔଷଧର ମୂଲ୍ୟ ବୃଦ୍ଧି ପାଇବ, ଯାହା ଆମେରିକାର ଅନେକ ରୋଗୀଙ୍କ ପାଇଁ ଚିକିତ୍ସାକୁ ଅଧିକ ମହଙ୍ଗା କରିବ ଏବଂ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଇବ ।

ସଂକ୍ଷେପରେ କହିବାକୁ ଗଲେ, ଟ୍ରମ୍ପଙ୍କ ବ୍ରାଣ୍ଡେଡ୍ ଔଷଧ ଉପରେ ୧୦୦% ଶୁଳ୍କ ଘୋଷଣା ଭାରତୀୟ ଜେନେରିକ୍ ଔଷଧ ଶିଳ୍ପ ଉପରେ ତୁରନ୍ତ ସିଧାସଳଖ ପ୍ରଭାବ ନ ପକାଇପାରେ, କିନ୍ତୁ 'ବ୍ରାଣ୍ଡେଡ୍' ଶବ୍ଦର ଅସ୍ପଷ୍ଟତା ଏବଂ ଧାରା ୨୩୨ ସମୀକ୍ଷାର ସମ୍ଭାବନା ଭାରତୀୟ ଔଷଧ ନିର୍ମାତାଙ୍କ ପାଇଁ ଏକ ବଡ଼ ଚିନ୍ତା । ଯଦି ସମସ୍ତ ଭାରତୀୟ ଫାର୍ମା ଉତ୍ପାଦ ଉପରେ ଶୁଳ୍କ ଲଗାଯାଏ, ତେବେ ଏହା କେବଳ ଭାରତୀୟ ଶିଳ୍ପର ପ୍ରତିଯୋଗିତାମୂଳକ ସୁବିଧାକୁ ନଷ୍ଟ କରିବ ନାହିଁ, ବରଂ ଆମେରିକୀୟ ରୋଗୀଙ୍କ ପାଇଁ ଔଷଧର ମୂଲ୍ୟ ବୃଦ୍ଧି କରି ସେମାନଙ୍କ ସ୍ୱାସ୍ଥ୍ୟସେବା ଉପରେ ମଧ୍ୟ ଗୁରୁତର ପ୍ରଭାବ ପକାଇବ । ଉଭୟ ଦେଶ ପାଇଁ ଏକ ସନ୍ତୁଳିତ ଏବଂ ସ୍ପଷ୍ଟ ନୀତି ଆବଶ୍ୟକ, ଯାହା ଉଭୟ ଶିଳ୍ପ ଏବଂ ରୋଗୀଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବ । ଏହା ଏକ ଏପରି ସମସ୍ୟା, ଯାହାର ସମାଧାନ ପାଇଁ ଗଭୀର ବିଚାରବିମର୍ଶ ଏବଂ ଦୂରଦୃଷ୍ଟିସମ୍ପନ୍ନ ନୀତିଗତ ନିଷ୍ପତ୍ତିର ଆବଶ୍ୟକତା ରହିଛି।

# ଓଡ଼ିଶା : ଆକର୍ଷଣୀୟ, ଶାନ୍ତ, ଅବର୍ଣ୍ଣନୀୟ



## ଡ଼ଃ.ଅରୁନ୍ଧତୀ ଦେବୀ

ଆକର୍ଷଣୀୟ, ଶାନ୍ତ, ଅବର୍ଣ୍ଣନୀୟ ଓଡ଼ିଶା ଏହି ତିନୋଟି ଶବ୍ଦର ସମାହାର କହିଲେ ଅତ୍ୟୁକ୍ତି ହେବନାହିଁ। ଭାରତର ପୂର୍ବ ଉପକୂଳରେ ଅବସ୍ଥିତ ଓଡ଼ିଶା ରମଣୀୟ ସ୍ଥାନ, ଅନନ୍ୟ ସଂସ୍କୃତି ଏବଂ ସୌହାର୍ଦ୍ଦ୍ୟ ଏବଂ ସ୍ନେହଶୀଳ ଲୋକଙ୍କ ଅପୂର୍ବ ସମାହାର। ୪୮୦ କିଲୋମିଟର ଦୀର୍ଘ ଉପକୂଳ, ନଭଶ୍ଚୁମ୍ବୀ ପର୍ବତମାଳା, ଶାନ୍ତ ହ୍ରଦ ଏବଂ ଚଳଚଞ୍ଚଳ ନଦନଦୀ ତଥା ବିଭିନ୍ନ ବନ୍ୟଜନ୍ତୁ ଅଭୟାରଣ୍ୟ, ସମୁଦ୍ରତଟ, ମନ୍ଦିର, ସ୍ମାରକସ୍ଥଳୀ, କଳା ଏବଂ ପର୍ବପର୍ବାଣୀରେ ଭରପୁର ଓଡ଼ିଶା ସମସ୍ତଙ୍କୁ ଏହା ପ୍ରତି ଆକର୍ଷିତ କରିଥାଏ। ପର୍ଯ୍ୟଟନ ଓଡ଼ିଶାର ଅର୍ଥନୀତିକୁ ପ୍ରମୁଖ ଅବଦାନ ଦେଇଥାଏ। ଭାରତର କିଛି ସ୍ଥାନ ସ୍ୱତନ୍ତ୍ର ମାନ୍ୟତାର ଅଧିକାରୀ ଏବଂ ଓଡ଼ିଶା ଏହା ମଧ୍ୟରୁ ଗୋଟିଏ ବୋଲି ନିଶ୍ଚିତ ଭାବେ କୁହାଯାଇପାରିବ। ଭାରତର ଭାସ୍କର୍ଯ୍ୟ ଏବଂ କଳାତ୍ମକ ଐତିହ୍ୟର ବାସ୍ତବିକ ସଂଗ୍ରହାଳୟ ଓଡ଼ିଶାର ପର୍ଯ୍ୟଟନକ ହିଁ ବୁଝାଯାଇଥାଏ ଏବଂ କୋଣାର୍କ ଦେଦୀପ୍ୟମାନ ସୂର୍ଯ୍ୟମନ୍ଦିର, ପୁରୀସ୍ଥିତ ଭବ୍ୟ ଶ୍ରୀଜଗନ୍ନାଥ ମନ୍ଦିର ଏବଂ ମନ୍ଦିରମାଳିନୀ ସହର ଭୁବନେଶ୍ୱର ଦେଶବିଦେଶର ପଣ୍ଡିତ ଏବଂ ବିଶେଷଜ୍ଞଙ୍କ ଲାଗି ପ୍ରଥମ ପସନ୍ଦ ହୋଇଥାଏ। କ୍ରମାଗତ ବୃଦ୍ଧି ପାଇଥିବା ଅତ୍ୟାଧୁନିକ ପର୍ଯ୍ୟଟକ ଯେଉଁମାନେ ଓଡ଼ିଶା ପର୍ଯ୍ୟଟନ ପ୍ରତି ଆକର୍ଷିତ ମନ୍ଦିର, ପୁରୀ ପର୍ଯ୍ୟଟନ, ଓଡ଼ିଶା ହସ୍ତତନ୍ତ ଯାହା ସାରା ବିଶ୍ୱରେ ପ୍ରସିଦ୍ଧ ଏବଂ ପୁରୀ ଏବଂ ଗୋପାଳପୁର ସମୁଦ୍ରକୂଳ ସମ୍ପର୍କରେ କିଛି ନା କିଛି ଜ୍ଞାନ ରଖିଥାନ୍ତି।

ପର୍ବପର୍ବାଣି : ଅଗଣିତ ଧର୍ମ, ପୁରାତନ ମନ୍ଦିର, ସ୍ଥାନୀୟ ପୁଣ୍ୟସ୍ଥଳୀ ଏବଂ ପବିତ୍ର ସ୍ଥାନରେ ପରିପୂର୍ଣ୍ଣ ଓଡ଼ିଶାରେ ବାର ମାସରେ ତେର ଯାତ୍ରା ପାଳିତ ହୋଇଥାଏ। ରାଜ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପର୍ବପର୍ବାଣୀ ମଧ୍ୟରେ ପୁରୀ ରଥ ଯାତ୍ରା, ଚନ୍ଦନ ଯାତ୍ରା, କୋଣାର୍କ ନୃତ୍ୟ ଉତ୍ସବ ଅନ୍ୟତମ। ଓଡ଼ିଶାର ପବିତ୍ର ଭୂମିରେ ତିନିଗୋଟି ଧର୍ମ (ହିନ୍ଦୁ, ବୌଦ୍ଧ ଓ ଜୈନ)ର ବିକାଶ ଘଟିଛି ଯାହା ଖୁବ୍ ଧୁମଧାମରେ ଏହାର ଉତ୍ସବ ପାଳନ କରିଥାନ୍ତି। ଓନିଶାର ସାଂସ୍କୃତିକ ଏବଂ ଧାର୍ମିକ ପରମ୍ପରା ଭାରତରେ ଖୁବ୍ ପ୍ରସିଦ୍ଧ।

ସମୁଦ୍ରତଟ : ଓଡ଼ିଶା ଏହାର ରମଣୀୟ ସମୁଦ୍ର କୂଳ ଲାଗି ପ୍ରସିଦ୍ଧ ଯାହା ଜଣକ ଅବକାଶ ଭାବକୁ ଉଦ୍ରେକ କରିଥାଏ। ସ୍ୱର୍ଣ୍ଣିମ ବାଲୁକାରେ କୋମଳ ଖରାର ସ୍ୱର୍ଶ ଜଣକୁ ଆନମନା କରିଦେଇଥାଏ। ଭାରତର ପୂର୍ବ ଉପକୂଳର ପ୍ରାଚ୍ୟ ପର୍ବତମାଳାର ବେଷ୍ଟନୀ ମଧ୍ୟରେ ଅବସ୍ଥିତ ଓଡ଼ିଶା ଦେଶର ଅନ୍ୟତମ ସୌନ୍ଦର୍ଯ୍ୟପୂର୍ଣ୍ଣ ସ୍ଥାନ ମଧ୍ୟରୁ ଅନ୍ୟତମ। ପୁରୀ ଏବଂ ଚାନ୍ଦିପୁର ସମୁଦ୍ରକୂଳ ପର୍ଯ୍ୟଟକଙ୍କ ସ୍ମୃତିରେ ଚିରଦିନ ପାଇଁ ସାଇତା ହୋଇ ରହିବା ଭଳି ଅଭିଜ୍ଞତା ପ୍ରଦାନ କରିଥାନ୍ତି।

ପର୍ଯ୍ୟଟନସ୍ଥଳୀ : ଓଡ଼ିଶା ଭ୍ରମଣ ପାଇଁ ଆସୁଥିବା ଦେଶବିଦେଶର ପର୍ଯ୍ୟଟକ ଏହାର ଅଦ୍ଭୁତ ବାସ୍ତୁକଳା ଏବଂ ଐତିହ୍ୟସ୍ଥଳୀର ବିସ୍ମୟକାରୀ ସୌନ୍ଦର୍ଯ୍ୟରେ ପ୍ରଭାବିତ ହୋଇଥାନ୍ତି। ପୁରୀର ଶ୍ରୀଜଗନ୍ନାଥ ମନ୍ଦିର, କୋଣାର୍କ ସୂର୍ଯ୍ୟ ମନ୍ଦିର, ଧଉଳି ଶାନ୍ତିସ୍ତୂପ, ଖଣ୍ଡଗିରି, ଉଦୟଗିରି, ଚିଲିକା ଏବଂ ଆହୁରି ଅନେକ ବୌଦ୍ଧ ଓ ଜୈନ ପର୍ଯ୍ୟଟନସ୍ଥଳୀ ପ୍ରତିବର୍ଷ ଲକ୍ଷ ଲକ୍ଷ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାନ୍ତି।

ତୀର୍ଥସ୍ଥଳୀ : ଅଦ୍ଭୁତ ବାସ୍ତୁକଳା ଏବଂ ଅଗଣିତ ମନ୍ଦିରରେ ପରିପୂର୍ଣ୍ଣ ଓଡ଼ିଶା ବର୍ଷସାରା ଦେଶବିଦେଶର ବିଭିନ୍ନ ସ୍ଥାନରୁ ତୀର୍ଥଯାତ୍ରୀଙ୍କୁ ଆକୃଷ୍ଟ କରିଥାଏ। ବିଶ୍ୱ ଐତିହ୍ୟସ୍ଥଳ କୋଣାର୍କ ସୂର୍ଯ୍ୟ ମନ୍ଦିର ବ୍ୟତୀତ ଓଡ଼ିଶା ଶ୍ରୀଜଗନ୍ନାଥଙ୍କ ଧାମ ବୋଲି ବିବେଚନା କରାଯାଇଥାଏ। ଖ୍ରୀଷ୍ଟପୂର୍ବ ୨୦୦୦ ପୂର୍ବର ଗୌରବମୟ ଇତିହାସ ସହିତ ଜଡ଼ିତ ଓଡ଼ିଶା ରଥଯାତ୍ରା ସମୟରେ ଦେଶବିଦେଶରୁ ଲକ୍ଷାଧିକ ଯାତ୍ରା ପୁରୀରେ ରୁଣ୍ଡ ହୋଇଥାନ୍ତି। ଏଥି ସହିତ ଦେଦୀପ୍ୟମାନ ଲିଙ୍ଗରାଜ ମନ୍ଦିର ଓ ଏବଂ ସୁନ୍ଦର କାରୁକାର୍ଯ୍ୟରେ ଖୋଦିତ ମୁକ୍ତେଶ୍ୱର ମନ୍ଦିରକୁ ଦେଖିବା ପାଇଁ ଲକ୍ଷାଧିକ ତୀର୍ଥଯାତ୍ରୀ ମଧ୍ୟ ଆସିଥାନ୍ତି। ହିନ୍ଦୁ, ଜୈନ ଏବଂ ବୌଦ୍ଧ ଧର୍ମାବଲମ୍ବୀଙ୍କ ଲାଗି ପବିତ୍ର ସ୍ଥଳୀ ଭାବେ ପରିଚିତ ଓଡ଼ିଶା ତୀର୍ଥଯାତ୍ରୀଙ୍କ ଲାଗି ପରମ କେନ୍ଦ୍ରସ୍ଥଳ।

ବନ୍ୟଜନ୍ତୁ : ପ୍ରକୃତିପ୍ରେମୀଙ୍କ ଅନ୍ତିମ ଲକ୍ଷ୍ୟସ୍ଥଳୀ ଭାବେ ଓଡ଼ିଶା ଦୁଃସାହସିକ ବନ୍ୟଜନ୍ତୁ ଭ୍ରମଣ ଲାଗି ସୁଯୋଗ ପ୍ରଦାନ କରିଥାଏ। ଭାରତରେ ବନ୍ୟ ଉଦ୍ୟାନ ଏବଂ ଅଭୟାରଣ୍ୟ ପାଇଁ ପ୍ରସିଦ୍ଧ ଓଡ଼ିଶା ଅଗଣିତ ବିରଳ ବନସ୍ପତି ଏବଂ ଜୀବଜନ୍ତୁ ପ୍ରଜାତିର ଆଶ୍ରୟସ୍ଥଳୀ। ସବୁଠୁ ଗହନ ଜଙ୍ଗଲ ଏବଂ ନାଲି ରେଶମ ପଶମ ଶାଢ଼ି, ବନ୍ୟ ଉଦ୍ୟାନର ଅଧିକାରୀ ଓଡ଼ିଶା ଏସୀୟ ସିଂହର ଜନ୍ମସ୍ଥଳୀ ଭାବେ ନିଜକୁ ପ୍ରମାଣିତ କରିସାରିଛି। ଓଡ଼ିଶାରେ ୬୬୧୧.୧୨ ବର୍ଗକିଲୋମିଟର ପରିମିତ ସଂରକ୍ଷିତ ଅଞ୍ଚଳ ନେଟୱାର୍କରେ ୧୮ଗୋଟି ଅଭୟାରଣ୍ୟ, ଏକ ଜାତୀୟ ଉଦ୍ୟାନ ଏବଂ ଗୋଟିଏ ପ୍ରସ୍ତାବିତ ଜାତୀୟ ପାର୍କ ଅବସ୍ଥିତ। ଏହି ବନ୍ୟ ଉଦ୍ୟାନଗୁଡ଼ିକ ରାଜ୍ୟର ୪.୨୫ ଭୌଗୋଳିକ ଅଞ୍ଚଳ ଏବଂ ୧୧.୩୭ ବନାଞ୍ଚଳକୁ ନେଇ ଗଠିତ। ଏଥିସହିତ ଓଡ଼ିଶାର ଅତୁଳନୀୟ କଳା ସଂସ୍କୃତି ଓ ପରମ୍ପରା ଦେଶବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହ ପ୍ରତିବର୍ଷ ରାଜ୍ୟକୁ ସେମାନଙ୍କୁ ରାଜ୍ୟକୁ ଟାଣି ଆଣିଥାଏ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ,
କଟକ,
ମୋ: ୯୯୩୭୧୭୨୮୧୦

# ବିପ୍ଲବୀ ଭଗତ ସିଂ



## ଅକ୍ଷୟ କୁମାର ରାଉତ

ପବିତ୍ର ବୀରଭୂମି ଭାରତ ଯାହାର ପ୍ରାଚୀନ ଐତିହ ସଂସ୍କୃତି, ଗୌରବ ସମ୍ବଳିତ, ଯେଉଁଠାରେ ଜନ୍ମ ନେଇଥିଲେ ପର୍ଶୁରାମ, ରାମ ଓ ବଳରାମ। ସେହି ପୂନ୍ୟ ଭୂମିରେ ଦେଶପ୍ରେମ ମାନବର ଏକ ମହନୀୟ ପ୍ରବୃତି। ଦେଶପ୍ରେମ ଏକ ଦିବ୍ୟ ଚେତନା। ଯେଉଁ ଦେଶ ପ୍ରେମରେ ଉଦ୍‌ବୁଦ୍ଧ ହୋଇ ଚବିଶ ବର୍ଷର ସାହସୀ ଯୁବକଟିଏ ହସି ହସି ଫାଶୀଖୁଣ୍ଟରେ ଝୁଲି ସହିଦ ହୋଇଗଲା ତାର ନାମ ଭଗତ୍ ସିଂ। ୧୯୦୭ ମସିହା ସେପ୍ଟେମ୍ବର ମାସ ୨୭ ତାରିଖରେ ପଞ୍ଜାବର ଲୟାଲପୁର ଜିଲ୍ଲା (ବର୍ତ୍ତମାନର ପାକିସ୍ତାନ) ବଙ୍ଗାଗ୍ରାମର ସର୍ଦ୍ଦାର କିଷନ୍ ସିଂ ଓ ବିଦ୍ୟାବତୀ କୋଳ ମଣ୍ଡନ କଲେ ଦେଶ ପ୍ରେମୀ ସାହାସୀ ଭଗତ୍ ସିଂ।

ଭଗତ୍ ସିଂ ଜେଜେବାପା ଅର୍ଜୁନ ସିଂ ଇଂରେଜ ଶାସନକୁ ଘୃଣା କରୁଥିଲେ। ତାଙ୍କର ପ୍ରଭାବ ପିଲମାନଙ୍କ ଉପରେ ପଡିଥିଲା। ବିଦ୍ରୋହରେ ଯୋଗଦେଇ ସର୍ଦ୍ଦାର କିଷନ୍ ସିଂ ଓ ତାଙ୍କର ଦୁଇଭାଇ ଜେଲ୍ ଭୋଗିଲେ। ସେମାନେ ବନ୍ଦୀଶାଳାରେ ଥିବା ସମୟରେ ଭଗତ୍ ସିଂ ଜନ୍ମ ଗ୍ରହଣ କରିଥିଲେ। ଭଗତ୍ ସିଂ ପ୍ରଥମେ ଖାଲସା ସ୍କୁଲ, ପରେ ଲାହୋରର ଆଂଗ୍ଲୋବେଦିକ୍ ସ୍କୁଲରେ ପାଠ ପଢିଲେ। ସେହି ସ୍କୁଲରେ ମାଟ୍ରିକୁଲେଶନ ପାଶ୍ କରିବା ପରେ ଲାହୋର ନ୍ୟାସନାଲ କଲେଜରେ ପାଠ ପଢିଲେ। ସେ କଲେଜରେ ବିପ୍ଲବୀ ଛାତ୍ର ସୁଖଦେବ ଓ ଯଶ ପାଲଙ୍କ ସହିତ ତାଙ୍କର ପରିଚୟ ହେଲା।

ଭଗତ୍ ସିଂ ନବମ ପଢୁଥିବା ସମୟରେ କାନପୁରଠାରେ ବସିଥିବା କଂଗ୍ରେସ ଅଧିବେଶନରେ ଯୋଗ ଦେଲେ। ୧୪ ବର୍ଷର ପିଲାଟି ଇଂରେଜ ସରକାରଙ୍କ ଅତ୍ୟାଚାର ସହି ନପାରି ପଞ୍ଜାବର ବିପ୍ଲବୀ ଦଳରେ ମିଶି ପ୍ରତିବାଦ ଆରମ୍ଭ କରିଦେଲେ। ସେ କହୁଥିଲେ ' ରକ୍ତ ବଦଳରେ ରକ୍ତ' ନ୍ୟାସନାଲ କଲେଜର ବାତାବରଣ ଥିଲା ଦେଶପ୍ରେମ ଓ ଦେଶଭକ୍ତିର ପରିବେଶ। ଏହି କଲେଜର ଉଦ୍ଦେଶ୍ୟ ଥିଲା। ସ୍ୱରାଜ୍ୟ ଲାଭ ପାଇଁ କର୍ମୀ ତିଆରି କରିବା । ଏହି କଲେଜର ଛାତ୍ରମାନେ ସରଳ ନିତାୟର ଜୀବନଯାପନ ସାଙ୍ଗକୁ ନିଜ କାମ ନିଜେ କରୁଥିଲେ।

ଦିନେ ଭଗତ୍ ସିଂ, ଯଶପାଲଙ୍କ ସାଥିରେ ରାବି ନଦୀରେ ସନ୍ଧ୍ୟା ସମୟରେ ନୌକା ବିହାର କରୁଥିଲେ। ହଠାତ୍ ଯଶପାଲ କହିଲେ ଭଗତ୍ ଆମେ ଆଜି ଉଭୟ ଦେଶ ପାଇଁ ଜୀବନ ଦେବାକୁ ପଣ କରିବା। ଭଗତ୍ ସିଂ ପ୍ରତିଜ୍ଞା କଲେ ଉଭୟ ଦେଶ ପାଇଁ ଲଢିବା, ଇଂରେଜ ଶାସନ କବଳରୁ ଦେଶକୁ ମୁକ୍ତ କରିବା। ଦେଶ ମାତୃକା ପାଇଁ ଜୀବନ ଦେଇ ଦେବା । ଉଭୟ ବନ୍ଧୁଙ୍କର ରାବି ନଦୀର ଜଳରାଶି ଉପରେ ପ୍ରତିଜ୍ଞା ଦିନେ ଫଳବତୀ ହେଲା।

ପରାଧିନତାର ଶୃଙ୍ଖଳରେ ଶୋଇଥିବା ଦେଶକୁ ଉଠାଇବ କିଏ ? ଭଗତ୍ ସିଂ ଓ ତାଙ୍କର କିଛି ବନ୍ଧୁ ମିଶି 'କୃଷ୍ଣ ବିଜୟ' ନାମରେ ଏକ ନାଟକ ଅଭିନୟ କଲେ। ଏହି ନିଟକରେ ଇଂରେଜମାନଙ୍କୁ କୌରବ ଓ କଂଗ୍ରେସକୁ ପାଣ୍ଡବ ଭାବରେ ବର୍ଣ୍ଣନା କରାଗଲା। ଏହି ନାଟକଟି ସରକାରଙ୍କ ବିରୋଧି ହେଲା। ଇଂରେଜ ସରକାର ନାଟକଟିକୁ ବେଆଇନ ଘୋଷଣା କଲେ। ୧୯୨୬ ମସିହାରେ ଭଗତ୍ ସିଂ ଏଫ.ଏ ପାଶ କରି ବି.ଏ ଶ୍ରେଣିରେ ନାମ ଲେଖାଇଲେ। ଏଠାରେ ପ୍ରସିଦ୍ଧ ବିପ୍ଲବୀ ଶଚୀନ୍ଦ୍ର ନାଥ ସାନ୍ୟାଲଙ୍କର ସେଥିଲେ ଅତି ବିଶ୍ୱସ୍ତ। ଶଚୀନ୍ଦ୍ର ତାଙ୍କ ବହି 'ବନ୍ଦୀ ଜୀବନ'ରେ ଭଗତ୍ ସିଂଙ୍କ ବିଷୟରେ ଲେଖିଛନ୍ତି।

ଭଗତ୍ ସିଂଙ୍କ ଛାତ୍ର ଜୀବନର ପୂର୍ଣ୍ଣଚ୍ଛେଦ ପଡିଲା। ପିତା କିଷନ୍ ସିଂ ବଡ ପୁଅ ଜଗତ୍ ସିଂଙ୍କର ମୃତ୍ୟୁପରେ ବୋହୂଟିଏ ଆଣିବାକୁ ମନସ୍ତ କରିଥିଲେ। କିନ୍ତୁ ତାହା ହୋଇପାରିଲା ନାହିଁ। ଭଗତ ସିଂ ଦେଶ ମାତୃକାର ସେବା ପାଇଁ ବିବାହ ବନ୍ଧନକୁ ଆଡେଇ ଦେଇଥିଲେ। ସେ ବିଭା ହୁଅନ୍ତେ କିପରି ? ଦେଶ ପାଇଁ ଜୀବନ ଦେବାକୁ ପଣ କରିଛନ୍ତି। ବିବାହ ବନ୍ଧନକୁ ଆଡେଇ ଦେଇ ନିଖୋଜ ହୋଇଗଲେ। ପିତାଙ୍କ ନିକଟକୁ ଲେଖିଥିବା ଚିଠିରେ ଦେଶ ମାତୃକାର ସେବା ଥିଲା ତାଙ୍କର ପ୍ରଧାନ ଆଭିମୁଖ୍ୟ। ଦେଶଭକ୍ତ ପିତା ଚିଠିଟି ପଢି ଖୁସିରେ ଆଖିରୁ ଦୁଇଟୋପା ଲୁହ ନିଗାଡି ଦେଇଥିଲେ। କିଛି ଦିନପରେ କିଷନ୍ ସିଂ ପୁତ୍ର ନିକଟକ ଚିଠି ଲେଖିଲେ। ଜେଜେମାଙ୍କ ଦେହ ଖରାପ ଓ ତୋତେ ବିଭାଦେବାକୁ ବାଧ କରାଯିବ ନାହିଁ। ଛମାସ ପରେ ଭଗତ୍ ସିଂ ଘରକୁ ଫେରି ଜେଜେମାର ସେବା କଲେ।

ଗଙ୍ଗାନଦୀରେ ବନ୍ୟା ଆସିଥାଏ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହିତ ଭଗତ୍ ସିଂ ବନ୍ୟାଦ୍ୱାରା କ୍ଷତି ହୋଇଥିବା ଲୋକମାନଙ୍କ ସେବାରେ ଲାଗିପଡଲେ। ଏହି ସମୟରେ ତାଙ୍କର ବିପ୍ଲବୀ ଚନ୍ଦ୍ରଶେଖର ଆଜାଦ୍‌ଙ୍କ ସହିତ କାନପୁର ଠାରେ ସାକ୍ଷାତହେଲା। ଏହି ସାକ୍ଷାତ ଏକ ଗୁରୁତ୍ୱପୂର୍ଣ୍ଣ ମୂର୍ହୁତଥିଲା। ସତେ କଣ ମଣୀକାଂଚନର ଅପୂର୍ବ ମିଳନ ଘଟିଲା। ଦଶହରା ପର୍ବ, ମା ଦୁର୍ଗାଙ୍କ ପୂଜା ଚାଲିଯାଏ। ଲାହୋରରେ 'ରାମଲୀଳା' ଉତ୍ସବରେ ଲୋକମାନଙ୍କ ଉପରେ ବୋମାମାଡ ହେଲା। ପଞ୍ଜାବ ପୋଲିସ୍ ବାହିନୀର ଅତ୍ୟାଚାରରେ ଗିରଫ ହେଲେ ୧୯ ବର୍ଷର ଭଗତ ସିଂ। ବିନାଦୋଷରେ ବନ୍ଦୀ ଜୀବନ କଟାଇଲେ ବ୍ରୋଷ୍ଟଲ ଜେଲର ଅନ୍ଧକାର ଗୃହ ମଧ୍ୟରେ । ମାଜିଷ୍ଟ୍ରେଟ ଷାଠିଏ ହଜାର ଟଙ୍କା ବନ୍ଧକ ଦେଇ ଜାମିନରେ ଛାଡିଦେବାକୁ ରାୟ ଦେଲେ। ତାଙ୍କର ପଇସାର ଅଭାବ ନଥିଲା। ଅନ୍ୟାୟକୁ ପ୍ରଶୟ ଦେଲେ ନାହିଁ। ଶେଷରେ ଉଚ୍ଚ ଅଦାଲତରେ ନିର୍ଦ୍ଦୋଷରେ ଖଲାସ ହେଲେ।

୧୯୨୮ ମସିହାରେ "ସାଇମନ କମିଶନ" ଭାରତ ଆସିଥିଲେ। ଏହି କମିଶନରେ ସାତଜଣ ସଭ୍ୟ କେହି ଭାରତୀୟ ନଥିଲେ। ଭାରତୀୟମାନେ ଏହାକୁ ବିରୋଧ କଲେ। ଲାଲା ଲଜପତ୍ ରାୟଙ୍କ ନେତୃତ୍ୱରେ ଲୋକମାନେ ଆନ୍ଦୋଳନ କଲେ। ବିକ୍ଷୋଭକାରୀ ମାନଙ୍କ ଉପରେ ପୋଲିସ୍ ସୁପରିନ୍‌ଟେଣ୍ଡେଟ୍ ସ୍କଟ୍ ଓ ଯେ.ପି ସାଣ୍ଡର୍ସ ସାହେବ ଲାଠି ଚଳାଇଲେ। ଏହି ଲାଠି ମାଡରେ ଲାଲା ଲଜପତ୍ ରାୟ ୧୯୨୮ ମସିହା ନଭେମ୍ବର ୧୭ ତାରିଖରେ ପ୍ରାଣ ହରାଇଥିଲେ। ଦେଶରେ ଶୋକର ଛାୟା ଖେଳିଗଲା। ଭଗତ୍ ସିଂ କାନ୍ଦି ଉଠିଲେ। ପ୍ରତିଶୋଧ ନେବା ପାଇଁ "ହିନ୍ଦୁସ୍ଥାନ ସୋସାଲିଷ୍ଟ ରିପବ୍ଲକାନ୍ ଆର୍ମି" ନାମକ ଏକ ସଙ୍ଗଠନ ଗଢା ହେଲା। ଏଥିରେ ଚନ୍ଦ୍ରଶେଖର ଆ।ଜ।ଦ୍, ସୁଖଦେବ,ଦୁର୍ଗାଦେବୀ ଓ ଭଗତ ସିଂ ଆଦି ବିପ୍ଲବୀ ଯୋଗଦେଲେ। ୧୯୨୮ ଡିସେମ୍ବର ୨୭ ତାରିଖ ଦିନ ପଞ୍ଜାବ ସଚିବାଳୟ ସାମ୍ନାରେ ଯେ.ପି ସାଣ୍ଡର୍ସ ଓ ଜଣେ ଗୋରା କନେଷ୍ଟବଳକୁ ହତ୍ୟା କରାଗଲା। ଏହାର ମୁଖ୍ୟନାୟକ ଥିଲେ ଭଗତ୍ ସିଂ। ରାଜଗୁର, ସୁକଦେବ, ଦୁର୍ଗାଦେବୀ ଓ ଭଗତ୍ ସିଂ ଛଦ୍ମବେଶରେ ପୋଲିସ୍ ଆଖିରେ ଧୂଳିଦେଇ କଲିକତା ପଳାଇଗଲେ। ଖଟିଖିଆ ଶ୍ରମିକମାନଙ୍କ ବିରୁଦ୍ଧରେ ଏକ ବିଲ୍ ବିଧାନସଭାରେ ଆଗତହେଲା। ଏହାକୁ ବିରୋଧ କରି ଭଗତ୍ ସିଂ ବିପ୍ଲବୀ ବନ୍ଧୁମାନଙ୍କୁ ନେଇ ବିଧାନସଭାରେ ଦୁଇଟି ବୋମା ପକାଇଦେଲେ। ଗୋରାସାହେବମାନେ ଜୀବନ ବିକଳରେ ପଳାଇଗଲେ। ବିପ୍ଲବୀମାନଙ୍କ "ଇନ୍‌କିଲାବ ଜିନ୍ଦାବାଦ୍" ଧ୍ୱନିରେ ବିଧାନସଭା ପ୍ରକମ୍ପିତ ହେଲା। ଭଗତ୍ ସିଂ ଓ ଅନ୍ୟାନ୍ୟ ବିପ୍ଲବୀମାନେ ପୋଲିସ ହାତରେ ଧରାପଡି ଗିରଫ ହେଲେ। ଜେଲର ଚାରିକାନ୍ଥ ଭିତରେ ଭଗତ ସିଂଙ୍କ ଉପରେ ହେଲା ଅତ୍ୟାଚାର।

ବନ୍ଦୀ ଜୀବନରେ ଭଗତ୍ ସିଂ ବହୁତ ବହି ପଢୁଥିଲେ। ୧୯୩୦ ମସିହାରେ ତିନି ବିପ୍ଲବୀ ବନ୍ଧୁ ସୁଖଦେବ ଓ ଶିବରାମ ସହିତ ଭଗତ୍ ସିଂଙ୍କୁ ଫାଶୀଦଣ୍ଡ ଆଦେଶହେଲା। ଫାଶୀ ଦଣ୍ଡ କଥା ଶୁଣି ଦେଶର ଲୋକମାନେ ଆନ୍ଦୋଳନ ଆରମ୍ଭ କରିଦେଲେ। ୧୯୩୧ ମସିହା ମାର୍ଚ୍ଚ ୩ ତାରିଖ ଦିନ ଭଗତ୍ ସିଂଙ୍କ ବାପାମାଆ ଓ ଅନ୍ୟମାନେ ଭଗତ୍ ସିଂଙ୍କୁ ଦେଖାକଲେ। ଭଗତ୍ ସିଂ ତାଙ୍କ ମାଙ୍କୁ କହିଲେ " ଫାଶୀ ପରେ ମୋର ଶବକୁ ନେବା ପାଇଁ ଆସିବ ନାହିଁ। ଜଣେ ବିପ୍ଲବୀ ବୀରର ମାଆ ହିସାବରେ କାନ୍ଦିବ ନାହିଁ। " ଏହା କହି ହସି ଉଠିଥିଲେ । ୧୯୩୧ ମସିହା ମାର୍ଚ୍ଚ ୨୩ ତାରିଖ ଦିନ ଭଗତ୍ ସିଂ, ସୁଖଦେବ, ରାଜଗୁରୁଙ୍କର ଥିଲା ଶେଷ ଦିନ। ଭଗତ୍ ସିଂ କହିଲେ-" ମାଜଷ୍ଟ୍ରେଟ ସାହେବ। ଆଜି ଆପଣ ନିଜ ଆଖିରେ ଦେଖିବାକୁ ସୁଯୋଗ ପାଇଛନ୍ତି ବିପ୍ଲବୀ କିପରି ନିଜ ଆଦର୍ଶ ରକ୍ଷା କରୁଛି। ହସି ହସି ମୃତ୍ୟୁକୁ ଆଲିଙ୍ଗନ କରୁଛି" ଭଗତ୍ ସିଂ ସାଥିମାନଙ୍କ ସହ ଫାଶୀ ମଂଚ ଉପରକୁ ଉଠି ପଡିଲେ। ଫାଶୀ ଦଉଡିକୁ ଚୁମ୍ବନଦେଇ "ଇନକିଲାବ୍ ଜିନ୍ଦାବାଦ ସାମ୍ରାଜ୍ୟବାଦ ମୁର୍ଦ୍ଦାବାଦ" । ଭଗତ୍ ସିଂ ଓ ଦୁଇ ବନ୍ଧୁ ନିଜ ବେକରେ ଫାଶୀ ଦଉଡି ଗଳେଇ ଦେଇ ଘାତକୁ କହିଲେ "ଦୟାକରି ତୁମେ ଏ ଫାଶୀକୁ ଠିକ କରିଦିଅ"। ସେଠାରେ ଥିବା ସମସ୍ତ ଗୋରା ସାହେବ ଏହି ତିନି ବନ୍ଧୁଙ୍କର ସାହସ ଦେଖି କାନ୍ଦି ପକାଇଥିଲେ। ଭାରତମାତାର ଏହି ତିନି ବୀର ଦେଶ ମାତୃକାର ଚରଣ ତଳେ ଅର୍ପିତ ହୋଇଗଲେ। ତାଙ୍କର ଆଦର୍ଶ, ଦେଶପ୍ରେମ ଓ ଆତ୍ମବଳିର ପଟାନ୍ତର ନାହିଁ। ଭଗତ୍ ସିଂ ମରି ମଧ ଆଜି ଅମର, ଆଜି ଭାରତର ମାଟି, ପାଣି,ପବନରେ ତାଙ୍କର ବଳିଦାନର ଅପୂର୍ବଗାଥା ଗୁଞ୍ଜରିତ ହୋଉଛି ଓ ଭବିଷ୍ୟତରେ ହେଉଥିବ।



+ ପାରାଦ୍ୱୀପଗଡ, କୁଜଙ୍ଗ,
ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫






## ଜଗତ ଜନନୀ
### ଟିନା ଚଲାନ

ଜଗତ ଜନନୀ, ଦୁର୍ଗତି ନାଶିନୀ
ଜୟ ମା ଦୁର୍ଗା ଭବାନୀ
କରୁଣା ଦାୟିନୀ କଲ୍ୟାଣ କାରିଣୀ
ତୁମେ ଦୁଃଖ ବିନାଶିନୀ ।

କେତେ ରୂପେ ତୁମେ ପୂଜା
ଯେ ପାଉଛ
ହୋଇ ଚଉସଠୀ ଯୋଗୀନି
କେବେ ଅଷ୍ଟଭୂଜା କେବେ ଦଶଭୂଜା
ତୁମେ ତ ସିଂହବାହିନୀ ।

ସଂସାରରେ ପାପ ଯେବେ ହୁଏ ଭାରି
ଆସ ତୁମେ ମହିଷାମର୍ଦ୍ଦିନୀ
ତୁମରି କୃପାରେ ଦୁଃଖ ହୁଏ ଦୂର
ତୁମେ ତ ମଙ୍ଗଳ କାରିଣୀ ।

ତୁମ ଦର୍ଶନ କଲେ ଜୀବନ ହୁଏ ଧନ୍ୟ
ତୁମେ ତ ଶକ୍ତି ସ୍ୱରୂପିଣୀ
ହେ ଜଗଦମ୍ବା ହେ ମହାମାୟୀ ମାତା
ତୁମେ ତ ଲକ୍ଷ୍ମୀ ନାରାୟଣୀ ।

ତୁମରି ଆଶିଷ ସଦା ଥାଉ ମୋ
ଉପରେ
ତୁମେ ତ ଅଭୟ ଦାୟିନୀ
ସାରା ଜଗତର ଆଦିମାତା ତୁମେ
ତୁମେ ତ ଜଗତଜନନୀ ।

+ଖଡ଼ିଆଳ, ନୂଆପଡ଼ା
ମୋ: ୭୦୭୭୯୫୦୦୨୩

## ଜୀବନକୁ ଯେମିତି ମୁଁ ଦେଖିଛି
### ନୀଳମଣି ଚାନ୍ଦ



ଏଇ ତ ଜୀବନ ଆହା
ଯେମିତି ମୁଁ ଦେଖିଛି
ଅନୁଭବ କଲି ଯାହା
ଠିକ୍ ତାହା ଲେଖିଛି।
ଜୀବନକୁ ଦେଖିଥିଲି
ନାଟକର ରୂପରେ
ବସିରହିଥିଲା ସିଏ ସଂଳାପର ସ୍ତୂପରେ
କେତେ ଦୃଶ୍ୟ କେତେ
ଅଙ୍କ ତା ପାଖରେ ରଖିଛି।
ସିଏ ଉପନ୍ୟାସଟିଏ ଦୀର୍ଘ ପଥ ପରିକା
ସୁଖ ଦୁଃଖ ଯଷ୍ଟି ଧରି ଯାଏ ଡରିଡରିକା
ଜୀବନ ଗୋଧୂଳି ବେଳା ଦେଖି
ଠିକ୍ ପଢ଼ିଛି।
ଅଢ଼େଇ ପୃଷ୍ଠାର ସିଏ
ସତେ ଗୋଟେ ଗଳପ
ଦୁଃଖ ତହିଁ ଖୁନ୍ଦାଖୁନ୍ଦି ସୁଖ ଥିଲା ଅଳପ
ହାରିଛି ମୁଁ କେତେଥର
ହେଲେ କେତେ ଲଢ଼ିଛି ।
ବୁଝି ବି ଅବୁଝା ସିଏ
ମୋ ପାଇଁରେ ରହିଲା
ସେ ଏମିତି ଗଣିତଟେ
ସମାଧାନ ନୋହିଲା
ବୁଝିବାକୁ ଆଉ କିଛି ଦିନ
ଜିଇଁ ରହିଛି।

+ ମନ୍ତ୍ରମାନୋର, ଗୋଠପାଟଣା
ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

# ପୂର୍ବଜନ୍ମ କର୍ମଫଳ



## ପ୍ରଦ୍ୟୁମ୍ନ ପଟ୍ଟନାୟକ

ଗୋଟିଏ ଜଙ୍ଗଲରେ ବିଭିନ୍ନ ଜାତିର ପଶୁ ପକ୍ଷୀ ରହୁଥାଆନ୍ତି। ସେଠାରେ ଶିକାରୀମାନଙ୍କ ପ୍ରବେଶ ନିଷେଧ ଥାଏ। ତେଣୁ ତାକୁ ଅଭୟାରଣ୍ୟ କୁହା ଯାଉଥାଏ । ସେଠାରେ ଜଙ୍ଗଲୀ ଜନ୍ତୁ ମାନେ ମନ ଇଚ୍ଛା ଚଳ ପ୍ରଚଳ ହେଉ ଥାଆନ୍ତି । ବିଶେଷ କରି ନିରୀହ ଜୀବ ହରିଣ, ଠେକୁଆ, ମାଙ୍କଡ଼ ଆଦି ଦୁବ ଘାସ, ଡାଳ ପତ୍ର, ଫୁଲ ଫଳ ଖାଇ ଆନନ୍ଦରେ ଥାଆନ୍ତି ।

ଦିନେ ରାତି ଅନ୍ଧାରରେ ଗୋଟିଏ ଶିକାରୀ ଜାଲ ବିଛାଇଥିଲା । ଅନ୍ଧାରରେ ଦେଖି ନପାରି ଗୋଟିଏ ହରିଣ ସେ ଶିକାରୀ ଜାଲରେ ପଡ଼ି ଗଲା । ଯେତେ ଚେଷ୍ଟା କରିବି ସେଥିରୁ ମୁକୁଳି ପାରିଲା ନାହିଁ । ପରଦିନ ସକାଳୁ ଆସି ଶିକାରୀ ତା' ଜାଲରେ ପଡ଼ିଥିବା ହରିଣକୁ ଦେଖି ବହୁତ ଖୁସି ହୋଇଗଲା । ଶିକାରୀକୁ ଦେଖି ହରିଣ ଜାଲ ଛିଣ୍ଡାଇ ଦୌଡ଼ି ପଳାଇବ ଭାବୁଥିଲା । ସେ ଉଠି ପଡ଼ି ଦୌଡ଼ିବା ଆଗରୁ ଶିକାରୀର ଗୁଳିରେ ଟଳି ପଡ଼ିଲା।

ହରିଣଟି ଯନ୍ତ୍ରଣାରେ ଛଟ ପଟ ହେଉଥିବା ବେଳେ ତା' ଦେହରୁ ରକ୍ତ ବୋହି



ଯାଉଥାଏ । ତା' ଜୀବନ ଚାଲିଯିବା ଆଗରୁ ସେ ଶିକାରୀକୁ ଅଭିଶାପ ଦେଲା ଏବଂ ଈଶ୍ୱରଙ୍କୁ ପ୍ରାର୍ଥନା କରି କହିଲା, ପରଜନ୍ମରେ ସେ ଗୋଟିଏ ଶିକାରୀ ହୋଇ ଜନ୍ମ ନେଉ ଏବଂ ଶିକାରୀ ଜଣକ ଗୋଟିଏ ନିରୀହ ଜନ୍ତୁ ହୋଇ ଜନ୍ମ ହେଉ ।

ହରିଣର ଶେଷ ପ୍ରାର୍ଥନା ଭଗବାନ ଶୁଣିଲେ । ଶିକାରୀ ମଲା ହରିଣକୁ କାନ୍ଧରେ ପକାଇ ଚାଲୁଥିବା ବେଳେ ବଣ ଭିଭାଗ ସୁରକ୍ଷା କର୍ମୀଙ୍କୁ ଦେଖି ହରିଣକୁ ସେଇଠି ପକାଇ ଦୌଡ଼ି ପଳାଉଥିଲା । ସୁରକ୍ଷା କର୍ମୀଙ୍କ ଗୁଳିରେ ନିଜେ ଟଳି ପଡ଼ିଲା । ହରିଣ ସହ ଶିକାରୀ ବି ସେଇଠି ପ୍ରାଣ ହରାଇଲା । ଉଭୟ ଶିକାରୀ ଏବଂ ହରିଣ ପୁଣି ସେହି ଜଙ୍ଗଲରେ କିଛି ଦିନ ପରେ ଜନ୍ମ ନେଲେ । ଶିକାରୀ ଗୋଟିଏ ଶଶକ ହୋଇ ଜନ୍ମ ନେବା ବେଳେ ହରିଣ ଗୋଟିଏ ଅଜଗର ହୋଇ ଜନ୍ମ ନେଲା । ଦୁହେଁ ଛୋଟରୁ ବଡ଼ ହେବାକୁ ଲାଗିଲେ ।

ସେହି ଜଙ୍ଗଲରେ ଥିବା ଗୋଟିଏ ବଡ଼ ଓସ୍ତ ଗଛ ଉପରେ ରହୁଥାଏ ଗୋଟିଏ ବୁଢ଼ା କାଉ । ତାକୁ ଏସବୁ କଥା ଜଣାଥାଏ । ହରିଣକୁ ମାରିବା ଏବଂ ବନରକ୍ଷୀଙ୍କ ଗୁଳିରେ ନିଜେ ଶିକାରୀ ପ୍ରାଣ ହରାଇବା ସେ ନିଜ ଆଖିରେ ଦେଖିଥାଏ । ଦୈବୀଶକ୍ତି ବଳରେ ତାକୁ ଜଣାଥାଏ ହରିଣ ଅଜଗର ଓ ଶିକାରୀ ଶଶକ ହୋଇ ଜନ୍ମ ନେଇଛନ୍ତି ସେହି ଜଙ୍ଗଲରେ ।

ଦିନେ ଅଜଗର ଭୋକିଲା ହୋଇ ଖାଇବା ଖୋଜି ଖୋଜି ଆସି ଶଶକ ରହୁଥିବା ଗାତ ପାଖରେ ପହଞ୍ଚି ଗଲା । ଶଶକ ଅଜଗରକୁ ଦେଖି ଗାତରେ ଲୁଚି ଗଲା । ଅଜଗର କିନ୍ତୁ ସେ ସ୍ଥାନ ଛାଡି ଗଲାନାହିଁ । ସେଇଠି ମଲା ଭଳି ପଡ଼ି ରହିଲା । କିଛି ସମୟ ପରେ ଶଶକ ଗାତରୁ ବାହାରି ଦେଖିଲା ଅଜଗର ମଲା ଭଳି ପଡ଼ି ଥାଏ, ଆଗକୁ ପଛକୁ ଯାଉନଥାଏ କି ହଲ ଚଲ ହେଉନଥାଏ । ଶଶକ ଭାବିଲା ବୋଧେ ଅଜଗର ମରି ଯାଇଛି । ସେ ତେଣୁ ଗାତରୁ ବାହାରି ଧୀରେ ଧୀରେ ଯାଉଥିଲା । ଅଜଗର ତାକୁ ଭିଡି ଆଣି ତା' ଦେହରେ ଗୁଡେଇ ହୋଇଗଲା । ଶଶକ ଯେତେ ଟାଣି ଓଠରି ହେଲେବି ଅଜଗର ଠାରୁ ମୁକୁଳି ପାରିଲା ନାହିଁ ।

ଅଜଗର ଶଶକକୁ ଗିଳିବାକୁ ଯାଉଥିବା ବେଳେ ଗଛ ଉପରେ ବସିଥିବା କାଉ କା କା କରି ଉଡ଼ିଗଲା । ସେ ସାରା ଜଙ୍ଗଲରେ ବୁଲି କହି ବୁଲିଲା ହରିଣର ଅଭିଶାପ ସତ ହେଲା । ସେ ନିଜେ ଅଜଗର ଜନ୍ମ ନେଇ ଶଶକ ଭାବେ ଜନ୍ମ ନେଇଥିବା ଶିକାରୀକୁ ମାରି ଖାଇଦେଲା।

ଏକଥା ଶୁଣି ଜଙ୍ଗଲରେ ତପସ୍ୟା କରୁଥିବା ଜଣେ ଋଷି ତାଙ୍କ ଶିଷ୍ୟମାନଙ୍କୁ କହିଲେ, ଦେଖ ପୂର୍ବ ଜନ୍ମର କର୍ମ ଫଳ କେମିତି ଭୋଗିବାକୁ ପଡ଼ିଥାଏ । ତା' ବ୍ୟତୀତ ସେ ରାଜାଙ୍କୁ କହି ପୂରା ଜଙ୍ଗଲରେ ପଶୁ ଶିକାର ସମ୍ପୂର୍ଣ୍ଣ ବନ୍ଦ କରାଇ ଦେଲେ । ପଶୁଙ୍କ ଅଭିଶାପ ଭୟରେ ଆଉ କେହି ବି ଶିକାର କରିବାକୁ ବଣକୁ ଗଲେ ନାହିଁ ।


ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ ଟାୱାର
ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬


# ଜୟ ମା' ମାଣିକେଶ୍ୱରୀ



## କୁମୁଦିନୀ ଘି

ଧନ୍ୟ ଧନ୍ୟ ଧନ୍ୟ ହେଲା ମହାକାନ୍ତାର
ମାଆ ମାଣିକେଶ୍ୱରୀ ଗୋ ଜୁହାର।

ଯିଏ ଡାକଇ ଭକତି ଭାବେ 'ମା'
ଦେଉ ସ୍ନେହରେ ଆଶିଷ ସବୁନା;
ଜୟ ଜୟ ଗାଏ ଗିରି, ନିର୍ଝର
ସର୍ଗି, ବିଜା ଝାରେ ଖ, ଖଇର ।

ଯାତ୍ରା ଛତର ଦିନ ତୋ ଦର୍ଶନ
କରିଥାନ୍ତି ହିନ୍ଦୁ,ଶିଖ,ଯବନ;
ଧନ ଧାନ୍ୟେ ପୂର୍ଣ୍ଣ ମହାକାନ୍ତାର
ତୋର ସୁଦୟାରେ ଶକ୍ତି ଅପାର ।

ତୋର କୃପାବଳେ ଜଡେ ଜୀବନ
ମଣି ମାଣିକ୍ୟରେ ଭରା ଖୋଦାନ;
ସଂଚରୁଚି ସତ୍ୟ ଶିବ ସୁନ୍ଦର
ଦିବ୍ୟ ଜନନୀ ଗୋ ଭବ୍ୟ ପୟର ।

ଭବେ ସୁନ୍ଦର ଭବାନୀପାଟଣା
ଭାବ ଭକତିରେ ଗାଏ ବନ୍ଦନା;
ଦେଖି ସପନେ ହଟିବ ଅନ୍ଧାର
ଲେଖି କୁମୁଦିନୀ ହୁଏ ବିଭୋର ।


+ ଅଷ୍ଟମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ଜୁନାଗଡ, କଳାହାଣ୍ଡି




# ମୋବାଇଲ୍‌କୁ ପଦେ....

## ମମତା ଦାଶ

ମୋବାଇଲ ତୁ କି ନ କଲୁ
ଏତେ ଖାଇ ତୋର ଭୋକ ମେଣ୍ଟୁ ନାହିଁ
କ'ଣ ତୁ ଆଉ ବାକି ରଖିଲୁ।

ଟିଭି, ରେଡ଼ିଓକୁ ଚଲୁ କରିଦେଲୁ
ସିନେମା ହଲ୍‌କୁ ଭୁଲେଇ ଦେଲୁ।

ଖବର କାଗଜ ବଂଶ ବୁଡ଼ାଇଲୁ
ଅସଂଖ୍ୟ ଉପନ୍ୟାସ ଖାଇଦେଲୁ।

ମାସିକ ପତ୍ରିକା ଛୋଟ ଗପବହି
ସବୁ ଖାଇ କେବେ ଶାନ୍ତି ନ ହେଲୁ।

ଆଈ, ଜେଜେମା ଗପକୁ ଖାଇଲୁ
ନାନା ବାୟା ଗୀତ ପୋଡ଼ି ଖାଇଲୁ।

ଯୁବ ପିଢୀଙ୍କର ସାଙ୍ଗ ହସ ଖୁସି
ଖାଇ କେବେ ତୁହି ଶାନ୍ତି ନ ହେଲୁ
ଘରଣୀ ପଣ ଘରଣୀର ଖାଇଲୁ
ଶିଶୁର ଶୈଶବ ଖାଇ ତୁ ଦେଲୁ।

କୈଶୋର କ୍ରୀଡ଼ାକୁ ପାଟିରେ ପକାଇ
ଯୁବତୀଙ୍କ ନାଚ ଗୀତ ଖାଇଲୁ।

ମା'ର ମମତା, ପିତାଙ୍କ ପିତୃତ୍ୱ
ସବୁ ଥିରେ ନିଆଁ ଲଗେଇଦେଲୁ।

ଡିକ୍ସିନାରି, କାଲ୍ କୁଲେଟର୍‌କୁ ଖାଇ
ଲାଇବ୍ରେରୀ ଟାକୁ ଗିଳିଯେଦେଲୁ।

କାନ୍ଥଘଣ୍ଟା ହାତ ଘଣ୍ଟାକୁ ଖାଇଲୁ
କେତେ ଯେ ଦୋକାନ ବଜାର ଖାଇଲୁ
ବ୍ୟାଙ୍କ ଏଟିଏମ୍ ହଜମ କଲୁ।

ଡାକ୍ତର ବଇଦ ସଭିଙ୍କୁ ଖାଇଲୁ
କେତେ ଯେ କେଜାଣି ଟଙ୍କା ଖାଇଲୁ।

କିଣିବା ଜିନିଷ ବିକିବା ଦରବ
ସବୁକୁ ଖାଇ ଏକାକାର କଲୁ।

ଶିକ୍ଷକ ଶିକ୍ଷାର୍ଥୀ ସମ୍ପର୍କ ଖାଇଲୁ
ଏତେ ସବୁ କେମିତି ଖାଇଦେଲୁ।

ଏଡ଼େ ସାନ ହୋଇ ଏତେତୁ ଖାଇଲୁ
ବୋମାକୁ ବି ତୁହି ଛାଡ଼ି ନ ଦେଲୁ ।

ମୋବାଇଲ୍ ତୁ କି ନ କଲୁ।


+ଶହୀଦ ନଗର, ଭୁବନେଶ୍ୱର


# ବିଲୁଆ ବୁଝିଲା

## ରମେଶ ଚନ୍ଦ୍ର ଦାଶ



ବିଲୁଆ ଯେତେ ଭଲ କାମ କଲେ ବି ତାକୁ କେହି ଭଲପାଇଲେ ନାହିଁ । ତେଣୁ ସେ ଦିନେ ଚିନ୍ତାକଲା ତାର ବାସସ୍ଥାନ ଛାଡ଼ି ଚାଲିଯିବ । ସେଥିପାଇଁ ସେ ଦିନେ ସମସ୍ତେ ଶୋଇବା ପରେ ବାହାରିଗଲା । ବାଟରେ ଯାଉ ଯାଉ ବାଦୁଡ଼ିର ହାବୁଡ଼ରେ ପଡ଼ିଗଲା । ସେ ପଚାରିଲା- ବିଲୁଆ ଭାଇ ଏତେ ରାତିରେ କୁଆଡ଼େ ବାହାରିଛ ? ତୀର୍ଥ କରି ଯିବାର ଅଛି କି ? ବିଲୁଆ ତା ମୁହଁକୁ ଚାହିଁ କିଛି ନ କହିବାରୁ ପୁଣି ସେ ପଚାରିଲା- ଆଜି କ'ଣ ତୁମ ଦେହ ଭଲନାହିଁକି ? ସେ ବି କିଛି କହିଲା ନାହିଁ। ତାପରେ ବାଦୁଡ଼ି କହିଲା- ତୁମେ କିଛି ନକହିଲେ ନାହିଁ । ମୋତେ କିନ୍ତୁ ତୁମର ହୁକେ ହୋ ଡାକଟି ଶୁଣିବାକୁ ବହୁତ ଭଲ ଲାଗେ ବୋଲି ମୁଁ ଏତେକଥା ପଚାରୁଛି ।

ଏହାପରେ ବାଦୁଡ଼ି ତା' ବାଟରେ ଓ ବିଲୁଆ ତା' ବାଟରେ ଚାଲିଗଲେ । କିଛି ବାଟ ଯିବା ପରେ ତା'ର ପାଦ ବାଜି ପତ୍ର ଖଡ଼ଖଡ଼ ହେବାରୁ ଭୟରେ ଶାଗୁଣା ତା' ଛୁଆ ପାଖକୁ କିଏ ଆସୁଥିବାର ଆଶଙ୍କା କରି ଚାରିଆଡ଼କୁ ଚାହିଁଲା । ତା'ର ଯେତେବେଳେ ବିଲୁଆ ଉପରେ ନଜର ପଡ଼ିଯାଇଛି ସେ ଟିକେ ସ୍ଥିର ହେଲା । କାରଣ ବିଲୁଆ ତାର ବଢ଼ିଆ ବନ୍ଧୁ । କିନ୍ତୁ ବିଲୁଆର ବେଶଭୂଷା ଦେଖି ସେ ଆଶ୍ଚର୍ଯ୍ୟ ହୋଇ ପଚାରିଲା- ବିଲୁଆ ଭାଇ, ବିଲୁଆ ଭାଇ, ଏତେ ରାତିରେ କୁଆଡ଼େ ବାହାରିଛ ? ତାହା ଶୁଣି ବିଲୁଆ କହିଲା- ମୁଁ ଯୁଆଡ଼େ ଗଲେ ତୋର ଯାଏ ଆସେ କ'ଣ ? ତା'ର ରାଗ ଦେଖି ଶାଗୁଣା କହିଲା- ସତରେ ତୁମେ କ'ଣ ମୋ ଉପରେ ରାଗିଛ । ତୁମକୁ ଦିନେ ନଦେଖିଲେ ମୋତେ ପରା ଖାଇବାକୁ ଇଚ୍ଛା ହୁଏନି । ଧୀରେ ଧୀରେ ରାତି ପାହିବାକୁ ଯାଉଥାଏ । କୁଆ ସଜବାଜ ହୋଇ ତାର କାମ କରିବାକୁ ଗଲାବେଳେ ବିଲୁଆକୁ ଦେଖି ଟିକେ ଅଟକି ଗଲା । ସେ ଜାଣିଗଲା ବିଲୁଆର ମନର କଥା । କାରଣ ପୂର୍ବରୁ ବହୁଥର କୁଆ ତା' ଆଗରେ ବଣରେ ତାକୁ କିପରି ନିନ୍ଦା କରୁଛନ୍ତି ସେ କହିଛି ।

ବିଲୁଆ ବଣ ଛାଡ଼ି ଚାଲିଯାଉଥିବାର ଦେଖି କୁଆ କହିଲା- ତୁମେ ଗଲେ ମୁଁ କାହିଁ ରହିବି । ତୁମ ସହିତ ମିଶିଲେ ଯେଉଁ ଆନନ୍ଦ ମିଳେ ତାହା ଆଉ କେଉଁଠାରୁ ମିଳେନି । ତାପରେ କୁକୁର ବି ବିଲୁଆକୁ ପ୍ରଶଂସା କରି ଅନେକ କଥା କହିଲା । ତା'ପରେ ବିଲୁଆ ଭାବିଲା- ମୁଁ ପ୍ରକୃତରେ ବୋକା । ମୋତେ କେତେ କିଏ ଭଲ ପାଉଛନ୍ତି ମୁଁ ତାହା ଜାଣିନଥିଲି । ନିଜକୁ ନିଜେ ଛୋଟ ମନେକରିବା ଆଦୌ ଉଚିତ୍ ନୁହେଁ । ସେ ଫେରିଆସିବାରୁ ସମସ୍ତେ ତାକୁ ଦେଖି ଖୁସି ହେଲେ । ତାକୁ କେହି ଭଲ ପାଉନାହାନ୍ତି ବୋଲି ବିଲୁଆର ଯେଉଁ ଧାରଣା ଥିଲା ତାହା ଦୂର ହୋଇଗଲା ।


ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା,
ପୁରୀ-୨, ପୁରୀ
ଫୋନ୍-୯୭୭୬୨୩୮୫୨୨


# ଶୁଳିଆପଦା ବଣରେ ହୋଲି



## ନଗେନ୍ଦ୍ର ନାଥ ପଟ୍ଟନାୟକ



ଶୁଳିଆପଦା ବଣରେ ସବୁଜନ୍ତୁ ବେଶ୍ ଉତ୍ସାହିତ ଥିଲେ । ହୋଲି ପରବ ପାଖେଇ ଆସୁଥାଏ । 'କୁହ ଟୁଁ ଟୁଁ ଚଢେଇ,ଏଥର ହୋଲି ପରବ ପାଇଁ କ'ଣ ସବୁ ପ୍ରସ୍ତୁତ କରି ?' ଗଜୁ ହାତୀ କୌତୂହଳରେ ପଚାରିଲା ।

: 'ଗଜୁଦାଦା ! ମୁଁ ପତର ଓ ଫୁଲ ଏକାଠି କରୁଚି ,କାହିଁକିନା ମୁଁ ସେଥିରୁ ପ୍ରାକୃତିକ ରଙ୍ଗ ତିଆରି କରିପାରିବି । ଗତଥର ରସାୟନିକ ରଙ୍ଗରେ ନୟନ ହରିଣର ଚମ ସମସ୍ୟା ଉପୁଜିଲା ,ମନେଅଛି ନା ।' ଟୁଁ ଟୁଁ ଚଢେଇ ମନେପକାଇ କହିଲା ।

: 'ଗଜୁଦାଦା, ଆପଣଙ୍କ ପାଇଁ ତ ବହୁତ ରଙ୍ଗ ତିଆରି କରିବାକୁ ପଡିବ । ମୋ ଭଳି ଟିକି ଚଢେଇ ଦେଇ କଣ ହୋଇପାରିବ ।' ଟୁଁ ଟୁଁ କହିଲା ।

: 'ତୁମେ ଠିକକଥା କହିଛ, ଗଜୁଦାଦାଙ୍କ ପାଇଁ ରଙ୍ଗରେ ଭରପୂର ପୋଖରୀଟେ ଦରକାର । ତା'ହେଲେ ଯାଇ ଇଏ ଶୁଣ୍ଢରେ ଭରପୂର ରଙ୍ଗ ପାଇବ, ହଁ ନା ଗଜୁଦାଦା ।' ମନୁ ମୟୂର କହିଲାରୁ ଟୁଁ ଟୁଁ ଚଢେଇ ଓ ଗଜୁ ହାତୀ ଦୁହେଁ ଠୋ ଠୋ ହସିଉଠିଲେ । ସେତିକିବେଳେ ଚଂପୁ ମାଙ୍କଡ ଖୁବ୍ ବଡ ଚଷମାଟେ ଆଖିରେ ଲଗେଇ ବଡ ଅଜବ ଠାଣିରେ ସେ ଆଡିକି ଆସୁଥିବା ଦେଖାଗଲା। ମନୁ ତାକୁ ଦେଖି ବଡପାଟିରେ କୁହାଟ ଛାଡିଲା : ମନୁ ମୟୂର, ଏଠିକି ଆସ ।

: 'ଆରେ ଶୁଣ, ଚଂପୁ । ବହୁଦିନ ପରେ ଆମ ଶୁଳିଆପଦା ବଣକୁ ଆସିଚ । ଏବେ ବୋଧହୁଏ ତୁମର ସହର ପସନ୍ଦ ହୋଇଛି ।' ମନୁ ମୟୂର କହିଲା ।

: 'ଓହୋ ! ହଁ-ହଁ ପ୍ରିୟସାଙ୍ଗ ମୟୂର, ତୁମ ଠିକ୍ କଥା କହିଚ । ଏବେ ଫିଲ୍ମଗୁଡିକରେ କାମ ମିଳିଯାଇଚି ବୋଲି ତୁମକୁ କଣ ଜଣାନାଇଁ ? ମୋର ଗୋଟିଏ ଫିଲ୍ମ ହିଟ୍ ହେବା ମାତ୍ରେ ପ୍ରତ୍ୟେକ ନିର୍ଦ୍ଦେଶକ ମତେ ଫିଲ୍ମରେ ନେବାକୁ ଚାହୁଁଚନ୍ତି ।' ଚମ୍ପୁ ମାଙ୍କଡ ଆଖିରୁ ଚଷମାଟି ହଟେଇ କହିଲା ।

ଚମ୍ପୁ କଥା ଶୁଣି ସବୁଜନ୍ତୁ ପରସ୍ପର ଚାହାଁଚୁହିଁ ହୋଇ ମୁରୁକି ମୁରୁକି ହସୁଥିଲେ । ଚମ୍ପୁର ବଡିମା ଦେଖାଇବାର ସ୍ୱଭାବ ବାବଦରେ ସବୁ ଜନ୍ତୁଙ୍କୁ ତ ବେଶ୍ ମାଲୁମ । ପାଖାପାଖି ଦି ତିନିବର୍ଷ ଆଗରୁ ସେ ଶୁଳିଆପଦା ବଣ ଛାଡି ଫିଲ୍ମରେ କାମ କରିବା ପାଇଁ ସହର ଚାଲି ଯାଇଥିଲା । କୌଣସି ଫିଲ୍ମ ନ ମିଳିବାରୁ ସେ ସହରରେ ଥିବା ଏକ ଦୋକାନରେ କାମ କରୁଥିଲା; କିନ୍ତୁ ସେ ଶୁଳିଆପଦା ବଣକୁ ଆସିଲା ବେଳକୁ କହୁଛି ଫିଲ୍ମରେ ରୋଲ୍ କରୁଛି ବୋଲି ।

: 'ଆରେ ପ୍ରିୟସାଙ୍ଗ ଚମ୍ପୁ, ତୁ ତ ଏବେ ଷ୍ଟାର ବନିଗଲୁଣି । ଏଥରକ ହୋଲି ଆମ ସାଙ୍ଗରେ ପାଳନ କରିବୁ ...।'ଗଜୁହାତୀ କହିଲା ।

: 'ହୋଲି ,ବିଲକୁଲ ନୁହେଁ । କିଛିଦିନ ପରେ ମୋର ଫିଲ୍ମ ସୁଟିଂ ହେବାର ଅଛି । ତେଣୁ ମତେ ନିଜ ମୁହଁ ପ୍ରତି ବିଶେଷ ନିଘା ରଖିବାକୁ ପଡିବ ।' ଚମ୍ପୁ କହିଲା ।

: ରଙ୍ଗ ନ ଖେଳିଲେ ବି କିଛି କଥା ନାହିଁ । ମୁଁ ହୋଲି ପାଇଁ ଖୁବ୍ ସୁଆଦିଆ ଖାଦ୍ୟ ବନେଇଚି... ରନ୍ଧା ଖାଦ୍ୟର ଭରପୂର ଆନନ୍ଦ ଉଠେଇବା ।' ମନୁ ମୟୂର କହିଲା ।

: ନା-ବାବା-ନା ,ରନ୍ଧାଖାଦ୍ୟ ଖାଇ ମୁଁ ମୋ ଚେହେରା ଖରାପ କରିବିନି । ତୁମେ ଜାଣ ମୁଁ ତେଲ ଓ ମସଲାଦିଆ ଖାଦ୍ୟକୁ ଘୃଣାକରେ ।' ଚମ୍ପୁ ଉଦାସ ମୁହଁରେ କହି ସେଠୁ ଆଗକୁ ବଢିଲା ।

: 'ମନୁ ଭାଇ ! ଏ ଚମ୍ପୁଠାରେ ସହରୀ ରଙ୍ଗ ଜମା ହୋଇଛି । ଆମ ଶୁଳିଆପଦା ବଣର ଆତ୍ମୀୟତା ଓ ଭଲପାଇବା ଭୁଲିଗଲାଣି । କେତେ ବଡିମା ଦେଖାଉଛି । ପନ୍ଦର ଦିନ ଆଗରୁ ତ ଭୋଲା ଭାଲୁ ସହର ବୁଲିକରି ଆସିଥିଲା । ସେ ଚମ୍ପୁକୁ ଗୋଟିଏ ଦୋକାନରେ କାମ କରୁଥିବା ଦେଖିଥିଲା । ୟାକୁ ଦେଖ, ଏଇଠି ଆସି ଦାଦାଗିରି ଦେଖାଉଛି ।' ଟୁଁ ଟୁଁ ଚଢେଇ କହିଲା ।

ସେତିକିବେଳେ ନଟୁ ଠେକୁଆ ବି ସେଠିକି ଆସିଗଲା । ସବୁକଥା ଶୁଣିସାରି କହିଲା : 'ଏହା ସତ ଯେ ଚିଂପୁ ଫୁଟାଣି ମାରୁଛି; କିନ୍ତୁ ତା'ର ମନଟା ବହୁତ ଭଲ । କାରଣ ଆମେ ଏଥର ହୋଲିରେ ତାପାଇଁ ସ୍ମାରକୀ ତିଆରିବା ।

: 'ତାହା କେମିତି ସମ୍ଭବ ?' ଗଜୁ ହାତୀ ପଚାରିଲା ।

: 'ଆମେ ତାକୁ ରଙ୍ଗରେ ଏମିତି ଭିଜେଇ ଦେବା ଯେ ସେ ଆଉ ଶୁଳିଆପଦା ବଣର ହୋଲିକୁ ଜମା ଭୁଲି ପାରିବନି ।' ନଟୁ କହିଲା ।

: 'କିନ୍ତୁ ଚମ୍ପୁ ତ ରଙ୍ଗ ଖେଳିବା ଓ ରନ୍ଧାଖାଦ୍ୟ ଖାଇବାକୁ ମନା କରିଦେଇଛି ।' ଟୁଁ ଟୁଁ ଚଢେଇ କହିଲା ।

ନଟୁ ଠେକୁଆ ଉପାୟଟିଏ ପାଂଚି କହିଲା । ଉପାୟଟି ଶୁଣି ସମସ୍ତେ ଖୁସିରେ ବିଭୋର ହୋଇ ଉଠିଲେ । ଆଉ ସଭିଏଁ ଜୁଟିଗଲେ ଚମ୍ପୁକୁ ରଙ୍ଗରେ ଭିଜେଇ ଦେବାପାଇଁ ।

ହୋଲିକା ଦହନ ପରେ ଶୁଳିଆପଦା ବଣର ସବୁଜନ୍ତୁ ଗୋଟିଏ ଜାଗାରେ ଏକଜୁଟ ହେଲେ ରଙ୍ଗ ଖେଳିବା ପାଇଁ । ସେମିତି ଗୋଟେପଟେ ସୁଆଦିଆ ରନ୍ଧାଖାଦ୍ୟ ରଖା ଯାଇଥିଲା । ରନ୍ଧାଖାଦ୍ୟର ଭୁରୁଭୁରୁ ବାସ୍ନା ଶୁଳିଆପଦା ବଣସାରା ଚହଟି ଯାଇଥିଲା ।

: 'ମୁଁ ଆଉ ନିଜକୁ ସମ୍ଭାଳି ପାରୁନି । ପ୍ରଥମେ ମୁଁ ଲଡୁ ମିଠେଇ ଚାଖିବି କି ଦହିବରା ଖାଇବି ।' ନଟୁ ଠେକୁଆ କହିଲା ।

: 'ରହିଯା ନଟୁ, ଆମର ମହାରାଜା ସିଂହ ଆସିଯାଆନ୍ତୁ । ସେ ଆସିଲା ପରେ ଆମେ ହୋଲି ଖେଳିବା ଆରମ୍ଭ କରିବା ।' ଗଜୁହାତୀ କହିଲା ।

ସିଂହ ମହାରାଜା ଆସବା ପରେ ସବୁ ଜାନୁଆର ହୋଲି ଖେଳିବା ଆରମ୍ଭ କରିଦେଲେ। ଚମ୍ପୁ ମାଙ୍କଡ ସମସ୍ତଙ୍କୁ ଦୂରରୁ ଲକ୍ଷ କରୁଥିଲା । ମନୁ ମୟୂର ତା' କତିକି ଯାଇ କହିଲା : ' ପ୍ରିୟବନ୍ଧୁ ଚମ୍ପୁ, ତୁମେ ତ ଫିଲ୍ମରେ ଖୁବ୍ ବଢିଆ ଷ୍ଟଂଟ୍ ଦୃଶ୍ୟ ଦେଖାଉଛ । ଆଜି ହୋଲି ଦିନରେ ଆମ ସଭିଙ୍କୁ ଗୋଟେ ଷ୍ଟଂଟ ଦେଖାଅ ନା !

: 'ହଁ-ହଁ ଦେଖାଅ ନା ଚମ୍ପୁ ! ତୁମ ଦାଦାଗିରି ଷ୍ଟଂଟ ।' ସବୁ ଜାନୁଆର ଏକାସ୍ୱରରେ କହିଲେ । ଜାନୁଆରଙ୍କ ଆଗ୍ରହ ଶୁଣି ଚମ୍ପୁ ଉତ୍ସାହଭରେ କହିଲା : 'ବତାଅ କି ପ୍ରକାର ଷ୍ଟଂଟ ଦେଖାଇବି । ତୁମେ ଏଇ ଗଛ ଉପରକୁ ଏମିତି କୁଦାଟେ ମାରିବ ଯେମିତି ହୀରୋ ଏକାଡିଆଁକେ ଗଛ ଚଢିଯାଏ ... ତେବେ ତୁମକୁ ଯେମିତି ଚୋଟ ନ ଲାଗିବ ସେପାଇଁ ଆମେ ଏଠି ଘାସ ବି ବିଛାଇଦେଇଛୁ।' ମନୁ କହିଲା ।

: 'ଏଟା ତ ମୋ ବାଁ ହାତର ଖେଳ ...ଏବେ ଦେଖାଉଛି ।' ଚମ୍ପୁ ଏକାଡିଆଁକେ ଗଛ ଉପରକୁ ଚଢିଗଲା ଆଉ ବିଛା ହୋଇଥିବା ଘାସ ଉପରେ ଦାଲୁକିନା ପଡିଲା । କିନ୍ତୁ ଏ କଣ ? ଦାଲୁକିନା ଶବ୍ଦ ସହ ଚମ୍ପୁ ଯାଇ ପାଣିରଙ୍ଗ ଭରା ଗାତରେ ପଡିଲା । ପ୍ରକୃତରେ ମନୁ ମୟୂର ଓ ନଟୁ ଠେକୁଆ ମିଳିମିଶି ଏ ଗାତରେ ରଙ୍ଗ ଓ ପାଣି ଭର୍ତିକରି ତା'ଉପରେ ଘାସ ଢାଙ୍କି ଦେଇଥିଲେ । ସମସ୍ତଙ୍କ ଯୋଜନା ଥିଲା ଏଥର ଚମ୍ପୁକୁ ରଙ୍ଗରେ ଭିଜାଇଦେବେ । ସବୁ ଜାନୁଆର ହୋଲିରେ... ହୋଲି...ଗୀତ ଗାଇ ଚମ୍ପୁ ଉପରେ ଅବିରରଙ୍ଗ ଅଜାଡିବାକୁ ଲାଗିଲେ। ଚମ୍ପୁ ନାରାଜ ହୋଇ ମୁହଁ ଶୁଖେଇଦେଲା । ସେତେବେଳେ ଗଜୁ ହାତୀ ବୁଝାଇଲା : 'ହୋଲି ରଙ୍ଗଅବିର ସହ ପରମ୍ପରକୁ ପ୍ରେମରେ ଭିଜାଇ ଦେଉଥିବା ଏକ ପରବ । ପୁଣି ତୁମେ ତ ଏଇ ଶୁଳିଆପଦା ବଣରେ ରହିଛ । ଆମର ଏଇ ଆନନ୍ଦଠୁ ତୁମକୁ କେମିତି ଦୂରେଇ ରଖିବୁ ଭଲା । ବଣରେ ଅନ୍ୟଜନ୍ତୁ ଚମ୍ପୁକୁ ସିନିହ ସରାଗ ଦେଖାଇବାରୁ ଚମ୍ପୁର ମନ ତରଳିଗଲା । ଏବେ ସେ ବି ଦୁଇ ହାତରେ ସମସ୍ତଙ୍କୁ ରଙ୍ଗ ଅବିର ଲଗେଇବାକୁ ଲାଗିଲା ।


+ ଓଙ୍କାର ସିଟି, ଲେନ ନଂ-୯ ,ପ୍ଲଟ ନଂ-୪୫୬, ଲକ୍ଷ୍ମୀସାଗର କେନାଲ ରୋଡ୍ ,ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

# ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡର ଷଷ୍ଠ କାର୍ଯ୍ୟନିର୍ବାହୀ ବୈଠକ ଅନୁଷ୍ଠିତ : ପାଂଚ ବର୍ଷୀୟ ଭିଜନ ପ୍ଲାନ ଅନୁମୋଦିତ

ଭୁବନେଶ୍ୱର , ୨୬/୦୯ (ନି.ପ୍ର): ରାଜ୍ୟରେ ଔଷଧୀୟ ଉଦ୍ଭିଦର ସୁରକ୍ଷା, ଚାଷ, ପ୍ରଚାର ଓ ବାଣିଜ୍ୟୀକରଣକୁ ଉନ୍ନତ କରିବାରେ କାର୍ଯ୍ୟରତ ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡର ଷଷ୍ଠ କାର୍ଯ୍ୟନିର୍ବାହୀ ବୈଠକ ଆଜି ପୂର୍ବାହ୍ନରେ ଲୋକସେବା ଭବନସ୍ଥ ଗୃହ ବିଭାଗର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ ଏହି ବୈଠକରେ ଅଧ୍ୟକ୍ଷତା କରି କହିଲେ ଯେ ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡ ଓଡ଼ିଶାର ସମୃଦ୍ଧ ଔଷଧୀୟ ପାରମ୍ପରିକତାକୁ ସୁରକ୍ଷା କରିବା ସହିତ ଏହାକୁ ଗ୍ରାମୀଣ ଅର୍ଥନୀତି ଏବଂ ସ୍ଥାୟୀ ବିକାଶରେ ସହଭାଗୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି । କୃଷକମାନଙ୍କୁ ପ୍ରଶିକ୍ଷଣ ଦେଇ ଔଷଧୀୟ ଉଦ୍ଭିଦ ଚାଷକୁ ବ୍ୟାପକ କରିବା ଏବଂ ଔଷଧୀୟ ଉଦ୍ଭିଦର ସଂରକ୍ଷଣ କରିବା ସହିତ ପ୍ରାକୃତିକ ବିଭିନ୍ନତାରେ ଔଷଧୀୟ ପ୍ରଜାତିଗୁଡ଼ିକୁ ସୁରକ୍ଷା କରିବା ଉପରେ ଗୁରୁତ୍ୱଆରୋପ କରିଥିଲେ । ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସାହୁ ସୂଚନା ଦେଇଥିଲେ ଯେ ପାଇଲଟ ଭାବେ ପ୍ରଥମ ବର୍ଷର ପାଣ୍ଠି ଓଡ଼ିଶା ବନାଂଚଳ ଉନ୍ନୟନ ବିକାଶ ସମିତି ମାଧ୍ୟମରେ କରାଯିବ । ଦ୍ୱିତୀୟ ବର୍ଷ ଠାରୁ ଏହି କାର୍ଯ୍ୟକ୍ରମକୁ ଆୟୁଷ, ପଂଚାୟତିରାଜ, ଅନୁସୂଚିତ ଜାତି ଓ ଜନଜାତି ବିକାଶ ଏବଂ ଅନ୍ୟାନ୍ୟ ସଂପୃକ୍ତ ବିଭାଗ ସହିତ ସମନ୍ୱୟ ମାଧ୍ୟମରେ ସମ୍ପ୍ରସାରିତ କରାଯିବ ।

ସେ ଆହୁରି ମଧ୍ୟ ଘୋଷଣା କରିଛନ୍ତି ଯେ ବୈଷୟିକ ସହଯୋଗକୁ ମଜବୁତ କରିବା ପାଇଁ ନଭେମ୍ବର ୨୦୨୫ ପ୍ରଥମ ସପ୍ତାହରେ ଏଫଆରଏଲଏଚଟି (ବେଙ୍ଗାଲୁରୁ), ଆଇଆରଏମଏ (ଆନନ୍ଦ) ଏବଂ ଏମଏସଏସଆରଏଫ (ଚେନ୍ନାଇ) ସହିତ ଏମଓୟୁ ସ୍ୱାକ୍ଷରିତ ହେବ । ଏହି ପଦକ୍ଷେପ ଅଧୀନରେ ବିକଶିତ ଉତ୍ପାଦଗୁଡିକ ରାଜ୍ୟର ନୂତନ ହର୍ବାଲ୍ ବ୍ରାଣ୍ଡ 'କଳିଙ୍ଗ ହର୍ବସ୍' ବ୍ରାଣ୍ଡ ନାମରେ ବିପଣନ କରାଯିବ । ସୁଗମତାକୁ ପ୍ରୋତ୍ସାହିତ କରିବା ପାଇଁ, ଆରପିଆରସିର ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କୁ ଆରପିଆରସି, ଭୁବନେଶ୍ୱରରେ ଏସଏମପିବି ଉତ୍ପାଦ ପାଇଁ ଏକ ଉତ୍ସର୍ଗୀକୃତ ବିପଣନ କେନ୍ଦ୍ର ସ୍ଥାପନ କରିବାକୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି । ବୈଠକ ପ୍ରାରମ୍ଭରେ ଏସ୍ଏମ୍ପିବିର ମୁଖ୍ୟ କାର୍ଯ୍ୟନିର୍ବାହୀ ଶ୍ରୀ ଭି. କାର୍ତ୍ତିକ ପିପିଟି ମାଧ୍ୟମରେ ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡର ପଂଚବାର୍ଷିକ ଭିଜନ୍ ପ୍ଲାନ୍ ଉପସ୍ଥାପନ କରିଥିଲେ । ଓଡ଼ିଶାର କାର୍ଯ୍ୟନିର୍ବାହୀ ସଂସ୍ଥା ସାରା ରାଜ୍ୟରେ ଔଷଧୀୟ ଉଦ୍ଭିଦର ସଂରକ୍ଷଣ, ଚାଷ ଏବଂ ବ୍ୟବସାୟୀକରଣକୁ ମଜବୁତ କରିବା ପାଇଁ ଏହି ପଂଚବାର୍ଷିକ ଯୋଜନାକୁ ଅନୁମୋଦନ କରାଯାଇଛି ।

ଏହି ବୈଠକରେ ପ୍ରିନ୍ସିପାଲ୍ ଚିଫ୍ କଞ୍ଜର୍ଭେଟର୍ ଅଫ୍ ଫରେଷ୍ଟ ତଥା ହେଡ୍ ଅଫ୍ ଫରେଷ୍ଟ ଫୋର୍ସ ଶ୍ରୀ ସୁରେଶ ପନ୍ତ, ପ୍ରଧାନ ବନ ସଂରକ୍ଷକ ଶ୍ରୀ ଜି ରାଜେଶ ଉଦ୍ୟାନ କୃଷି ନିର୍ଦ୍ଦେଶକ ଶ୍ରୀ ଗୋରଖ ଓ୍ୱାମନ କାଲୁଙ୍ଗେ, ନିର୍ଦ୍ଦେଶକ ଆୟୁଷ, ଶ୍ରୀମତୀ ଅଞ୍ଜନା ପଣ୍ଡା ଏବଂ ଆଂଚଳିକ ଉଦ୍ଭିଦ ସାଧନ କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ, ଶ୍ରୀ ସୁଧାଂଶୁ ଶେଖର ଖୋରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଡିଶା ବନାଂଚଳ ଉନ୍ନୟନ ପ୍ରକଳ୍ପର ପ୍ରକଳ୍ପ ନିର୍ଦ୍ଦେଶକ ତଥା - ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି, ଡ. ମୁରୁଗେଶନ, ରାଜ୍ୟ ଔଷଧୀୟ ଉଦ୍ଭିଦ ବୋର୍ଡର ଉପ ବନ ସଂରକ୍ଷକ, ଦେବପ୍ରିୟ କମ୍ପ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀ ଅନୁପ କୁମାର ସାହୁ ଏବଂ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଉପନିର୍ଦ୍ଦେଶକ ଶ୍ରୀ ମନୋଜ କୁମାର ନାୟକଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଖାରବେଳ ଭବନ ପରିସରରେ ସାମୂହିକ ସ୍ୱଚ୍ଛତା ଅଭିଯାନ

ଭୁବନେଶ୍ୱର , ୨୬/୦୯ (ନି.ପ୍ର): ଦେଶବ୍ୟାପୀ ସ୍ୱଚ୍ଛତା ହିଁ ସେବା ଅଭିଯାନର ଅଂଶବିଶେଷ ସ୍ୱରୂପ ଖାରବେଳ ଭବନ ପରିସରରେ ଆଜି ଏକ ସାମୂହିକ ସ୍ୱଚ୍ଛତା ଅଭିଯାନ "ଏକ ଦିନ ଏକ ଘଂଟା ଏକ ସାଥ" ସଫଳତାର ସହ ଆୟୋଜିତ ହୋଇଛି ।

ଏହି କାର୍ଯ୍ୟକ୍ରମରେ ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ଏବଂ ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀଙ୍କ ନେତୃତ୍ୱରେ ଦୁଇ ବିଭାଗର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା ।

ଏହି ଅଭିଯାନ ସମୟରେ ଭାଗ ନେଇଥିବା ପଦାଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟାଳୟ ପରିସର ଏବଂ ଆଖପାଖ ଅଂଚଳରେ ବ୍ୟାପକ ସଫେଇ କରି ଏକ ସ୍ୱଚ୍ଛ କାର୍ଯ୍ୟସ୍ଥଳୀ ଏବଂ ପରିବେଶ ପ୍ରତି ସେମାନଙ୍କର ସାମୂହିକ ସଂକଳ୍ପକୁ ଦୋହରାଇଥିଲେ ।

ଏହି ଅବସରରେ ଶ୍ରୀମତୀ ପାଢୀ କହିଥିଲେ କି "ସ୍ୱଚ୍ଛତା କେବଳ ଏକ କାର୍ଯ୍ୟ ନୁହେଁ, ବରଂ ଆମେ ସମସ୍ତେ ନିଜ ଦୈନନ୍ଦିନ ଜୀବନରେ ଏକ ଦାୟିତ୍ୱ ଗ୍ରହଣ କରିବା ଉଚିତ । "ଏକ ଦିନ ,ଏକ ଘଂଟା ,ଏକ ସାଥ" ଭଳି ପଦକ୍ଷେପ ମାଧ୍ୟମରେ ଆମେ ସାମୂହିକ କାର୍ଯ୍ୟ ଏବଂ ନାଗରିକ ଦାୟିତ୍ୱର ମୂଲ୍ୟବୋଧକୁ ସୁଦୃଢ଼ କରୁଛୁ ଯାହା ସ୍ୱଚ୍ଛ ଭାରତ ମିଶନର କେନ୍ଦ୍ରରେ ରହିଛି ।

କାର୍ଯ୍ୟକ୍ରମ ଶେଷରେ ଶ୍ରୀମତୀ ପାଢୀ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସ୍ୱଚ୍ଛତା ଶପଥ ପାଠ କରାଇଥିଲେ ଏବଂ ସେମାନଙ୍କ ସମ୍ପ୍ରଦାୟ ଏବଂ ଘରେ ସ୍ୱଚ୍ଛତାର ଭାବନାକୁ ଆଗକୁ ନେବାକୁ ଅନୁରୋଧ କରିଥିଲେ । ଏହି ଅଭିଯାନ "ଏକ ଦିନ ଏକ ଘଂଟା ଏକ ସାଥ" ର ପ୍ରକୃତ ଭାବନାକୁ ପ୍ରତିଧ୍ୱନିତ କରିଥିଲା- କାର୍ଯ୍ୟାନୁଷ୍ଠାନ ପାଇଁ ଏକ ଆହ୍ୱାନ ଯାହା ପ୍ରତ୍ୟେକ ନାଗରିକଙ୍କୁ ସେମାନଙ୍କ ଆଖପାଖକୁ ସ୍ୱଚ୍ଛ ରଖିବା ଏବଂ ସ୍ୱଚ୍ଛ ଭାରତ, ସ୍ୱସ୍ଥ ଭାରତରେ ଯୋଗଦାନ କରିବା ପାଇଁ ସମୟ ଉତ୍ସର୍ଗ କରିବାକୁ ପ୍ରେରଣା ଦେଇଥାଏ ।

## ଆଇଏମଟି ଫର୍ମାସୀ କଲେଜରେ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ

ପୁରୀ, ୨୬/୦୯ (ନି.ପ୍ର): ବିଶ୍ୱ ଫାର୍ମାସିଷ୍ଟ ଦିବସ ଅତ୍ୟନ୍ତ ଉତ୍ସାହର ସହିତ ପାଳିତ ହୋଇଛି । ସାରା ବିଶ୍ୱର ସ୍ୱାସ୍ଥ୍ୟସେବାରେ ନିୟୋଜିତ ଫାର୍ମାସିଷ୍ଟ ତଥା ଭେଷଜ ବିଜ୍ଞାନୀ ମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଏହି ଦିବସର ଉତ୍ସବକୁ କଲେଜର ପ୍ରେକ୍ଷାଳୟରେ ଉଦଘାଟନ କରିଥିଲେ ପୁରୀ ଜିଲ୍ଲାର ଭେଷଜ ନିରୀକ୍ଷକ ହିତେଶ କୁମାର ବେହେରା । ସେ ଏହି ଅବସରରେ ଛାତ୍ର ଛାତ୍ରୀ ମାନଙ୍କୁ ଅଧ୍ୟୟନ, କୌଶଳ ଶିକ୍ଷଣ ତଥା ସନ୍ଦେହ ମୋଚନ ଠିକ୍ ସମୟରେ ଶିକ୍ଷକଙ୍କ ଦ୍ୱାରା କରାଇ ନେବାକୁ ଉପଦେଶ ଦେଇଥିଲେ । ଓଡ଼ିଶାରେ ଔଷଧ ଶିଳ୍ପର ଭବିଷ୍ୟତ ଅତ୍ୟନ୍ତ ଉଜ୍ଜ୍ୱଳ ବୋଲି କହିଥିଲେ । ଇତ୍ୟବସରରେ, କଲେଜର ନିର୍ଦ୍ଦେଶକ ମନୋଜ କୁମାର ରଥ, ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କର୍ତ୍ତବ୍ୟରତ ଫାର୍ମାସିଷ୍ଟ ଅଫିସର ମାନଙ୍କୁ ଉପଢୌକନ ପ୍ରଦାନପୂର୍ବକ ସମ୍ମାନିତ କରିଥିଲେ । ଏହି ଉତ୍ସବରେ ସମ୍ମାନିତ ଅତିଥି ଓ ଫାର୍ମାସିଷ୍ଟ ଯଥା, କାଳୀ ପ୍ରସନ୍ନ ମିଶ୍ର, ମୁକେଶ କୁମାର ସାହୁ, ଝରଣା କଳାପାହାଡ଼, ରୋଜାଲିନ ରଥ ଓ ସସ୍ମିତ କୁମାର ପ୍ରଧାନ ଯୋଗଦାନ କରି ଛାତ୍ର ଛାତ୍ରୀ ମାନଙ୍କୁ ନୈତିକତା ଓ ଧର୍ଯ୍ୟର ସହ ସେବା ତଥା କର୍ତବ୍ୟ ପାଳନ ହିଁ ଉତମ ଫାର୍ମାସିଷ୍ଟ ଓ ଉତ୍କୃଷ୍ଟ ଫାର୍ମାସିଷ୍ଟ ସେବା ବୋଲି ମତାମତ ଦେଇଥିଲେ ।

# ବର୍ଷ ବ୍ୟାପି ଚାଲିବ ଆରଏସଏସର ଶତାବ୍ଦୀ ବର୍ଷ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୬/୦୯ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ବର୍ଷ କାର୍ଯ୍ୟକ୍ରମ ଓଡିଶାରେ ସେପଟ୍ମେର ୨୫ ରୁ କାର୍ଯ୍ୟକ୍ରମ ଆରମ୍ଭ, ବର୍ଷବ୍ୟାପି ଚାଲିବ. ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ୨ ଅକ୍ଟୋବର ୨୦୨୫ ରୁ ୨୦୨୬ ବିଜୟାଦଶମୀ ପର୍ଯ୍ୟନ୍ତ ତାହାର ଶତାବ୍ଦୀ ବର୍ଷ ପାଳନ କରିବ । ଓଡିଶାରେ ଏହି କାର୍ଯ୍ୟକ୍ରମ ସେପଟ୍ମେର ୨୫ ତାରିଖରୁ ଆରମ୍ଭ ହୋଇ ୨୦୨୬ ବିଜୟା ଦଶମୀ ପର୍ଯ୍ୟନ୍ତ ପାଳନ ହେବ । ସଂଘର ଓଡିଶା ପୂର୍ବ ପ୍ରାନ୍ତର ସଂଘଚାଳକ ସମୀର କୁମାର ମହାନ୍ତି ଏକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି ।

ଶ୍ରୀ ମହାନ୍ତି କହିଛନ୍ତି ଯେ, ଶତାବ୍ଦୀ ବର୍ଷରେ ସଂଘର ସ୍ୱୟଂସେବକମାନେ ପଂଚ ପରିବର୍ତ୍ତନକୁ ନେଇ ଜନଜାଗରଣ କରିବେ । ଏହି ପାଂଚଟି ବିଷୟ ହେଉଛି ପର୍ଯ୍ୟାବରଣ ସଂରକ୍ଷଣ, ସାମାଜିକ ସମରସତା, ପରିବାର ପ୍ରବୋଧନ, ସୁବୋଧ ବା 'ସ୍ୱ' ର ଜାଗରଣ ଏବଂ ନାଗରିକ କର୍ତ୍ତବ୍ୟ । ଶତାବ୍ଦୀ ବର୍ଷ ଅବସରରେ ଯୁବା ସମ୍ମିଳନୀ,ବ୍ୟାପକ ଗୃହ ସମ୍ପର୍କ ଅଭିଯାନ, ହିନ୍ଦୁ ସମ୍ମିଳନୀ, ସାମାଜିକ ସଦ୍‌ଭାବନା ବୈଠକ ଏବଂ ପ୍ରବୃଦ୍ଧ ନାଗରିକ ସଂଗୋଷ୍ଠୀର ଆୟୋଜନ କରାଯିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି ଯେ, ସେପଟ୍ମେର ୨୫ରୁ ଅକ୍ଟୋବର ୨ ମଧ୍ୟରେ ବିଜୟା ଦଶମୀ ଉତ୍ସବ, ଅକ୍ଟୋବର ୧୫ରୁ ନଭେମ୍ବର ୧୫ ମଧ୍ୟରେ ଯୁବ ସମାବେଶ, ଡିସେମ୍ବରରେ ଘରକୁ ଘର ସମ୍ପର୍କ ଅଭିଯାନ, ୨୦ ୨୬ ଜାନୁଆରୀରେ ହିନ୍ଦୁ ସମ୍ମିଳନୀ, ଫେବ୍ରୁଆରୀରେ ସାମାଜିକ ସଦ୍‌ଭାବନା ବୈଠକ, ଏପ୍ରିଲ୍‌ରେ ପ୍ରମୁଖ ନାଗରିକ ସଂଗୋଷ୍ଠୀ ଏବଂ ୨୦୨୬ ବିଜୟା ଦଶମୀ ପର୍ଯ୍ୟନ୍ତ ଅଧିକତମ ସ୍ଥାନରେ ସବୁ ଆୟୁବର୍ଗର ଶାଖା ବୃଦ୍ଧିର ଆୟୋଜନ କରାଯିବ । ବିଜୟାଦଶମୀର ପବିତ୍ର ପର୍ବ ହିନ୍ଦୁ ସମାଜରେ ଶକ୍ତି ଜାଗ୍ରତ କରିବାର ଏକ ପର୍ବ । ଏହି ପବିତ୍ର ଅବସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତାହାର ୧୦୦ତମ ବର୍ଷ ପୂରଣ କରୁଛି । ଏହି ବର୍ଷ ଶ୍ରୀ ବିଜୟାଦଶମୀ ନାଗପୁରରେ ଅକ୍ଟୋବର ୨ ତାରିଖ ସକାଳ ୭:୪୦ ରେ ରେଶିବାଗ ପଡ଼ିଆରେ ଅନୁଷ୍ଠିତ ହେବ । ଭାରତର ପୂର୍ବତନ ରାଷ୍ଟ୍ରପତି ଶ୍ରୀଯୁକ୍ତ ରାମନାଥ କୋବିନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେବେ ଏବଂ ସରସଂଘଚାଳକ ଡକ୍ଟର ମୋହନ ଭାଗବତଙ୍କର ମାର୍ଗଦର୍ଶନ ରହିବ ।

ସେ କହିଛନ୍ତି ଯେ, ଶତାବ୍ଦୀ ବର୍ଷକୁ ନେଇ ସ୍ୱୟଂସେବକ ତଥା ସାଧାରଣ ଲୋକମାନଙ୍କ ଭିତରେ ଅନେକ ଉତ୍ସାହ ପରିଲକ୍ଷିତ ହେଉଛି ।

# ସମ୍ପ୍ରଦାୟ ଭିତ୍ତିକ ନେତୃତ୍ୱକାରୀ ଅଂଶୀଦାରମାନଙ୍କ ସହିତ ଗୋଷ୍ଠୀ କେନ୍ଦ୍ରିତ ଆଲୋଚନା ବୈଠକ

ପୁରୀ, ୨୬/୦୯ (ନି.ପ୍ର): ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, ଓଡ଼ିଶା, କଟକ ଓ ନେଦରଲାଣ୍ଡ ସରକାରଙ୍କ ଦୂତାବାସର ମିଳିତ ଆନୁକୂଲ୍ୟରେ ହୋଟେଲ ଜମିଦାର ପ୍ୟାଲେସ୍, ପୁରୀ ପରିସରରେ ପୁରୀ, ଖୋର୍ଦ୍ଧା, ନୟାଗଡ଼ ଜିଲ୍ଲାର ଘରୋଇ ହିଂସା ବିରୁଦ୍ଧରେ ସମ୍ପ୍ରଦାୟଭିତିକ ନେତୃତ୍ୱକାରୀ ଅଂଶୀଦାର ମାନଙ୍କ ସହିତ ଗୋଷ୍ଠୀ କେନ୍ଦ୍ରିତ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏନଏଲୟୁଓ ର ପ୍ରକଳ୍ପ ପ୍ରବନ୍ଧକ ରାଜ କିଶୋର ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏଥିରେ ପୁରୀ ଉପନିବନ୍ଧକ ତପନ କୁମାର ତରାଇ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ତନୁପ୍ରଭା ବେଉରା, ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ସହଯୋଗୀ ପ୍ରଫେସର ଡକ୍ଟର ବିଜୟ କୁମାର ସାହୁ, ପୋଲିସ୍ ବିଭାଗ, ପୁରୀ ଡିଏସପି ତିଲୋତମା ରାଉତ ଓ ନୟାଗଡ ପୋଲିସ ଜିଲ୍ଲାର ଆଇଆଇସି କୁନାମଣୀ ଦେଇ ଏବଂ ମହିଳାଙ୍କ ନିମନ୍ତେ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ଜିଲ୍ଲା ମହାସଂଘ ( ସଂୟ ସହାୟକ ଗୋଷ୍ଠୀ)ର ସଭାପତି, ସମ୍ପାଦିକା, ସରପଞ୍ଚ,ଅଙ୍ଗନୱାଡ଼ି ଦିଦି, ପରିବାର ପରାମର୍ଶ କେନ୍ଦ୍ର ସଂଯୋଜକ, ସଂଯୋଜିକା, ଜେଣ୍ଡର ସଂଯୋଜିକା, ମ୍ୟୁନିସିପାଲଟି ଗୋଷ୍ଠି ସଂଯୋଜିକା, ଏନଜିଓ ର ପ୍ରବନ୍ଧକ, ପ୍ରେରଣା ଦିଦି, ସମାଜ ସେବକ, ମନ୍ଦିର ପୂଜକ ପ୍ରମୁଖ ଯୋଗଦେଇ ସେମାନେ ନିଜେ ନିଜର ମତ ଉପସ୍ଥାପନ ରଖିଥିଲେ । ପାରିବାରିକ ହିଂସା ୨୦୦୫ ଓ ଯୌତୁକ ନିରୋଧ ଆଇନ ୧୯୬୧ ବିଷୟରେ ସବିଶେଷ ଧାରଣ ଦେବା ସହ ମହିଳା ସାକ୍ଷରତା, ସଶକ୍ତିକରଣ ଓ ସଚେତନତା ହିଁ ପରିବର୍ତନ ଆଣିପାରିବ ବୋଲି ବିସ୍ତୃତ ଭାବେ ଆଲୋଚନା କରିଥିଲେ । ମହିଳା ହିଂସାକୁ ରୋକିବାରେ ସହାୟତା ବଢାଇଥିବା ସମ୍ପ୍ରଦାୟ ମାନଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ । ମହିଳା ଆଇନ ସମ୍ବନ୍ଧରେ ମହିଳାମାନେ ସଚେତନ ହେବା କେତେ ଜରୁରୀ ପ୍ରାଞ୍ଜଳ ଭାବେ ବୁଝାଇଥିଲେ । ଗବେଷଣାର ସାମ୍ପ୍ରତିକ ସମୟରେ ଆବଶ୍ୟକତା ଉପରେ ମୁଖ୍ୟ ଅତିଥି ନିଜର ମତବ୍ୟକ୍ତ ରଖିଥିଲେ । ବିଭିନ୍ନ ସ୍ତରରେ ମହିଳାଙ୍କ ପ୍ରତି ହେଉଥିବା ହିଂସା ଓ ଶୋଷଣ ବିରୋଧରେ ସୁରକ୍ଷା ଦେବା ସମସ୍ତଙ୍କର ଗୁରୁ ଦାୟିତ୍ୱ ଏବଂ ଏକ ଘରୋଇ ହିଂସା ମୁକ୍ତ ସମାଜ ଗଠନ ପାଇଁ ଆହ୍ୱାନ ଦେଇଥିଲେ । ନାରୀ ନିଜର ସୁରକ୍ଷା ପାଇଁ ନିଜେ ସଚେତନ ନହେଲେ ସମାଜ ଠିକ୍ ଭାବରେ ଚାଲିପାରିବ ନାହିଁ ବୋଲି ପ୍ରକାଶ କରିଥିଲେ । ମହିଳାଙ୍କ ପାଇଁ ସରକାରଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ ଯୋଜନା ଓ ସଂରକ୍ଷଣ ସୁବିଧାର ଲାଭ ଉଠାଇ ନିଜ ନିଜର ଆତ୍ମନିର୍ଭରଶୀଳତା ବଢ଼ାନ୍ତୁ ଓ ସମାଜ ପାଇଁ ଉଦାହରଣ ସାଜନ୍ତୁ ବୋଲି ପରାମର୍ଶ ପ୍ରଦାନ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ମାନପତ୍ର ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଏନଏଲୟୁ ଓ ର ପ୍ରକଳ୍ପ ପ୍ରବନ୍ଧକ ସୁଧାଂଶୁ ଭୂଷଣ ମହାରଣା, ରାଜକିଶୋର ପଣ୍ଡା, ବିବରଣୀ ଲେଖକ ଶଶି ଭୂଷଣ କର ପରିଚାଳନା କରିଥିଲେ ।

# ଓଡ଼ିଶାରେ ଦ୍ୱିତୀୟ ଜାତୀୟ ମେଡିଏସନ ସମ୍ମିଳନୀ ୨୭ରୁ

ଭୁବନେଶ୍ୱର, ୨୬/୦୯ (ନି.ପ୍ର): ଦ୍ୱିତୀୟ ଜାତୀୟ ମେଡିଏସନ ସମ୍ମିଳନୀ ଆୟୋଜନ ଆଗାମୀ ୨୭ ଓ ୨୮ରେ ଭୁବନେଶ୍ୱରରେ ହେବ । ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ବି ଆର ଗଭାଇଙ୍କ ସମେତ ୧୦ ଜଣ ବିଚାରପତି ସାମିଲ ହେବେ । ୨୦୦ ଡେଲିଗେଟ ବା ମେଡିଏସନ ସ୍ପେସିଅଲିଷ୍ଟ ସମ୍ମିଳନୀରେ ଯୋଗ ଦେବେ । ଭାରତର ପ୍ରାୟ ସମସ୍ତ ହାଇକୋର୍ଟ ବିଚାରପତି ଆସିବେ । ୨୭ ତାରିଖ ସନ୍ଧ୍ୟା ରେ ଉଦଘାଟନ ହେବ । ତା ପରଦିନ ୫ ଟି ଟେକ୍ନିକାଲ ସେସନ ହେବ । କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘାୱାଲ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେବେ । ଅନ୍ୟ ରାଜ୍ୟର ଆଇନ ମନ୍ତ୍ରୀ ମାନେ ମଧ୍ୟ ଯୋଗ ଦେବେ । ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ରାଜ୍ୟର ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ଏହି ସୂଚନା ଦେଇଛନ୍ତି । ସେମାନେ କହିଛନ୍ତି ଯେ, ମେଡିଏସନ ଲ ବା ମଧ୍ୟସ୍ଥତା ମାଧ୍ୟମରେ ବିଭିନ୍ନ ମକଦମାକୁ ସମାଧାନ କନସେପ୍ଟ ନେଇ ଆଗକୁ ବଢ଼ିବାକୁ ଯୋଜନା ରହିଛି । ମେଡିଏସନ ଆଇନ ମାଧ୍ୟମରେ ପଡି ରହିଥିବା କୋଟି କୋଟି ମକଦମାକୁ ସମାଧାନ ପାଇଁ ଉଦ୍ୟମ ଜୋରଦାର ହେଉଛି । ବହୁ ମାମଲା ପେଣ୍ଡିଙ୍ଗ ହୋଇ ରହିଛି । ବୈବାହିକ ବିବାଦ, ଜମିବାଡ଼ି ବିବାଦ ଓ ଅନ୍ୟାନ୍ୟ ଛୋଟ ଛୋଟ ମକଦମା ଆଦି ପଡିକି ରହୁଛି । କିନ୍ତୁ ମେଡିଏସନ ଲ ମାଧ୍ୟମରେ କମ ସମୟରେ ସ୍ୱଳ୍ପ ଖର୍ଚ୍ଚରେ ଏହାକୁ ସମାଧାନ କରାଯିବ । ଓଡ଼ିଶାରେ ହେବାକୁ ଥିବା ମେଡିଏସନ ସମ୍ମିଳନୀରେ ସୁପ୍ରିମକୋର୍ଟ ସମେତ ଦେଶର ବିଭିନ୍ନ ହାଇକୋର୍ଟର ୧୭ ଜଣ ମୁଖ୍ୟ ବିଚାରପତି ଆସୁଛନ୍ତି । ମେଡିଏସନ ଇନଚାର୍ଜମାନେ ଆସୁଛନ୍ତି । ଲୋକଙ୍କ ମଧ୍ୟରେ ଜନ ଜାଗରଣ ସୃଷ୍ଟି କରିବା ହେଉଛି ଏହାର ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି । ମେଡିଏସନ ଆକ୍ଟକୁ ରାଜ୍ୟରେ ବ୍ୟାପକ ଭାବେ କାର୍ଯ୍ୟକାରୀ କରିବାକୁ ଯୋଜନା ହୋଇଛି । ଏହାଦ୍ୱାରା ଜୁଡିସିଆରୀ ଉପରେ ଚାପ କମିବ । ସୁପ୍ରିମକୋର୍ଟର ସମସ୍ତ ବରିଷ୍ଠ ଜଜ, ସମସ୍ତ ହାଇକୋର୍ଟର ଜଜ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ମାନେ ମଧ୍ୟ ସମ୍ମିଳନୀରେ ଯୋଗ ଦେବେ । ମେଡିଏସନର ବିଭିନ୍ନ ଦିଗ ବିଷୟରେ ଚର୍ଚ୍ଚା ହେବ । ଯାହା ଫଳରେ ଅନେକ ଦିଗଦର୍ଶନ ମିଳିବ । ରାଜ୍ୟରେ ନାରୀ ଅଦାଲତ ଆରମ୍ଭ ହୋଇଛି । ଷ୍ଟେଟ ଲିଗଲ ସର୍ଭିସ ଅଥରୀଟି ସହ ଗ୍ରାମାଂଚଳ ବ୍ୟବସ୍ଥାକୁ ଯୋଡିକି ମଧ୍ୟସ୍ଥତା ଜରୀଆରେ ସମାଧାନ ପାଇଁ ଉଦ୍ୟମ ହେବ । ସରକାର ଏହି ମଧ୍ୟସ୍ଥତା ଆଇନକୁ ସରକାର ତୃଣମୂଳ ସ୍ତରକୁ ନେବାକୁ ବ୍ୟାପକ ଯୋଜନା ହେଉଥିବା କହିଛନ୍ତି ଆଇନ ମନ୍ତ୍ରୀ । ଷ୍ଟେଟ ଲିଗଲ ସର୍ଭିସ ଅଥରୀଟି ଓ ଅଙ୍ଗନବାଡ଼ି କର୍ମୀଙ୍କୁ ଏହାର ସଠିକ କ୍ରିୟାନ୍ୱୟନ ପାଇଁ କାର୍ଯ୍ୟ କରିବାର ଯୋଜନା ହେଉଛି ବୋଲି ଆଇନମନ୍ତ୍ରୀ କହିଛନ୍ତି ।

# ସ୍ୱଚ୍ଛତା ଏକ ଅଭିଯାନ ନୁହେଁ, ଏହା ଆନ୍ଦୋଳନ : ମନ୍ତ୍ରୀ

ଭୁବନେଶ୍ୱର, ୨୬/୦୯ (ନି.ପ୍ର): ସ୍ୱଚ୍ଛତା ବିନା ସୁସ୍ଥ ପରିବେଶ, ସୁସ୍ଥ ସମାଜ ଓ ସୁସ୍ଥ ରାଷ୍ଟ୍ର ଗଠନ ଅସମ୍ଭବ । ସ୍ୱଚ୍ଛତା ଏକ ଅଭିଯାନ ନୁହେଁ, ଏହା ଏକ ଆନ୍ଦୋଳନ ବୋଲି କହିଛନ୍ତି ସମବାୟ ମନ୍ତ୍ରୀ ଶ୍ରୀ ପ୍ରଦିପ ବଳ ସାମନ୍ତ । ସ୍ଥାନୀୟ ମାର୍କେଟ ବିଲ୍ଡିଂ ସ୍ଥିତ ରାଜ୍ୟ ସମବାୟ ବ୍ୟାଙ୍କଠାରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ଏହା କହିଛନ୍ତି । "ଏକ୍ ଦିନ, ଏକ୍ ଘଂଟା, ଏକ୍ ସାଥ୍" ସ୍ଲୋଗାନ ନେଇ ଆଜି ସମବାୟ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସମବାୟ ମନ୍ତ୍ରୀ, ବିଭାଗୀୟ କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ, ସମବାୟ ସମିତି ସମୂହ ନିବନ୍ଧକ ସିଦ୍ଧାର୍ଥ ଦାସ, ବିଭାଗୀୟ ଅଧିକାରୀ, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଯୋଗ ଦେଇ ସଫେଇ କରିଥିଲେ । ହାତରେ ଝାଡୁ ଧରି ରାସ୍ତା ସଫେଇ କରିବା ସହ ସଚେତନତାର ବାର୍ତ୍ତା ବାଂଟିଥିଲେ । ସୂଚନାଯୋଗ୍ୟ, ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରେ ସାରା ଦେଶରେ ୧୫ ସେପଟ୍ମେରରୁ ୨ ଅକ୍ଟୋବର ପର୍ଯ୍ୟନ୍ତ 'ସ୍ୱଚ୍ଛତା ହିଁ ସେବା' ପକ୍ଷ ପାଳନ କରାଯାଉଛି । ଏହି କ୍ରମରେ ଆଜି କେନ୍ଦ୍ର ସମବାୟ ମନ୍ତ୍ରାଳୟର ନିର୍ଦ୍ଦେଶ କ୍ରମେ ସମବାୟ ବିଭାଗ ପକ୍ଷରୁ 'ସ୍ୱଚ୍ଛତା ହିଁ ସେବା' ପାଳନ କରାଯାଇଛି । ଆଜିର ସ୍ଲୋଗାନ ରହିଥିଲା "ଏକ୍ ଦିନ, ଏକ୍ ଘଂଟା, ଏକ୍ ସାଥ୍ ।"

# ମିଶନ ଶକ୍ତି ମହିଳାଙ୍କ ଗଣଧାରଣା

ଜୟପୁର, ୨୬/୦୯ (ନି.ପ୍ର): କୋରାପୁଟ ଜିଲ୍ଲା ପଟାଙ୍ଗି ବ୍ଲକ ସମ୍ମୁଖରେ ହକ ପାଇଁ ଧାରଣାରେ ବସିଛନ୍ତି ପଟାଙ୍ଗି ବ୍ଲକର ୧୪ଟି ପଂଚାୟତର ପ୍ରାୟ ୨୨୦ ଜଣ ମହିଳା । ପୂର୍ବରୁ ନବୀନ ସରକାରଙ୍କ ସମୟରେ ମହିଳା ମାନଙ୍କୁ ସଶକ୍ତ କରିବା ଦିଗରେ ଏକ ଯୁଗାନ୍ତକାରୀ ପଦକ୍ଷେପ ସୃଷ୍ଟି କରିଥିଲେ । ପ୍ରତ୍ୟକ ଗାଁ ରୁ ଆରମ୍ଭ କରି ସହର ଯାଏଁ ମହିଳାଙ୍କୁ ସ୍ୱାବଲମ୍ବୀ କରି ଏକ ସଶକ୍ତ ଓଡିଶା ଗଠନର ଉଦ୍ଦେଶ୍ୟକୁ ପଣ୍ଡୁର କରିବା ଅଭିଯୋଗର ଚିଠାକୁ ଆଧାର କରି ମହିଳା ସମ୍ପୂର୍ଣ ନିଜତ୍ୱ ବୋଲି କିଛି ଆଉ ନାହିଁ ବର୍ତମାନର ବିଜେପି ସରକାର ମହିଳାଙ୍କୁ ଆହୁରି ଦୁର୍ବଳ କରିବାକୁ ଚେଷ୍ଟା କରୁଛି । ସେମାନଙ୍କୁ ଅଭିଯୋଗ ଆସୁଛି । ପାର୍ବଣର ଋତୁରେ ଦୁର୍ଗା ମାଆଙ୍କ ଆବିର୍ଭାବ ବେଳେ ମହିଳା ଏବେ ଗଣ ଧାରଣାରେ ବସି ନିଜର ହକର ଲଢେଇ ପାଇଁ ରାଜରାସ୍ତାରେ ସେମାନଙ୍କ ଦାବୀ ପୂର୍ବ ସରକାରଙ୍କ ପରି ସ୍ଥାୟୀ ନିଯୁକ୍ତି, ସ୍ଥାୟୀ ଦରମା, ଏକାଉଂଟ ପେ, ଛଅ ମାସର ବକେୟା ଦରମା ରାଶି ଦେୟ, କିନ୍ତୁ ଦୀର୍ଘ ଦିନ ହେବ ବାରମ୍ବାର ଲିଖିତ ଅଭିଯୋଗ ପରେବି ବିଜେପି ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି । ମହିଳାଙ୍କୁ ସ୍ୱାବଲମ୍ବି ନକରି ରେଭନିୟୁ ଭିଲେଜ ପ୍ରୋତ୍ସାହନ ବନ୍ଦ କରିବା ଓ ପ୍ରମୋସନ ବୋନସ ପ୍ରୋତ୍ସାହନ ବନ୍ଦ ପାଇଁ ମଧ୍ୟ ଗଣ ଧାରଣାରେ ଜିପିଏଲଏଫ ର ସମସ୍ତ କାର୍ଯ୍ୟ ବନ୍ଦ କରି ଏହାର ସ୍ଥାୟୀ ସମାଧାନ ନ ହେବା ଯାଏଁ ସମସ୍ତ ସରକାରୀ ଅଧିକାରୀଙ୍କୁ ଲିଖିତ ଦେଇ ଗଣ ଧାରଣାରେ ବସିଛନ୍ତି ମିଶନ ଶକ୍ତି ମହିଳା । ତେବେ କଣ ସରକାର ଦାବୀ ଶୁଣିବେ ନା ଏକଛତ୍ରବାଦ ଚଳେଇବେ ତାହା ଦେଖିବାକୁ ବାକି ରହିଲା ।

# ଓଡ଼ିଶାରେ ପ୍ରଥମ ଥର ପାଇଁ ଆୟୋଜିତ ହେବ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ୍

ଭୁବନେଶ୍ୱର , ୨୬/୦୯ (ନି.ପ୍ର): ଓଡ଼ିଶାରେ ପ୍ରଥମ ଥର ପାଇଁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ୍ ପ୍ରତିଯୋଗିତାର ଆୟୋଜନ କରାଯିବ । ଅକ୍ଟୋବର ମାସ ୧୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ୍ ଆଥଲେଟିକ୍ସ ସେଂଟର ଠାରେ ୨୮ତମ ଆଇଆଇଟିଏଫ-ଏଟିଟିୟୁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ-୨୦୨୫) ର ଆୟୋଜନ କରାଯିବ । ଅନ୍ତର୍ଜାତୀୟ ଟେବୁଲ ଟେନିସ୍ ମହାସଂଘ, ଭାରତୀୟ ଟେବୁଲ ଟେନିସ୍ ମହାସଂଘ, ଏସିଆନ୍ ଟେବୁଲ ଟେନିସ୍ ୟୁନିୟନ, ଓଡ଼ିଶା ଟେବୁଲ ଟେନିସ୍ ଆସୋସିଏସନ୍ ଏବଂ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତାର ଆୟୋଜନ କରାଯିବ । ପ୍ରାୟ ୨୨ଟି ଦେଶ ଯଥା ଭାରତ, ଚୀନ, ଜାପାନ, କୋରିଆ ରିପବ୍ଲିକ, ଡେମୋକ୍ରାଟିକ ପିପୁଲ୍ସ ରିପବ୍ଲିକ ଅଫ କୋରିଆ, ତାଇୱାନ, ହଙ୍ଗକଙ୍ଗ, ସିଙ୍ଗାପୁର, ଚାଇନିଜ ମକାଓ, ବାଙ୍ଗଲାଦେଶ, ଇରାନ, କଜାକିସ୍ତାନ, କିର୍ଗିସ୍ତାନ, ମାଲେସିଆ, ମାଲଦୀପ, ମଙ୍ଗୋଲିଆ, ନେପାଳ, ଓମାନ, କତାର, ଶ୍ରୀଲଙ୍କା, ଥାଇଲାଣ୍ଡ, ଉଜବେକିସ୍ତାନରୁ ୫୦୦ରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ, ସପୋର୍ଟ ଷ୍ଟାଫ ଆଦି ଅଂଶଗ୍ରହଣ କରିବେ । ଉଭୟ ପୁରୁଷ ଓ ମହିଳା ଟିମ୍ ଏହି ଚାମ୍ପିୟନସିପରେ ଅଂଶଗ୍ରହଣ କରିବେ । ଏହି ଚାମ୍ପିୟନସିପରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଟିମ୍ ଗୁଡ଼ିକ ଆଗାମୀ ଦିନରେ ଲଣ୍ଡନରେ ଆୟୋଜିତ ହେବାକୁ ଥିବା ଆଇଆଇଟିଏଫ ୱାର୍ଲଡ଼ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ୍-୨୦୨୬ ପାଇଁ ଯୋଗ୍ୟ ବିବେଚିତ ହେବେ । ଆଜି କଳିଙ୍ଗ ଷ୍ଟାଡ଼ିୟମରେ ଆୟୋଜିତ ହୋଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରତିଯୋଗିତା ଆୟୋଜନ ସମ୍ବନ୍ଧରେ ସବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ସେ କହିଥିଲେ ଯେ, 'ଓଡ଼ିଶାରେ ପ୍ରଥମ ଥର ପାଇଁ ୨୮ତମ ଆଇଆଇଟିଏଫ-ଏଟିଟିୟୁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ-୨୦୨୫ର ଆୟୋଜନ ହେବା ଆମ ପାଇଁ ଗର୍ବ ଓ ଗୌରବର ବିଷୟ । ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରିବା ନିମନ୍ତେ ସମସ୍ତ ପ୍ରକାର ପ୍ରସ୍ତୁତିକୁ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ସୁନିର୍ଶ୍ଚିତ କରାଯାଉଛି । ଅନ୍ତର୍ଜାତୀୟ ଟେବୁଲ ଟେନିସ୍ ମହାସଂଘ ଦ୍ୱାରା ସ୍ୱୀକୃତ ବିଶ୍ୱ ସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ଠାରୁ ଆରମ୍ଭ କରି ସମସ୍ତ ପ୍ରକାର ଆନୁସଙ୍ଗିକ ବ୍ୟବସ୍ଥା, କ୍ରୀଡ଼ାବିତମାନଙ୍କର ଆତିଥ୍ୟ, ରହଣି ଓ ସୁରକ୍ଷା ବ୍ୟବସ୍ଥା ଆଦିକୁ ସୁନିର୍ଶ୍ଚିତ କରାଯିବ । ଏହା ସହିତ ଆସନ୍ତା ଅକ୍ଟୋବର ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ୪୦ତମ ଜାତୀୟ ଜୁନିୟର ଆଥଲେଟିକ୍ସ ଚମ୍ପିୟାନସିପର ଆୟୋଜନ କଳିଙ୍ଗ ଷ୍ଟାଡିୟମ ଠାରେ କରାଯିବ । ଆଇଟିଏଫ ମାଷ୍ଟରସ୍ ୧୦୦ ଟେନିସ୍ ଟୁର୍ନାମେଂଟର ଆୟୋଜନ ମଧ୍ୟ ଭୁବନେଶ୍ୱରରେ ଅକ୍ଟୋବର ୧୧ ରୁ ୧୫ ତାରିଖ ପର୍ଯ୍ୟନ୍ତ କରାଯିବ । ଏକା ସମୟରେ ତିନୋଟି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରୀୟ ପ୍ରତିଯୋଗିତାର ଆୟୋଜନ କରାଯିବା ଆମ ସରକାରଙ୍କ କ୍ରୀଡ଼ା ଓ କ୍ରୀଡ଼ାବିତମାନଙ୍କର ବିକାଶ ପ୍ରତି ରହିଥିବା ପ୍ରତିବଦ୍ଧତାକୁ ସୂଚିତ କରୁଛି । ୨୮ତମ ଆଇଆଇଟିଏଫ-ଏଟିଟିୟୁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ-୨୦୨୫ର ଆୟୋଜନ ଆମ ଦେଶ ଓ ଓଡ଼ିଶାରେ ରହିଥିବା ଟେବୁଲ ଟେନିସ୍ ପ୍ରତିଭାମାନଙ୍କୁ ପ୍ରେରିତ କରିବ ବୋଲି ମୁଁ ଆଶା କରୁଛି ବୋଲି କହିଛନ୍ତି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ । କ୍ରୀଡ଼ା କ୍ଷେତ୍ରରେ ଉତ୍କର୍ଷତା ପାଇଁ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରିଛି । ୨୮ତମ ଆଇଆଇଟିଏଫ-ଏଟିଟିୟୁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ-୨୦୨୫ର ଆୟୋଜନ ସଫଳତାର ସହ ହେବ ବୋଲି କହିଛନ୍ତି ଭାରତୀୟ ଟେବୁଲ ଟେନିସ୍ ମହାସଂଘର ସଭାପତି ଶ୍ରୀ କମଲେଶ ମେହତା ।

# ଅଳିଆରୁ ପ୍ରସ୍ତୁତ ହେବ ଏନଏର୍ଜି ଆଉ କୋଇଲା

ଭୁବନେଶ୍ୱର, ୨୬/୦୯ (ନି.ପ୍ର): ଅଳିଆରୁ ପ୍ରସ୍ତୁତ ହେବ ଏନଏର୍ଜି ଆଉ କୋଇଲା । ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ରାଜ୍ୟ ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ବିଭାଗ କାର୍ଯ୍ୟ କରୁଥିବା ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ବିଏମ୍ସି ପକ୍ଷରୁ ପୁରୁଣା ଭୁବନେଶ୍ୱରରେ ଆୟୋଜିତ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ଯୋଗ ଦେଇ ଏଭଳି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ଏହାସହ ସ୍ୱଚ୍ଛ ସର୍ବେକ୍ଷଣରେ ଭୁବନେଶ୍ୱରକୁ କିଭଳି ଏକ ନମ୍ବର ମାନ୍ୟତା ମିଳିବ ସେ ଦିଗରେ ଭୁବନେଶ୍ୱର ମହାନଗର ନିଗମ ଆହୁରି ତତ୍ପର ହୋଇ କାମ କରିବାର ଆବଶ୍ୟକତା ଥିବା ସୂଚନା ଦେଇଛନ୍ତି । ଭୁବନେଶ୍ୱର କର୍ପୋରେସନ ଅଂଚଳରୁ ପ୍ରତିଦିନ ୮୦୦ଟନ ଅଳିଆ ବାହାରୁଚି । ଯେଉଁଥିରେ ୪୦୦ ଟନ ଓଦା ଏବଂ ୩୯୦ ଟନ ପାଖାପାଖି ଶୁଖିଲା ଅଳିଆ ବାହାରୁଚି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଆଜି ଝାରସୁଗୁଡା...

ଏହି ଅମୃତ ଭାରତ ଏକ୍ସପ୍ରେସ ଓଡ଼ିଶାର ଗଞ୍ଜାମ, ରାୟଗଡା, କଳାହାଣ୍ଡି, ବଲାଙ୍ଗୀର ଏବଂ ନୂଆପଡାରୁ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଗୁଜରାଟ ଯିବାକୁ ଥିବା ଯାତ୍ରୀଙ୍କୁ ସହାୟକ ହେବ । ରାଜ୍ୟରେ ବିଜେପି ସରକାର ହେବା ପରେ ଗୋଟିଏ ବର୍ଷରେ ଓଡିଶାକୁ ୬ ଥର ଆସିଛନ୍ତି ପ୍ରଧାନମନ୍ତ୍ରୀ। ଶେଷ ଥର ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତିରେ ସାମିଲ ହୋଇ ରିପୋର୍ଟ କାର୍ଡ ରଖିଥିଲେ। ଏସହ ଗତ ବର୍ଷ ଜନ୍ମଦିନ ବି ଓଡ଼ିଶାରେ ପାଳି ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ । ଚଳିତ ବର୍ଷ ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିନ ଅବସରରେ ପାଳନ ହେଉଥିବା ସେବା ପର୍ବ ଅବସରରେ ଆସନ୍ତାକାଲି ଓଡ଼ିଶା ଆସୁଛନ୍ତି ମୋଦି ।

### ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା...

କାଲି ସକାଳେ ଆନ୍ଧ୍ର ପ୍ରଦେଶ ଓ ଦକ୍ଷିଣ ଓଡ଼ିଶା ମଧ୍ୟରେ ସ୍ଥଳଭାଗ ଅତିକ୍ରମ କରିବ । ଲଘୁଚାପ ପ୍ରଭାବରେ ୨୮ତାରିଖ ଯାଏଁ ଲାଗି ରହିବ ବର୍ଷା । ଏହି ସମୟରେ ସମୁଦ୍ର ଉପକୂଳରେ ୪୦ରୁ ୬୦ କିଲୋମିଟର ପବନ ବହିବାର ସମ୍ଭାବନା ରହିଛି । ତେଣୁ ସମୁଦ୍ର ଅଶାନ୍ତ ରହିବ । ତେଣୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ନଯିବାକୁ ବାରଣ କରାଯାଇଛି । ସ୍ଥିତିକୁ ଦେଖି ଜିଲ୍ଲାପାଳମାନଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ସରକାର । ଅଗ୍ନିଶମ, ଓଡ୍ରାଫ୍ ଓ ଏନ୍‌ଡିଆରଏଫ୍ ଟିମ୍‌କୁ ମଧ୍ୟ ସଜାଗ କରାଯାଇଛି । ପ୍ରଭାବରେ ରାଜ୍ୟରେ ଭୀଷଣ ବର୍ଷା ହେବାର ସମ୍ଭାବନା ରହିଛି । ବିଶେଷକରି ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ଅଧିକ ବର୍ଷା ହେବା ନେଇ ଆଶଙ୍କା କରିଛି ଆଇଏମ୍‌ଡି । ୨୭ ତାରିଖରେ ମାଲକାନଗିରି, କୋରାପୁଟ ଓ କଳାହାଣ୍ଡି ଏହି ୩ ଜିଲ୍ଲାରେ ଭୀଷଣ ବର୍ଷା ନେଇ ରେଡ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ । ସେହିପରି ରାୟଗଡ଼ା, ଗଂଜାମ, ଗଜପତି, କନ୍ଧମାଳ, ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗୀର, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଢେଙ୍କାନାଳ ଏହି ୧୪ ଜିଲ୍ଲାକୁ ଜାରି ହୋଇଛି ଅରେଞ୍ଜ ଆଲର୍ଟ । ଅନ୍ୟ ୧୩ ଜିଲ୍ଲାକୁ ମଧ୍ୟ ସତର୍କ କରାଯାଇଛି । ଲଘୁଚାପ ପ୍ରଭାବରେ ୨୮ତାରିଖ ଯାଏଁ ଲାଗି ରହିବ ବର୍ଷା । ଏହି ସମୟରେ ସମୁଦ୍ର ଉପକୂଳରେ ୪୦ରୁ ୬୦ କିଲୋମିଟର ପବନ ବହିବାର ସମ୍ଭାବନା ରହିଛି । ତେଣୁ ସମୁଦ୍ର ଅଶାନ୍ତ ରହିବ । ତେଣୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ନଯିବାକୁ ବାରଣ କରାଯାଇଛି । ସ୍ଥିତିକୁ ଦେଖି ଜିଲ୍ଲାପାଳମାନଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ସରକାର । ଅଗ୍ନିଶମ, ଓଡ୍ରାଫ୍ ଓ ଏନ୍‌ଡିଆରଏଫ୍ ଟିମ୍‌କୁ ମଧ୍ୟ ସଜାଗ କରାଯାଇଛି । ଏଥିସହ ଦକ୍ଷିଣ ଓଡ଼ିଶା ଉପରେ ନଜର ରଖିବାକୁ ତିନି ମନ୍ତ୍ରୀଙ୍କୁ ଦାୟିତ୍ୱ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ଏହି ଲଘୁଚାପ ଦୁର୍ବଳ ହେବା ପରେ ଅକ୍ଟୋବର ଆରମ୍ଭରେ ଆସୁଛି ଆଉ ଏକ ଲଘୁଚାପ ଆସୁଛି। ଯାହାକୁ ନେଇ ଚିନ୍ତା ବଢ଼ିଛି।

### ପ୍ରକାଶ ପାଇଲା ଓପିଏସସି ପରୀକ୍ଷା ...

ଆକାଂକ୍ଷା ମହାନ୍ତି (୨୦)। ଓଡ଼ିଶା ଲୋକ ସେବା ଆୟୋଗ (ଓପିଏସସି) ପକ୍ଷରୁ କୃତକାର୍ଯ୍ୟ ହୋଇଥିବା ଏହି ୩୯୮ ଜଣ ପରୀକ୍ଷାର୍ଥୀଙ୍କୁ ଓଡ଼ିଶା ପ୍ରଶାସନିକ ସେବା (ଗ୍ରୁପ୍-ଏ ଓ ବି) ୨୦୨୩ ଅଧୀନରେ ନିଯୁକ୍ତି ଦେବାକୁ ସୁପାରିଶ କରିଛନ୍ତି। ଓପିଏସସି ପରୀକ୍ଷା-୨୦୨୩ ପାଇଁ ଚଳିତ ବର୍ଷ ଏପ୍ରିଲ ମାସ ୧୯, ୨୦, ୨୨, ୨୪, ୨୭ ଓ ମେ' ୧୫ ତାରିଖରେ ମୁଖ୍ୟ (ଲିଖିତ) ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ତା'ପରେ ସେପଟେମ୍ବର ୬ରୁ ୧୮ ତାରିଖ ପର୍ଯ୍ୟନ୍ତ ସାକ୍ଷାତକାର ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏହା ପରେ ଆଜି ଫଳ ଘୋଷଣା କରାଯାଇଛି। ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା-୨୦୨୩ରେ କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ ତାଙ୍କ 'ଏକ୍ସ'ରେ ଲେଖିଛନ୍ତି, ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ସଫଳତା ଅର୍ଜନ କରିଥିବା ସମସ୍ତଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ପ୍ରଶାସନିକ ସେବା ଏକ ଗର୍ବର ବିଷୟ ଏବଂ ରାଜ୍ୟର ବିକାଶଧାରାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆପଣମାନେ ସ୍ୱଚ୍ଛ, ନିରପେକ୍ଷ ଓ ଲୋକାଭିମୁଖୀ ହୋଇ ତୃଣମୂଳସ୍ତରରୁ ରାଜ୍ୟର ବିକାଶ ପାଇଁ କାର୍ଯ୍ୟ କରିବେ ବୋଲି ଆଶା କରୁଛି। ଆପଣମାନଙ୍କ ଭବିଷ୍ୟତ କାର୍ଯ୍ୟକାଳ ଉଜ୍ଜ୍ୱଳ ହେଉ ଏବଂ ବୃତ୍ତିଗତ ଜୀବନରେ ଆପଣମାନେ ଉନ୍ନତି କରନ୍ତୁ ବୋଲି କାମନା କରୁଛି।

### ସୋନମ ୱାଙ୍ଗଚୁକ୍ ...

ଲୋକଙ୍କୁ ଉସୁକାଇବାର ଅଭିଯୋଗ ହୋଇଥିଲା। ହିଂସା ପରେ, ୱାଙ୍ଗଚୁକ୍ ବାରମ୍ବାର ଟାର୍ଗେଟ ହୋଇଆସୁଛନ୍ତି। କିଛି ସମୟ ଧରି ତାଙ୍କୁ ଅଟକ ରଖାଯାଇପାରେ ବୋଲି ଆଶଙ୍କା ଥିଲା। ୱାଙ୍ଗଚୁକ୍ ପୂର୍ବରୁ ଲଦାଖକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଦାବି ଉଠାଇଛନ୍ତି। ସେ ପ୍ରତିବାଦର ନେତୃତ୍ୱ ନେଇଛନ୍ତି ଏବଂ ଲଦାଖରୁ ଦିଲ୍ଲୀ ପର୍ଯ୍ୟନ୍ତ ଲୋକଙ୍କ ସହିତ ତାଙ୍କର ଦାବି ଉଠାଇଛନ୍ତି। କିନ୍ତୁ ଏଥର ସେପଟେମ୍ବର ୨୪ ତାରିଖରେ ପ୍ରତିବାଦ ହିଂସାତ୍ମକ ରୂପ ନେଇଥିଲା। ଫଳରେ ଲଦାଖରେ ସାଧାରଣ ଲୋକଙ୍କ ଜୀବନ ଯାଇଛି।

### ବିହାରରେ ଖୁବଶୀଘ୍ର ...

ଗତଥର ତୁଳନାରେ ଅଧିକ ଆସନ ମିଳିପାରେ। ଇତିମଧ୍ୟରେ ଦୁଇ ଦିନ ଧରି ବିଜେପି ରାଜ୍ୟ ନିର୍ବାଚନ କମିଟିର ପ୍ରାରମ୍ଭିକ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଦଳୀୟ ପ୍ରାର୍ଥୀରୁ ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହୋଇଛି । ଯାହା ଜଣାପଡୁଛି ନିଜ ନିର୍ବାଚନମଣ୍ଡଳୀରେ ଲୋକପ୍ରିୟତା ହରାଇଥିବା ବିଧାୟକମାନଙ୍କୁ ପୁଣି ଥରେ ଦଳୀୟ ଟିକେଟ ନଦେବାକୁ ବିଜେପି ସ୍ଥିର କରିଛି । ଏହି କ୍ରମରେ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀଙ୍କ ନାମ କେନ୍ଦ୍ରୀୟ ନିର୍ବାଚନ କମିଟିକୁ ସୁପାରିସ ହେବ ।

### ଟ୍ରମ୍ପଙ୍କ ଟାରିଫ୍ ...

ଆର୍ଥିକ ଦୃଷ୍ଟିରୁ ଦୃଢ଼ ଏବଂ ସଶକ୍ତ ରଖିବାକୁ ପଡିବ। ଉଲ୍ଲେଖନୀୟ ଯେ ଶୁଳ୍କ ଯୋଗୁଁ ଭାରତ ଏବଂ ଆମେରିକା ମଧ୍ୟରେ କିଛି ଦିନ ଧରି ଉତ୍ତେଜନା ଲାଗି ରହିଛି। ବର୍ତ୍ତମାନ ଦୁଇ ଦେଶ ମଧ୍ୟରେ ଆଲୋଚନା ଆରମ୍ଭ ହୋଇଛି। ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଏବଂ ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲଙ୍କ ଆମେରିକା ଗସ୍ତ ପରେ ଏକ ବାଣିଜ୍ୟ ଚୁକ୍ତି ଆଲୋଚନାର ଆଶା ମଧ୍ୟ ବୃଦ୍ଧି ପାଇଛି।

### ନାଟୋ ମୁଖ୍ୟଙ୍କ ବୟାନ ...

ପ୍ରଧାନମନ୍ତ୍ରୀ ମୋଦି କେବେ ରାଷ୍ଟ୍ରପତି ପୁଟିନଙ୍କ ସହ ଯେପରି ରିପୋର୍ଟ କରାଯାଉଛି ସେପରି କଥା ହୋଇନାହାଁନ୍ତି। ଏପରି କୌଣସି ଆଲୋଚନା ହୋଇନାହିଁ। ଜୟସୱାଲ ନାଟୋ ମୁଖ୍ୟ ରୁଟଙ୍କୁ ପରାମର୍ଶ ମଧ୍ୟ ଦେଇଥିଲେ ଯେ ଏତେ ଗୁରୁତ୍ୱପୂର୍ଣ୍ଣ ସଂଗଠନର ମୁଖ୍ୟ ଦାୟିତ୍ୱହୀନ ବୟାନ ଦେବା ଉଚିତ୍ ନୁହେଁ। ନାଟୋ ମୁଖ୍ୟ ରୁଟ ଜଣେ ସାମ୍ବାଦିକଙ୍କ ସହ ଆଲୋଚନାରେ କହିଥିଲେ ଯେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ଉପରେ ଶୁଳ୍କ ଲଗାଇବା ରୁଷ ଉପରେ ବଡ଼ ପ୍ରଭାବ ପକାଉଛି। ପ୍ରଧାନମନ୍ତ୍ରୀ ମୋଦି ପୁଟିନଙ୍କ ସହ ଫୋନ୍ ମାଧ୍ୟମରେ କଥା ହୋଇଥିଲେ ଏବଂ ୟୁକ୍ରେନ ଉପରେ ତାଙ୍କର ରଣନୀତି ବୁଝାଇବାକୁ ଚେଷ୍ଟା କରିଥିଲେ, କାରଣ ଭାରତ ଶୁଳ୍କ ଦ୍ୱାରା ପ୍ରଭାବିତ ହେଉଛି।

### ଲେହରେ ହିଂସା ପରେ...

ଅଧିକାରୀମାନେ ଶୁକ୍ରବାର କହିଛନ୍ତି ଯେ ସ୍ୱାଭାବିକ ଜୀବନକୁ ଫେରାଇ ଆଣିବା ପାଇଁ ପ୍ରୟାସ ଚାଲିଛି ଏବଂ ସମସ୍ତ ଅଂଚଳରେ ବିଶ୍ୱାସ ଫେରିବା ପରେ ପର୍ଯ୍ୟାୟକ୍ରମେ କଟକଣାକୁ ସମ୍ପୂର୍ଣ୍ଣ ଭାବରେ ଉଠାଇ ନିଆଯିବ। ପୋଲିସ ଏପର୍ଯ୍ୟନ୍ତ ୫୦ ରୁ ଅଧିକ ଲୋକଙ୍କୁ ଗିରଫ କରିଛି। ଅଟକ ରଖାଯାଇଥିବା ଲୋକଙ୍କୁ ଅଶାନ୍ତି ସୃଷ୍ଟି କରିବାରେ କୌଣସି ବାହ୍ୟ ସଂସ୍ଥା ଭୂମିକା ଗ୍ରହଣ କରିଛି କି ନାହିଁ ତାହା ନିର୍ଣ୍ଣୟ କରିବା ପାଇଁ ପଚରାଉଚରା କରାଯାଉଛି। ଏହି ଘଟଣା ପଛରେ କୌଣସି ସଂଗଠିତ ହାତ ଅଛି କି ନାହିଁ ତାହା ନିର୍ଣ୍ଣୟ କରିବାରେ ପଚରାଉଚରା ସାହାଯ୍ୟ କରିବ। ଏହି ସପ୍ତାହର ଆରମ୍ଭରେ ଲେହରେ ଘଟିଥିବା ହିଂସାରେ ଚାରି ଜଣ ଲୋକ ପ୍ରାଣ ହରାଇଥିଲେ ଏବଂ ଡଜନ ଡଜନ ସୁରକ୍ଷା କର୍ମୀ ଆହତ ହୋଇଥିଲେ। ଜନତା ସରକାରୀ କାର୍ଯ୍ୟାଳୟ ଉପରେ ଆକ୍ରମଣ କରିଥିଲେ, ଯାନବାହାନ ପୋଡ଼ି ଦେଇଥିଲେ ଏବଂ ପୋଲିସ ସହିତ ସଂଘର୍ଷ କରିଥିଲେ। ସେବେଠାରୁ ପରିସ୍ଥିତି ଉତେଜନାପୂର୍ଣ୍ଣ ରହିଛି, କିନ୍ତୁ ସୁରକ୍ଷା ବାହିନୀ ନିୟୋଜନ ଏବଂ ସମ୍ବେଦନଶୀଳ ଅଂଚଳରେ କଠୋର ସତର୍କତା ସହିତ ନିୟନ୍ତ୍ରଣରେ ରହିଛି।

## 'ଯୁଗଶ୍ରୀ ଯୁଗନାରୀ' ପତ୍ରିକାର ଶାରଦୀୟ ସାରସ୍ୱତ ସମାରୋହ



ବାଲେଶ୍ୱର, ୨୬/୯ (ନି.ପ୍ର): ଓଡ଼ିଶାର ଏକ ପୁରାତନ ମାସିକ ମହିଳା ସାହିତ୍ୟ ପତ୍ରିକା 'ଯୁଗଶ୍ରୀ ଯୁଗନାରୀ'ର ଶାରଦୀୟ ସାରସ୍ୱତ ସମାରୋହ ସ୍ଥାନୀୟ ହୋଟେଲ ଫାଣ୍ଟାସି ସଭାଗୃହରେ ଶୁକ୍ରବାର ସନ୍ଧ୍ୟାରେ ମମତା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାରୀଦଳର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, 'ଯୁଗଶ୍ରୀ ଯୁଗନାରୀ'ର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହିତ ବାଲେଶ୍ୱରକୁ ଏକ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ିବା ପାଇଁ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ବକ୍ତାଭାବେ ସୁସାହିତ୍ୟିକ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, "ଜଣେ ମହିଳା ସମାଜକୁ ବଦଳାଇବାର କ୍ଷମତା ରଖେ। ଶିକ୍ଷାବ୍ୟବସ୍ଥା ଯଦି ସଠିକ୍ ଭାବରେ କାର୍ଯ୍ୟ କରିବ, ତାହେଲେ ମହିଳା ସଶକ୍ତିକରଣ ସଫଳ ହେବ। ତେଣୁ ମାନସିକତାରେ ପରିବର୍ତ୍ତନ ହେବା ଆବଶ୍ୟକ। ମଣିଷର ଜୀବନ ତା'ର କର୍ମରୁ ହିଁ ଜଣାଯାଏ।" ସମ୍ମାନିତ ଅତିଥିଭାବେ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ କହିଥିଲେ, "ନାରୀ କେବେହେଲେ ଦୁର୍ବଳା ନୁହେଁ। ସୁଯୋଗ ସୃଷ୍ଟିକଲେ ସେ ନିଜକୁ ସଠିକ୍ ଭାବେ ପ୍ରତିପାଦିତ କରିପାରିବ। ଜୀବନ ତାହା ନୁହେଁ ଯାହା ଚାରିକାନ୍ଥ ଭିତରେ ବିତିଯାଏ, ସମାଜ ପାଇଁ ନିଜକୁ ଉତ୍ସର୍ଗ କରୁଥିବା ଜୀବନ ହିଁ ପ୍ରକୃତ ଜୀବନ।" ପତ୍ରିକାର ଉଚ୍ଚପ୍ରଶଂସା କରି ପତ୍ରିକାରେ ମହିଳାମାନଙ୍କ ସମସ୍ୟା ପ୍ରତିଫଳନ ସଙ୍ଗେ ନାରୀଶକ୍ତିର ଉତ୍‌ଥାନ ଦିଗରେ ନିୟୋଜିତ ରହିବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁଧାକର ନାୟକ କହିଥିଲେ, ଯଦି ଉପଯୁକ୍ତ ପୃଷ୍ଠପୋଷକତା ମିଳେ, ତାହେଲେ ଏହି ପତ୍ରିକା ଆହୁରି ସୃଜନଶୀଳ ସାହିତ୍ୟିକ ସୃଷ୍ଟି କରିପାରିବ। ସଂପାଦିକା ମମତା ମହାପାତ୍ର ତାଙ୍କ ବକ୍ତବ୍ୟରେ "ମଣିଷ କେବେ ବି ହାରିଯାଏ ନାହିଁ, ଧ୍ୱଂସ ଭିତରୁ ମଧ୍ୟ ସେ ଜୀବନ ଖୋଜିନିଏ" ବୋଲି କହିଥିଲେ। 'ଯୁଗଶ୍ରୀ ଯୁଗନାରୀ' ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ମଧ୍ୟ କରାଯାଉଥିବାର ସେ ସୂଚନା ଦେଇଥିଲେ। ଏହି ଅବସରରେ ପତ୍ରିକାର ଅକ୍ଟୋବର ଶାରଦୀୟ ସଂଖ୍ୟା-୨୦୨୫ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏଥର ପ୍ରଚ୍ଛଦପଟ୍ଟ ଓ ଓ ସାକ୍ଷାତକାରରେ ସ୍ଥାନିତ ହୋଇଛନ୍ତି ବିଶିଷ୍ଟ ଶିକ୍ଷାବିତ୍ ଓ ସମାଜସେବୀ - ଡକ୍ଟର ଶ୍ରୀମତୀ ଦୀପା ପାଢ଼ୀ। ସୁଶ୍ରୀ ଗୀତାଞ୍ଜଳି ସିଂହ ମଂଚ ଆହ୍ୱାନ କରିଥିବାବେଳେ ପଣ୍ଡିତ ସଞ୍ଜୟ କୁମାର ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡ. କ୍ଷିତୀଶ୍ୱର ଦାଶ ବେଦପାଠ କରିଥିଲାବେଳେ କଲ୍ୟାଣୀ ନନ୍ଦ ମା' ଦୁର୍ଗାଙ୍କ ଆବାହନୀ ସଂଗୀତ ଗାନ କରିଥିଲେ। ସ୍ମୃତି ଦାସ ଏହି ସଂଖ୍ୟାର ପ୍ରଚ୍ଛଦପଟ୍ଟ ଓ ସାକ୍ଷାତକାରରେ ସ୍ଥାନିତ ହୋଇଥିବା ଡକ୍ଟର ଦୀପା ପାଢ଼ୀଙ୍କ ସଂପର୍କରେ ଆଲୋକପାତ କରିଥିଲେ। ସଭା ପରିଚାଳନାରେ କ୍ରୀଷ୍ଣା ସାହା, ବସନ୍ତ ପ୍ରଧାନ, ସ୍ନେହଲତା ପତି ପ୍ରମୁଖ ସହାୟତା କରିଥିଲେ। ଏହି ସାରସ୍ୱତ ସମାରୋହରେ ଶତାଧିକ ଶୁଭେଚ୍ଛୁ ଯୋଗ ଦେଇଥିଲେ। ଶିଳ୍ପୀ କେଶୁ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱର୍ଗତଃ ରଞ୍ଜନ ମହାନ୍ତିଙ୍କ ତୃତୀୟ ବାର୍ଷିକ ସ୍ମୃତିସଭା ପାଳିତ



ବେତନଟୀ , ୨୬/୯ (ନି.ପ୍ର): ଦିବଂଗତ ସାମ୍ବାଦିକ ସ୍ୱର୍ଗତଃ ରଞ୍ଜନ କୁମାର ମହାନ୍ତିଙ୍କର ତୃତୀୟ ବାର୍ଷିକ ସ୍ମୃତିସଭା ବେତନଟୀର ସଠିଲୋ ସ୍ଥିତ ବାସଭବନରେ ପାଳିତ ହୋଇଯାଇଛି। ବେତନଟୀ ବ୍ଲକ ସାମ୍ବାଦିକ ସଂଘର ଆଶିଷ କୁମାର ଦାସଙ୍କର ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ବେତନଟୀ ବ୍ଲକ ସାମ୍ବାଦିକ ସଂଘର ଅଧ୍ୟକ୍ଷ ଅଜୟ କୁମାର କର, ସଭାପତି ସର୍ବେଶ୍ୱର ମହାନ୍ତ, ସମ୍ପାଦକ ଅନୁପ କୁମାର ଦଣ୍ଡପାଟ, ଶାନ୍ତନୁ ପଣ୍ଡା, କବି ମନୋଜ କୁମାର ମହାନ୍ତ, କେଶବ ନାଥ, କମଳଲୋଚନ କର , ପଦ୍ମମାଳୀ ମହିଳା ସଙ୍ଗଠନର ସମ୍ପାଦିକା ପ୍ରଭାତୀ ମହାନ୍ତି ପ୍ରମୁଖ ସ୍ୱର୍ଗତଃ ରଞ୍ଜନ କୁମାର ମହାନ୍ତିଙ୍କର ସ୍ମୃତିଚାରଣ କରିବା ସହିତ ତାଙ୍କର ନିର୍ଭୀକ ସାମ୍ବାଦିକତା ଓ ସମାଜସେବା କ୍ଷେତ୍ରରେ ଥିବା ଅବଦାନ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ବେତନଟୀ ବ୍ଲକ ସାମ୍ବାଦିକ ସଂଘର ସଦସ୍ୟ ସର୍ବେଶ୍ୱର ଦାସ, ପଦ୍ମମାଳୀ ମହିଳା ସଙ୍ଗଠନର ସଦସ୍ୟା ଗୀତାଞ୍ଜଳୀ ଭୂୟାଁ, ବିନୋଦିନୀ ମହାନ୍ତ, ସୋନା ଖାତୁନ, ଅନିନ୍ଦିତା ସାହୁ, ରଞ୍ଜିତା କର, ରଶ୍ମିତା ଦାଶ, ହରପ୍ରିୟା ଦାସ, ମିନତୀ ସାହୁ, ସୁଶୀଳା ବାରିକ, ମଧୁସ୍ମିତା ମଣ୍ଡଳ, ମଧୁସ୍ମିତା, କବିତା ସାହୁ, ପଦ୍ମାବତୀ ସାହୁ, ପ୍ରମୋଦିନୀ ମହାନ୍ତ, ଉମା ଯାଦବ, ବାସନ୍ତୀ ବେହେରା, ପ୍ରଜାସ୍ମିତା ଦାସ, ସ୍ୱର୍ଣ୍ଣଲତା ମହାନ୍ତ, ପୂର୍ଣ୍ଣିମା ପଣ୍ଡା, ଆରାଧ୍ୟା ବେହେରା, ଆତିକ୍ଷ ବେହେରା ଓ ଅକ୍ଷୟ ପଣ୍ଡା ପ୍ରମୁଖ ବିଭିନ୍ନ କାର୍ଯ୍ୟ ପରିଚାଳନା କରିଥିଲେ। ବେତନଟୀ ବ୍ଲକ ସାମ୍ବାଦିକ ସଂଘର ଉପସଭାପତି ଗତିକୃଷ୍ଣ ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜେଜେ ମାଆଙ୍କୁ ଛୁରୀ ଦେଖାଇ ଲୁଟିନେଲା ନାତି

ଭଦ୍ରକ, ୨୬/୯ (ନି.ପ୍ର): ସମ୍ପର୍କରେ ଲାଗିଲା ଚୋରି ଦାଗ । ନାତି ସାଜିଲା ବଇରୀ । ଜେଜେ ମାଆକୁ ଛୁରୀ ଦେଖାଇ ଲୁଟିନେଲା ସମ୍ପର୍କୀୟ ନାତି । ଭଦ୍ରକ ଜିଲ୍ଲା ଗ୍ରାମାଂଚଳ ଥାନା ଅଧୀନ ବିଜେ ଗଙ୍ଗାଧରପୁର ଗାଁରୁ ନଜର ଆସିଛି ଏପରି ଘଟଣା । ଅଭିଯୋଗ ଆଧାରରେ ଗ୍ରାମାଂଚଳ ଥାନା ଅଧୀନ ଦରଡା ଫାଣ୍ଡି ଅଧିକାରୀ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି । ସୂଚନା ଥାଉକି, ଘରେ ଏକା ଥିଲେ ଜେଜେ ମାଆ ସ୍ମିତା ରାଣୀ ମହାରଣା । ଆଉ ପୁଅ ବୋହୂ ନଥିବା ସୁଯୋଗ ନେଇ ଘର ନିକଟ ସମ୍ପର୍କୀୟ ନାତି ଘରକୁ ଆସିଥିଲେ । ହଠାତ୍ ଆସି ଘର ଭିତରୁ କବାଟ ଦେଇଥିଲା ସେ । ଏମିତିକି ବେକରେ ଛୁରୀ ବେକରେ ଲଗାଇ ଲୁଟି ନେଲା ସମ୍ପର୍କୀୟ ନାତି । ପରେ ଘରେ ଥିବା ଏକ ସୁନା ଚେନ୍ ସହ ଟଙ୍କା ଲୁଟି ନେଇଥିଲେ ।

## ୨୭ ସେପ୍ଟେମ୍ବରରେ ପାଳିତ ହେବାକୁ ଥିବା ବିଶ୍ୱ ପର୍ଯ୍ୟଟନ ଦିବସ-୨୦୨୫ ଉପଲକ୍ଷେ କୁଇଜ ପ୍ରତିଯୋଗିତା

ବାରିପଦା, ୨୬/୯ (ନି.ପ୍ର): ଚଳିତ ସେପ୍ଟେମ୍ବର ୨୭ ତାରିଖରେ ପାଳିତ ହେବାକୁଥିବା ବିଶ୍ୱ ପର୍ଯ୍ୟଟନ ଦିବସ-୨୦୨୫ ଅବ୍ୟବହିତ ପୂର୍ବରୁ ଏହି ପରିପ୍ରେକ୍ଷୀରେ ବାରିପଦା ଠାରେ ଜିଲ୍ଲା ପର୍ଯ୍ୟଟନ ବିକାଶ ଅଧିକାରିଣୀ ଶ୍ରୀମତୀ ସତ୍ୟଭାମା ବେହେରାଙ୍କ ତତ୍ତ୍ୱାବଧାନରେ ଏକ କୁଇଜ ପ୍ରତିଯୋଗିତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ସ୍ୱସ୍ତି ଇନ୍‌ଷ୍ଟିଚ୍ୟୁଟ ଅଫ ମ୍ୟାନେଜେମେଣ୍ଟ ଏଣ୍ଡ ସୋସିଆଲ ଷ୍ଟାଡ଼ିଜର ଅଧ୍ୟକ୍ଷ ପ୍ରଫେସର ରାଜ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ବିକାଶ ରଞ୍ଜନ ମହାନ୍ତି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉକ୍ତ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ପର୍ଯ୍ୟଟନ ଅଧିକାରିଣୀ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନର ଆଭିମୁଖ୍ୟ ଓ ଚଳିତ ବର୍ଷର ବିଷୟ ବସ୍ତୁ ପର୍ଯ୍ୟଟନ ଏବଂ ସ୍ଥାୟୀ ରୂପାନ୍ତରଣ ଶୀର୍ଷକ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ପାଣିଗ୍ରାହୀ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନର ଆବଶ୍ୟକତା ଓ ଏହାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋକପାତ କରିବା ସହ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଓଡିଶା କିପରି ଏହାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି, ସେ ସମ୍ବନ୍ଧରେ ଉଲ୍ଲେଖ କରିଥିଲେ। ଏହି ଅବସରରେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ ଯୋଗ ଦେଇ କହିଥିଲେ ଯେ ବିଶ୍ୱରେ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ କଳା, ସାହିତ୍ୟ, ସଂସ୍କୃତି ଓ ଭାବର ଆଦାନ ପ୍ରଦାନ ତଥା ସୁସମ୍ପର୍କ ସ୍ଥାପନ ପାଇଁ ପର୍ଯ୍ୟଟନ ଏକ ସେତୁ ସଦୃଶ. ବର୍ତ୍ତମାନ ସମୟରେ ଦେଶର ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ପର୍ଯ୍ୟଟନ ଶିଳ୍ପ ଏକ ପ୍ରମୁଖ ଭୂମିକା ବହନ କରିଛି.ଆଜି ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଓଡିଶାର ପୁରୀ ଯେପରି ମହାପ୍ରଭୁ ଶ୍ରୀଜଗନ୍ନାଥ ପାଇଁ ବିଶ୍ୱ ବିଦିତ, ମୟୂରଭଞ୍ଜର ଶିମିଳିପାଳ ମଧ୍ୟ ସେହିପରି ବିଶ୍ୱ ଆଦୃତ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନେତ୍ରା ନନ୍ଦ ମଲ୍ଲିକ ଓ ପ୍ରଫେସର ପାଣିଗ୍ରାହୀ କୁଇଜ୍ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରି ପୁରସ୍କୃତ କରିଥିଲେ। କୁଇଜ ପ୍ରତିଯୋଗିତାରେ ଉଚ୍ଚ ବିଦ୍ୟାଳୟ ସ୍ତରରେ ସେଣ୍ଟ ଆନିସ କନଭେଣ୍ଟ ସ୍କୁଲର ଛାତ୍ର ରାଜ କୁମାର ଦାସ, ସେଣ୍ଟ ଆନିସ କନଭେଣ୍ଟ ସ୍କୁଲର ଛାତ୍ର ଏକତ୍ୱ ଅର୍ଣ୍ଣବ ଓ କମଳା ନେହରୁ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଚୁଲବୁଲି ସିଂ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ମହାବିଦ୍ୟାଳୟ ସ୍ତରରେ ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶୁଭ ସୌରଭ ବାରିକ, ବାରିପଦା ଡିଗ୍ରୀ ମହାବିଦ୍ୟାଳୟର ଦିପ୍ତୀସ୍ମିତା ସାହୁ, ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଲାବ୍ୟନ ଦଲେଇ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଆଜିର ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ବିଭିନ୍ନ ବିଭାଗୀୟ ଅଧିକାରୀ, ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ଏବଂ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟର କର୍ମଚାରି ବୃନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଜିଲ୍ଲା ପର୍ଯ୍ୟଟନ ଅଧିକାରିଣୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଏସ୍. ଇ. ରେଳବାଇ - ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ, ଦକ୍ଷିଣ ପୂର୍ବ ରେଳବାଇ, ଖଡ଼ଗପୁର- ୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ଉଲ୍ଲେଖିତ ତାରିଖରେ ଅପରାହ୍ନ ୩ଟା ପୂର୍ବରୁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି ଏବଂ ୧୫:୩୦ ଘଣ୍ଟାରେ ଖୋଲାଯିବ: **କ୍ରମିକ ସଂଖ୍ୟା; ଟେଣ୍ଡର ସଂଖ୍ୟା; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ ଏବଂ ରୋଜଗାର ଅର୍ଥ ଯଥାକ୍ରମେ: (୧); ଇ-କେଜିପି-ଦକ୍ଷିଣ-୫୧-୨୦୨୫;** ସିନିୟର ଡେନ୍ (ଦକ୍ଷିଣ)/ଖଡ଼ଗପୁର (ଦ୍ୱିତୀୟ କଲ୍) ଅନ୍ତର୍ଗତ ଖଡ଼ଗପୁର-ଭଦ୍ରକ ସେକ୍ସନରେ ୬୦.୨୫୦ ଟ୍ରି. କିଲୋମିଟରର ଅଗଭୀର ସ୍କ୍ରିନିଂ ଏବଂ ସେସ୍ କଟିଂ; ୨,୪୧,୮୫,୦୪୭.୪୫; ୨,୭୦,୯୦୦.୦୦. **(୨); ଇ-କେଜିପି-ଦକ୍ଷିଣ-୫୨-୨୦୨୫;** ADEN/ବାଲେସୋର ଅଧୀନରେ ଥିବା ନୂଆଗାଁ ମୟୂରଭଞ୍ଜ ରୋଡ୍-ଭଦ୍ରକ ସେକ୍ସନରେ ୬୦ କିଲୋଗ୍ରାମ ରେଳପଥର ୟାର୍ଡର ଉନ୍ନତି ଏବଂ ସିଡ୍ୟୁଲ୍ ରଙ୍ଗ; ୨,୪୯,୭୭,୯୧୦.୬୭; ୨,୭୪,୯୦୦.୦୦; **(୩); E-KGP-EAST-60-2025;** (i) ପାଂସକୁରା (**PKU**) ସାମଗ୍ରୀ ସେଡର ଆଧୁନିକୀକରଣ/ଉନ୍ନତିକରଣ (ii) ପୂର୍ଣ୍ଣ ଲମ୍ବ ଟ୍ରେନକୁ ସ୍ଥାନ ଦେବା ଏବଂ ବାହାରକୁ ଆସୁଥିବା ଟାୱାର ୱାଗନ ସେଡର ନିର୍ମାଣ/ବଦଳାଇବା ପାଇଁ ମେଚେଡା (**MCA**) ଷ୍ଟେସନରେ ଚର ନମ୍ବର ୩ ଏବଂ ୪ ର ସମ୍ପ୍ରସାରଣ ଏବଂ (iii) **DEN**/ପୂର୍ବ/ଖଡ଼ଗପୁରର ଅଧିକାରକ୍ଷେତ୍ର ଅଧୀନରେ ଶାଲିମାର, ସାନ୍ତରାଗାଛି, ମେଚେଡା ଏବଂ ପାଂସକୁରା ପାର୍ସଲ ସ୍ଥାନଗୁଡ଼ିକରେ ପାର୍ସଲ ପଥ ବିକାଶ; ଟ. ୮,୩୨,୭୧,୯୬୯.୮୬; ଟ. ୫,୬୬,୪୦୦.୦୦ ଙ୍କା; (୪); **E-KGP-HQ-42-2025; ADEN**/ତମଲୁକର ଅଧିକାରକ୍ଷେତ୍ର ଅଧୀନରେ ତମଲୁକ-ଦିଘା ସେକ୍ସନରେ ସେତୁ ନମ୍ବର ୨୬ (ଗୁରୁତ୍ୱପୂର୍ଣ୍ଣ ସେତୁ) ଏବଂ ସେତୁ ନମ୍ବର ୮୩ (ମୁଖ୍ୟ ସେତୁ) ର ଉନ୍ନତି ଏବଂ ନବୀକରଣ; ୩,୫୫,୧୪,୧୨୦.୪୮; ୩,୨୭,୬୦୦.୦୦; (୫); **E-KGP-WEST-41-2025; DEN/West/Kharagpur** ଅନ୍ତର୍ଗତ ଗିର୍ଡର ବ୍ରିଜ୍ ଉପରେ **H-Beam Sleeper** ରେ ଲକ୍ ନଟ୍ ଯୋଗାଣ; ୧,୯୯,୮୪,୮୭୨.୯୬; ୨,୪୯,୯୦୦.୦୦; **(୬); E-KGP-WEST-42-2025; ADEN/West/Kharagpur** କ୍ଷେତ୍ରାଧିକାର ଅଧୀନରେ **SSE/P.way/Kharagpur** ସେକ୍ସନରେ ଟ୍ରାକ୍ ଏବଂ ଅନ୍ୟାନ୍ୟ ବିବିଧ କାର୍ଯ୍ୟର ସୁଦୃଢ଼ୀକରଣ ଏବଂ ରକ୍ଷଣାବେକ୍ଷଣ ପାଇଁ **P. Way** କାର୍ଯ୍ୟ କରେ;ଟ. ୧,୭୧,୧୭,୮୪୭.୬୮; ଟ. ୨,୩୫,୬୦୦.୦୦; **(୭); E-KGP-WEST-43- 2025; ADEN/West/Kharagpur** ର କ୍ଷେତ୍ରାଧିକାର ଅଧୀନରେ **SSE/P. Way/KAF** ସେକ୍ସନରେ ଟ୍ରାକ୍ ଏବଂ ଅନ୍ୟାନ୍ୟ ବିବିଧ କାର୍ଯ୍ୟର ସୁଦୃଢ଼ୀକରଣ ଏବଂ ରକ୍ଷଣାବେକ୍ଷଣ ପାଇଁ **P. Way** କାର୍ଯ୍ୟ କରେ; ୧,୪୯,୮୮,୪୪୧.୭୮; ୨,୨୫,୦୦୦.୦୦; **(୮); E-KGP-WEST-44-2025; ADEN**/ପଶ୍ଚିମ/ଖଡ଼ଗପୁର କ୍ଷେତ୍ରାଧିକାର ଅନ୍ତର୍ଗତ **SSE/P.Way/MYD** ବିଭାଗରେ ଟ୍ରାକ୍ ଏବଂ ଅନ୍ୟାନ୍ୟ ବିବିଧ କାର୍ଯ୍ୟର ସୁଦୃଢ଼ୀକରଣ ଏବଂ ରକ୍ଷଣାବେକ୍ଷଣ ପାଇଁ **P. Way** କାର୍ଯ୍ୟ; ୧,୩୯,୩୩,୬୭୯.୪୪; ୨,୧୯,୭୦୦.୦୦; **(୯); E-KGP-EAST-61-2025**; ନିମ୍ନଲିଖିତ କାର୍ଯ୍ୟଗୁଡ଼ିକର କାର୍ଯ୍ୟକାରୀ (i) **ADEN**/ଶାଲିମାର ଅନ୍ତର୍ଗତ ଓଭର ରନଲାଇନ୍, ଡେଡ୍ ଏଣ୍ଡ ଏବଂ ବାଲିଆ ହମ୍ପର ଉନ୍ନତି ଏବଂ ମାନକୀକରଣ, (ii) ଆନ୍ଦୁଲ-ପାଂସକୁରା: ୨୩ କିଲୋମିଟର ପାଇଁ ଫାସନେଟିଂ ନବୀକରଣ ମାଧ୍ୟମରେ ଏବଂ (iii) ହାଓଡା-ଖଡ଼ଗପୁର: **DEN**/ପୂର୍ବ/ଖଡ଼ଗପୁରର ଅଧିକାରକ୍ଷେତ୍ର ଅଧୀନରେ **SEJ- 44** ସେଟ୍ ଏବଂ ଗ୍ଲୁଡ୍ ସନ୍ଧି-୭୨୪ ନମ୍ବରର ନବୀକରଣ; ୩,୪୯,୮୬,୬୪୭.୯୭; ୩,୨୪,୯୦୦.୦୦; **ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ:** ୦.୦୦ (ସମସ୍ତ ଟେଣ୍ଡର ପାଇଁ); **ଖୋଲିବାର ତାରିଖ:** ୧୬.୧୦.୨୦୨୫ (କ୍ରମ ୧ ରୁ ୪ ପାଇଁ), ୨୨.୧୦.୨୦୨୫ (କ୍ରମ ୫ ରୁ ୮ ପାଇଁ) ଏବଂ ୨୩.୧୦.୨୦୨୫ (କ୍ରମ ୯ ପାଇଁ); **କାର୍ଯ୍ୟ ସମାପ୍ତି ଅବଧି:** ୧୮ ମାସ (**Sl.** ନମ୍ବର ୩ ପାଇଁ) ଏବଂ ୧୨ ମାସ (କ୍ରମିକ ସଂଖ୍ୟାର ବାକି ଅଂଶ ପାଇଁ); **ବିଡିଂ ଆରମ୍ଭ ତାରିଖ:** କ୍ରମିକ ସଂଖ୍ୟା ୧ ରୁ ୪ ପାଇଁ ୦୨.୧୦.୨୦୨୫ ରୁ ୧୬.୧୦.୨୦୨୫ ପର୍ଯ୍ୟନ୍ତ ଏବଂ ୧୫:୦୦ ଘଣ୍ଟା ପର୍ଯ୍ୟନ୍ତ; **ବିଡିଂ ଆରମ୍ଭ ତାରିଖ:** କ୍ରମିକ ସଂଖ୍ୟା ୫ ରୁ ୮ ପାଇଁ ୦୮.୧୦.୨୦୨୫ ରୁ ୨୨.୧୦.୨୦୨୫ ପର୍ଯ୍ୟନ୍ତ ଏବଂ ୧୫:୦୦ ଘଣ୍ଟା ପର୍ଯ୍ୟନ୍ତ; **ବିଡିଂ ଆରମ୍ଭ ତାରିଖ:** କ୍ରମିକ ସଂଖ୍ୟା ୯ ପାଇଁ ୦୯.୧୦.୨୦୨୫ ରୁ ୨୩.୧୦.୨୦୨୫ ପର୍ଯ୍ୟନ୍ତ ଏବଂ ୧୫:୦୦ ଘଣ୍ଟା ପର୍ଯ୍ୟନ୍ତ। ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ନିର୍ଦ୍ଦିଷ୍ଟକରଣ ପାଇଁ **www.ireps.gov.in** ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ। କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର.:** ସମ୍ଭାବ୍ୟ ବିଡ୍‌ଦାତାମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବରେ **"www.ireps.gov.in'** ପରିଦର୍ଶନ କରିପାରିବେ।

**(PR-671)**

## AFFIDAVIT

By virtue of an affidavit before the executive Magistrate Nilgiri, I, Sri Kartik Sing aged 35 years, S/o- Jatia Sing of village Kathagochhi, Po- Mahisapata, Ps- Nilgiri, Dist- Balasore state that my daughter's correct name is Litu Sing according to her birth certificate issued by S.D.H Nilgiri vide registration no- 1202/ 2012 on dt. 17.01.2025, but it is wrongly mentioned as Laxmi Sing in her Aadhaar Card. Both Litu sing and Laxmi sing are one and same person.

**Kartika Sing**

## ୬୪ତମ ଜାତୀୟ ସ୍ତରୀୟ ସିନିଅର୍ ଓପନ୍ ଆଥଲେଟିକ୍ ମିଟ୍ ନିମନ୍ତେ ଓଡିଶା ଦଳରେ ଭଦ୍ରକରୁ ହରିଶଙ୍କର ମନୋନୀତ



ଭଦ୍ରକ , ୨୬/୯ (ନି.ପ୍ର): ଝାଡ଼ଖଣ୍ଡ ରାଞ୍ଚି ଷ୍ଟାଡ଼ିୟମ୍‌ରେ ଆରମ୍ଭ ହେବାକୁ ଯାଉଥିବା ୬୪ତମ ଜାତୀୟ ସ୍ତରୀୟ ଓପନ ସିନିଅର୍ ଆଥଲେଟିକ୍ ମିଟ ପ୍ରତିଯୋଗିତା ଟି ୨୭ ସେପଟେମ୍ବର ରୁ ଆରମ୍ଭ ହୋଇ ୩୦ ସେପଟେମ୍ବର ୨୦୨୫ ରେ ସମାପ୍ତ ହେବ ଏହି ପ୍ରତିଯୋଗିତା ନିମନ୍ତେ ଓଡିଶା ତାର ଖେଳାଳୀ ଙ୍କ ନାମ ଘୋଷଣା କରିଛି .ଏହି ପୁରୁଷ ଦଳରେ ଭଦ୍ରକ ଜିଲ୍ଲାରୁ ହରିଶଙ୍କର ପାଣିଗ୍ରାହି ୪ x ୪୦୦ ମିଟର୍ ରିଲେ ଇଭେଣ୍ଟ ରେ ସ୍ଥାନ ପାଇଛନ୍ତି ସେ ବି ଏନ୍ ଏମ୍ ଏ କଲେଜ ପାଳିଆବିନ୍ଧା ରେ +୩ ତୃତୀୟ ବର୍ଷ ବାଣିଜ୍ୟ ରେ ଅଧ୍ୟୟନ କରୁଥିବା ବେଳେ ଜଗନ୍ନାଥପୁର ସ୍ଥିତ ଉଦ୍ରକ ଆଥଲେଟିକ୍ ଏକାଡେମୀ ରେ ନିୟମିତ ଅଭ୍ୟାସ ଜାରି ରଖି ତାଙ୍କର ଲକ୍ଷ୍ୟ ପଥରେ ଅଗ୍ରସର ହୋଇଥିଲେ ।ସେ ୨ ବର୍ଷହେଲା ବିଶ୍ୱବିଦ୍ୟାଳୟ ସ୍ତର ରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରତିନିଧିତ୍ୱ କରିସାରିଛନ୍ତି। ହରିଶଙ୍କର ନିଜର ଦକ୍ଷତା ବିକାଶ ନିମନ୍ତେ କିଛି ମାସ ହେଲା ସମ୍ବଲପୁର ସ୍ଥିତ ବିର୍ଷା ମୁଣ୍ଡା ଆଥଲେଟିକ ଷ୍ଟାଡିୟମ ରେ ସିନଥେଟିକ ଟ୍ରାକରେ କୋଚ୍ ଶିବପ୍ରସାଦ ମିଶ୍ର ଙ୍କ ତତ୍ତ୍ୱାବଧାନ ଅଭ୍ୟାସ ଜାରି ରଖିଛନ୍ତି ।ତାଙ୍କ ପିତା ଙ୍କ ନାମ ରାମ ପ୍ରସାଦ ପାଣିଗ୍ରାହି ଓ ମାତା ଙ୍କ ନାମ ସୀତାଦେବୀ ପାଣିଗ୍ରାହି ଘର ପିରାହାଟ ସ୍ଥିତ ପୁରୁଣା ବଜାର ଗ୍ରାମରେ । ହରିଶଙ୍କର ଭଦ୍ରକ ଜିଲ୍ଲାରେ ପ୍ରଥମ ଥର ପାଇଁ ସିନିଅର୍ ଜାତୀୟ ଆଥଲେଟିକ୍ ପ୍ରତିଯୋଗିତାର ସ୍ଥାନ ପାଇବା ର ସୁଯୋଗ ପାଇଥିବାରୁ ଖେଳପ୍ରେମୀ ଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି ।ଏଥିପାଇଁ ଭଦ୍ରକ ଜିଲ୍ଲା ଆଥଲେଟିକ ଆଶୋସିଏସନ୍ ର ସଂପାଦକ ଧିରେନ୍ ପଲାଇ ଶୁଭେଚ୍ଛା । ଜଣାଇବା ସହିତ ଉଦ୍ରକ ଆଥଲେଟିକ୍ ଏକାଡେମୀ ର ମୁଖ୍ୟ ପରିଚାଳକ ତଥା କ୍ରିଡ଼ା ଶିକ୍ଷକ ମନୋଜ କୁମାର ସାହୁ , କ୍ରିଡ଼ା ଶିକ୍ଷକ ରବି ନାରାୟଣ ଓଝା ଶୁଭେଚ୍ଛା। ଜଣାଇବା ସହିତ ସେ କିପରି ଜାତୀୟ ସ୍ତରରେ ଉଚ୍ଚ କୋଟୀର ଭଲ ଖେଳ ପ୍ରଦର୍ଶନ କରନ୍ତୁ ତାଙ୍କର ଶୁଭ ମନାସିଛନ୍ତି ।

ଶନିବାର, ସେପ୍ଟେମ୍ବର ୨୭, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଜଗାଇ କଲେଜରେ ଜାତୀୟ ସେବା ଶିବିରର ପ୍ରତିଷ୍ଠା ଦିବସ ପାଳନ




ବାଲିଆପାଳ , ୨୬/୯ (ନି.ପ୍ର): କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ, ଜଗାଇର +୨ ଓ +୩ ବିଭାଗ ଜାତୀୟ ସେବାଶିବିରର ପ୍ରତିଷ୍ଠା ଦିବସ ସମ୍ମାନନୀୟା ଅଧ୍ୟକ୍ଷ ଡ଼ ମାନସୀ ସାହୁଙ୍କ ପୌରାହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଜାତୀୟ ସେବାଶିବିରର ପୂର୍ବତନ ପରିଚାଳିକା ଅଧ୍ୟାପିକା ଶାନ୍ତିଲତା ଦାସ ଯୋଗ ଦେଇ ଜାତୀୟ ସେବା ପ୍ରତ୍ୟେକ ଛାତ୍ର ଛାତ୍ରୀଙ୍କ ମାନବୀୟ କର୍ତ୍ତବ୍ୟ ବୋଲି ମତ ରଖିଥିବା ବେଳେ ଅତିଥି ଭାବେ ୱାଇ ଆର ସି ପରିଚାଳକ ଅଧ୍ୟାପକ ସୁଶାନ୍ତ ରାଜ ଓ +୨ ଜାତୀୟ ସେବା ଶିବିର ସଂଯୋଜକ ଅଧ୍ୟାପକ ଆଶିଷ କୁମାର ଓଝା ଯୋଗଦେଇ ପ୍ରତିଷ୍ଠା ଦିବସ ପାଳନ, ଜାତୀୟ କର୍ତ୍ତବ୍ୟ ବର୍ଣ୍ଣନା କରିବା ସହିତ ବର୍ଷଯାକର କାର୍ଯ୍ୟକ୍ରମର ସଫଳତା ପାଇଁ ଶିବିରର୍ଥୀମାନଙ୍କୁ କୃତଜ୍ଞତା ଜଣାଇ ଥିଲେ । +୨ ଓ +୩ ଜାତୀୟ ଶିବିରର ୨୦୦ରୁ ଉର୍ଦ୍ଧ୍ୱ ସଦସ୍ୟା, ସଦସ୍ୟ ଯୋଗଦେଇ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ । ଅଧ୍ୟକ୍ଷା ମହୋଦୟ ଛାତ୍ର ଛାତ୍ରୀଙ୍କ ସେବା ମନୋଭାବକୁ ପ୍ରଶଂସା କରିବା ସହିତ ଏହାର ସାମାଜିକ ଆବଶ୍ୟକତା ସମ୍ବନ୍ଧରେ ମତ ରଖିଥିଲେ । ପରିଶେଷରେ +୩ ବିଭାଗ ଜାତୀୟ ସେବା ଶିବିରର ପରିଚାଳିକା ଅଧ୍ୟାପିକା ସୁପ୍ରସନୀ ବେହେରା କୃତଜ୍ଞତାଜ୍ଞାପନ କରିଥିଲେ।




## ସେବା ପର୍ବ ଅବସରରେ ହେବ ଯୁବ ସମ୍ମିଳନୀ

ଭୁବନେଶ୍ୱର, ୨୬/୯ (ନି.ପ୍ର): ସେବା ପର୍ବ ଅବସରରେ ୨୭ ତାରିଖରେ ଝାରସୁଗୁଡାରେ ଏକ ଯୁବ ସମ୍ମିଳନୀ ଆୟୋଜନ ହେବ। ପ୍ରଧାନମନ୍ତ୍ରୀ ଏହି ଯୁବ ସମ୍ମିଳନୀକୁ ସମ୍ବୋଧିତ କରିବେ । ଝାରସୁଗୁଡା ଜିଲ୍ଲା ଏବଂ ନିକଟବର୍ତ୍ତୀ ସୁନ୍ଦରଗଡ, ସମ୍ବଲପୁର, ଦେବଗଡ ଏବଂ ବରଗଡ଼ ଜିଲ୍ଲାର କଲେଜ ଛାତ୍ରଛାତ୍ରୀମାନେ ଏହି ସମ୍ମିଳନୀ ରେ ଅଂଶଗ୍ରହଣ କରିବେ । ଛାତ୍ରଛାତ୍ରୀମାନଙ୍କୁ କ୍ୟାରିଅର ପରାମର୍ଶ, ପ୍ଲେସମେଣ୍ଟର ଲାଭ, ଷ୍ଟାର୍ଟଅପ୍ ଏବଂ ଅନ୍ୟାନ୍ୟ ସମ୍ବନ୍ଧୀୟ ବିଷୟଗୁଡ଼ିକ ଉପରେ ପାରସ୍ପରିକ ଆଲୋଚନା ହେବ ଛାତ୍ରଛାତ୍ରୀ ମାନଙ୍କୁ ଏନସିସି ବିଷୟରେ ଅବଗତ କରାଇବା ପାଇଁ ଏନସିସି ପାଇଁ ସ୍ୱତନ୍ତ୍ର ଭାବରେ ଗୋଟିଏ ଷ୍ଟଲ ରହିବ । ଏନେଇ ଉଚ୍ଚ ଶିକ୍ଷା ବିଭାଗ ତରଫ ରୁ ଉପ-ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ



ଜଳେଶ୍ୱର, ୨୬/୯ (ନି.ପ୍ର): ଘର ଭିତରୁ ମିଳିଲା ମହିଳାଙ୍କ ଝୁଲନ୍ତା ମୃତ ଦେହ। ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ରାଇବଣିଆ ଥାନା ରାଇବଣିଆ ପଂଚାୟତ ରେ ଅଭିଜିତ ଜେନା ଙ୍କ ସ୍ତ୍ରୀ ବିଷ୍ଣୁପ୍ରିୟା ଘୋଷ( ୨୪) ଶୁକ୍ରବାର ସକାଳ ୯ ଘଟିକା ସମୟ ରେ ତାଙ୍କ ଶୋଇବା ଘରେ ତାଙ୍କୁ ଝୁଲନ୍ତା ଅବସ୍ଥା ରେ ସ୍ୱାମୀ ଦେଖିବା ପାଇଁ ପାଇଥିଲେ ଏବଂ ରାଇବଣିଆ ପୋଲିସ କୁ ଖବର ଦେଇଥିଲେ। ପରିମଳ ଜେନା ଙ୍କ ପୁତ୍ର ଅଭିଜିତ ଜେନା ୨୦୨୧ ମସିହା ରେ ସେହି ଗ୍ରାମରୁ ଭଲ ପାଇ ବାହା ହୋଇଥିଲେ। ଏବଂ ହଠାତ୍ ଆଜି ସକାଳେ କୌଣସି କଥାକୁ ନେଇ ନିଜ ବେକରେ ଓଢ଼ନି ସାହାଯ୍ୟରେ ଆତ୍ମହତ୍ୟା କରିଛନ୍ତି ବୋଲି ପରିବାର ଲୋକେ ପ୍ରକାଶ କରିଛନ୍ତି । ବିଷ୍ଣୁପ୍ରିୟା ଙ୍କ ସ୍ୱାମୀ ଗୋଟାଏ ଗ୍ୟାସ୍ ଅଫିସ୍ ରେ କାମ କରନ୍ତି ।ଏ ନେଇ ରାଇବଣିଆ ଥାନା ର କୌଣସି ଅଭିଯୋଗ ହୋଇନାହିଁ।

## ଜିଲ୍ଲାସ୍ତରୀୟ ରଗ୍‌ବି ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ: ରାଜ୍ୟସ୍ତର ପାଇଁ ୨୪ ଚୟନ

ବାରିପଦା, ୨୬/୯ (ନି.ପ୍ର): କୁଳିଅଣା ବ୍ଲକ ଅନ୍ତର୍ଗତ ଅସନଯୋଡ଼ା ସ୍ଥିତ ସରକାରୀ (ଏସଏସଡି) ଉଚ୍ଚ ବିଦ୍ୟାଳୟର ଖେଳ ପଡିଆ ପରିସରରେ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ୧୭ ବର୍ଷରୁ କମ ବାଳକ ବାଳିକା ବର୍ଗର ରଗବି ଫୁଟବଲ ପ୍ରତିଯୋଗିତା, ୨୦୨୫-୨୬ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ଓ ଅତିଥି ଭାବେ ଜିଲ୍ଲା ଶାରୀରିକ ଶିକ୍ଷା ଶିକ୍ଷକ ସଙ୍ଘ ର ସଂପାଦକ ସଞ୍ଜୟ କୁମାର ପ୍ରଧାନ ଯୋଗ ଦେଇଥିଲେ । ବିଚାରକ ଭାବେ ଦିବ୍ୟରଞ୍ଜନ ଦାସ, ପ୍ରକାଶଚନ୍ଦ୍ର ସୋଏ, ମାଳିନୀ ସୋଏ, ରାଇମଣ ନାଏକ, ତାରିଣୀସେନ ନାଏକ, କ୍ରିଷ୍ଣା ଟୁଡୁ ଏବଂ ସେଣ୍ଟ୍ରାଲ ଅଫିସିଆଲ ଭାବେ ପ୍ରଦୀପ ଚୌଧୁରୀ ଯୋଗ ଦେଇଥିଲେ । ଓଡିଶା ରାଜ୍ୟସ୍ତରୀୟ ରଗବି ଫୁଟବଲ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାରୁ ୨୪ ଜଣ ପ୍ରତିଯୋଗୀ ଯୋଗ ଦେବେ । ସେମାନେ ହେଲେ ୧୭ ବର୍ଷରୁ କମ ବାଳକ ବିଭାଗ ରେ ଶ୍ରୀକାନ୍ତ ସିଂ, କାଶୀନାଥ ଟୁଡୁ, ଦଶରଥ ମାଝି, ରାମଚନ୍ଦ୍ର ହେମ୍ବ୍ରମ,ବାଦଲ ନାୟକ, ରାମଚନ୍ଦ୍ର ହେମ୍ବ୍ରମ, ହୃଦାନନ୍ଦ ସିଂ, ଶରତ ଦେହୁରୀ, ସୁକୁଲ ବାସ୍କେ, ଯଦୁ ଗୋଡ଼ସୋରା, ଫାଗୁ ମୁର୍ମୁ, ରହିଦାସ ସିଂ ଓ ବାଳିକା ବିଭାଗରେ ସୁମିତ୍ରା ମୁର୍ମୁ, ସୁଦଶନା କ୍ରିଷ୍ଣା ନାଏକ, ଦୁଲାରୀ ହାଁସଦା, ଜୟନ୍ତୀ ବାସ୍କେ, ଶୁଭଦ୍ରା ସୋରେନ, ସାଲଗେ ମୁର୍ମୁ, ସବିତା ସୋରେନ, ପାଏଲ ହାଁସଦା, ସନ୍ଧ୍ୟା ସୋରେନ, ସୀତା ମାରାଣ୍ଡି, ସୁଲେନା ହେମ୍ବ୍ରମ, ପଦ୍ମାବତୀ ସିଂ ।

## ଓଟିଇଟି ପରୀକ୍ଷା ନେଇ ସମସ୍ତ ପ୍ରକାର ସୁବିଧା ହୋଇଛି - ମନ୍ତ୍ରୀ

ଭୁବନେଶ୍ୱର, ୨୬/୯ (ନି.ପ୍ର): ଆସନ୍ତାକାଲି (ଶନିବାର) ଓଟିଇଟି ପରୀକ୍ଷା ଅନୁଷ୍ଠିତ ହେବ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଆସନ୍ତାକାଲି ଓଟିଇଟି ପରୀକ୍ଷା ନେଇ ସମସ୍ତ ପ୍ରକାର ସୁବିଧା ହୋଇଛି। ପରୀକ୍ଷାର୍ଥୀ କିଭଳି ସ୍ୱଚ୍ଛତା ସହ ପରୀକ୍ଷା ଦେବେ ସେ ନେଇ ସମସ୍ତ ପ୍ରକାର ସୁବିଧା କରାଯାଇଛି। ଯେଉଁମାନେ ପରୀକ୍ଷାର୍ଥୀ ଅଛନ୍ତି ସେମାନଙ୍କ ପରୀକ୍ଷା କିଭଳି ସୁଚାରୁ ରୂପେ ପରିଚାଳନା କରାଯିବ ତାର ବ୍ୟବସ୍ଥା କରାଯିବ।

## ବେତନଟୀ ମହାବିଦ୍ୟାଳୟରେ ବଜ୍ରପାତ ପାଇଁ ସଚେତନତା କାର୍ଯ୍ୟକ୍ରମ




ବେତନଟୀ , ୨୬/୯ (ନି.ପ୍ର): ବେତନଟୀ ମହାବିଦ୍ୟାଳୟରେ ଶ୍ରେଣୀ ପ୍ରକୋଷ୍ଠରେ ବଜ୍ରପାତ ସଚେତନତା କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବେତନଟୀ ମହାବିଦ୍ୟାଳୟ ର ଭାରପ୍ରାପ୍ତ ଅଧକ୍ଷ ତଥା ସଂସ୍କୃତ ବିଭାଗର ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ପ୍ରାଣକୃଷ୍ଣ ପାଣିଗ୍ରାହୀ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ଅଧିକାରୀ ଡକ୍ଟର ଅଭିଷେକ ମହାନ୍ତ, ଅଭିଜିତ ମହାନ୍ତି,ଭାନୁପ୍ରିୟା ମାଝୀ , ଯୁବ ରେଡ୍ କ୍ରସ୍ କାଉନସେଲର ରାଜନ୍ କୁମାର ମିଶ୍ର, ମନୀଷା ରାଣୀ ଅଗ୍ରୱାଲ, ରୋଭର୍ସ ଏଣ୍ଡ ରେଞ୍ଜର୍ସର କାଉନସେଲର୍ ସନ୍ଦୀପ ଡୁଙ୍ଗଡୁଙ୍ଗ ଏବଂ ସୋନାଲି ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ଅଧକ୍ଷ ଦୈବଦୁର୍ବିପାକ ଜନିତ କ୍ଷୟକ୍ଷତି ଏବଂ ବଜ୍ରପାତର ଭୟାବହତା ସମ୍ପର୍କରେ ଆଲୋଚନା କରିଥିଲେ। ଏହା ମନୁଷ୍ୟର ଶକ୍ତି ବହିର୍ଭୂତ ପ୍ରସଙ୍ଗ ହେଲେ ମଧ ତତ୍କାଳୀନ କୌଶଳ ଅବଲମ୍ବନ କରି ଜୀବନ ରକ୍ଷା କରାଯାଇପାରିବ ବୋଲି ଛାତ୍ରଛାତ୍ରୀଙ୍କୁ ସୂଚନା ପ୍ରଦାନ କରିଥିଲେ। ଜାତୀୟ ସେବା ଯୋଜନାର ଅଧିକାରୀ ଡକ୍ଟର ଅଭିଷେକ ମହାନ୍ତ ବଜ୍ରପାତ ଏବଂ ଘଡ଼ଘଡ଼ିର ସୃଷ୍ଟି ପ୍ରକ୍ରିୟା ତଥା ଏହା ସହ ଜଡିତ ବିଜ୍ଞାନମୂଳକ ପ୍ରସଙ୍ଗକୁ ଉପସ୍ଥାପନ କରିଥିଲେ। ବଜ୍ରପାତର ବିଭିନ୍ନ କାରଣ ଏବଂ ଏହାର ନିରାକରଣ , ଭାରତ ସରକାରଙ୍କ ଦ୍ୱାରା ବିକଶିତ ବିଭିନ୍ନ ମୋବାଇଲ୍ ଆପ୍ ଆମକୁ କିଭଳି ବଜ୍ରପାତ ଘଡ଼ଘଡ଼ିର ପ୍ରାକସୂଚନା ଦେଇପାରିବ ସେ ସମ୍ପର୍କରେ କର୍ମକର୍ତ୍ତାଗଣ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ୯୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

## ଶାରଦୀୟ ପୂଜା ନିମନ୍ତେ ଶାନ୍ତି କମିଟି ବୈଠକ

ଉଦଳା , ୨୬/୯ (ନି.ପ୍ର): ପ୍ରତିବର୍ଷ ପରି ଚଳିତ ବର୍ଷର ଦୁର୍ଗାପୂଜା ଏବଂ କାଳିପୂଜା ନିମନ୍ତେ ପ୍ରଶାସନ ତରଫରୁ ଉଦଳା ଠାରେ କପ୍ତିପଦା ଉପଖଣ୍ଡ ମଧ୍ୟରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ବୈଠକରେ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ଅଧକ୍ଷତା କରିବା ସହ ସମସ୍ତଙ୍କୁ ଶାରଦିୟ ଅଭିନନ୍ଦନ ଜଣାଇଥିଲେ । ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ ବୈଠକର ପରିଚାଳନାର ନେତୃତ୍ୱ ନେବା ସହ ବିଗତ ବର୍ଷର ବିବରଣି ପାଠ କରିଥିଲେ । ଏହାପରେ ଟ୍ରାଫିକ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ, ରାସ୍ତା ମରାମତି, ପରିଷ୍କାର ପରିଛନ୍ନତା, ଆଲୋକିକରଣ, ଡ଼ାକବାଜି ଯନ୍ତ୍ରର ବ୍ୟବହାର, ମାଦକ ଦ୍ରବ୍ୟ ନିୟନ୍ତ୍ରଣ, ରାବଣ ପୋଡ଼ି, ମୂର୍ତ୍ତି ବିସର୍ଜନ ଆଦି ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ, ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ହୃଷିକେଶ ନାୟକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରି, ଉପଖଣ୍ଡ ଚିକିତ୍ସାଳୟର ଡ଼ା. ପ୍ରଜ୍ଞାପରମିତା ବେହେରାଙ୍କ ସମେତ ପୂଜା କମିଟିର କର୍ମକର୍ତ୍ତା, ଗଣମାଧ୍ୟମର ପ୍ରତିନିଧି ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ । ଶେଷରେ ସହକାରୀ ଜିଲ୍ଲାପାଳ ପ୍ରତୀକ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଓଡ଼ିଶା ପ୍ରଶାସନିକସେବା ପାଇ ନୀଳଗିରି ପାଇଁ ଗର୍ବ ଆଣିଲେ କ୍ରୀଷ୍ଣାଗୋପାଳ



ନୀଳଗିରି , ୨୬/୯ (ନି.ପ୍ର): ବାପା ମା'ଙ୍କ ସ୍ୱପ୍ନ ଏବଂ ନିଜର ଅଧ୍ୟବସାୟ ପାଇଁ ଓଡ଼ିଶାର ସବୁଠୁଁ କଠିନ ଏବଂ ସମ୍ମାନସ୍ପଦ ଓପିଏସସି ପରୀକ୍ଷାରେ କୃତିତ୍ୱ ଅର୍ଜନ କରି ନୀଳଗିରି ତଥା ରାଜ୍ୟପାଇଁ ଗୌରବ ଅର୍ଜନ କରିଛନ୍ତି ନୀଳଗିରି ବ୍ଲକ ମହିଷାପଟା ପଞ୍ଚାୟତ ମହିଷାପଟା ଗ୍ରାମର ସଞ୍ଜୀବ ସ୍ୱାଇଁ ଏବଂ ମାଆ ସ୍ୱର୍ଗତ ପ୍ରମିଳା ସ୍ୱାଇଁଙ୍କ ସୁପୁତ୍ର କ୍ରୀଷ୍ଣାଗୋପାଳ ସ୍ୱାଇଁ। ୨୦୨୩ମସିହା ଓପିଏସସି ପରୀକ୍ଷାରେ ଏହି କୃତିତ୍ୱ ପାଇଥିବା ବେଳେ ଏହା ତାଙ୍କର ତୃତୀୟ ଚେଷ୍ଟାଥିଲା। ୨୬ତାରିଖ ପ୍ରକାଶିତ ଏହି ପରୀକ୍ଷାର ରେଜଲ୍ଟ ପ୍ରକାଶ ପାଇଥିବା ବେଳେ ସେ ସମଗ୍ର ଓଡ଼ିଶାରେ ୧୩ତମ ସ୍ଥାନ ଅଧିକାର କରିଛନ୍ତି। ବାଲ୍ୟକାଳରୁ ଜଣେ ମେଧାବୀ ଛାତ୍ରଭାବରେ ନିଜର ପ୍ରାଥମିକଶିକ୍ଷା ନିଜଗ୍ରାମ ବାବା ବୈଦନାଥ ଉଚ୍ଚବିଦ୍ୟାପୀଠ ମହିଷାପଟାରୁ ଉତ୍ତୀର୍ଣ୍ଣହେବା ପରେ ଯୁକ୍ତଦୁଇ ବିଜ୍ଞାନରେ ସୁଲଗ୍ନା କଲେଜ ବାଲେଶ୍ୱର ଏବଂ ପରେ ସୋର ଉପେନ୍ଦ୍ରନାଥ କଲେଜରୁ ସ୍ନାତକଡ଼ିଗ୍ରୀ ହାସଲକରି ଓଡ଼ିଶା ପ୍ରଶାସନିକ ସେବା ପାଇଁ ଚେଷ୍ଟା ଜାରି ରଖିଥିଲେ। ସର୍ବୋଚ୍ଚ ୨୦ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିବାରୁ ତାଙ୍କୁ ନୀଳଗିରି ଅଞ୍ଚଳ ସମେତ ସାରା ଓଡ଼ିଶାରୁ ପ୍ରଶଂସାର ସୁଅ ଛୁଟିଛି। ଏହି କୃତିତ୍ୱ ପାଇଁ ସେ ନିଜର ପିତମାତା ଏବଂ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଶ୍ରେୟ ଦେଇଛନ୍ତି।

## କୁମ୍ଭକର୍ଣ୍ଣ ନିଦ୍ରା ଯାପନ କଲେ ନେତା ପ୍ରଶାସନ: ଏନଏସି ପାଇଁ ଧାରଣା ପହଁଚିଲା ୧୨ ଦିନରେ




ଖଇରା, ୨୬/୯ (ନି.ପ୍ର): ଖଇରା ଏନ ଏ ସି ମାନ୍ୟତା ଦାବିରେ ଚାଲୁଥିବା ଆନ୍ଦୋଳନ ଆଜି ୧୨ଦିନରେ ପହଞ୍ଚିଛି। ହେଲେ ବଡ଼ ଦୁଃଖର ସହିତ କହିବାକୁ ପଡୁଛି ଖଇରା ଅଞ୍ଚଳର ଜନସାଧାରଣ ଯାହାକୁ ଭୋଟ ଦେଇ ଜିତାଇଥିଲେ ଆନ୍ଦୋଳନ କାରିମାନେ ତାଙ୍କୁ ଦେଖା ନ ପାଇବା, ତାଙ୍କ ପାଖରୁ କୌଣସି ପ୍ରତିଶୃତି ନପାଇବା ଆନ୍ଦୋଳନ କାରି ମାନଙ୍କ ସହିତ ଖଇରା ଅଞ୍ଚଳ ବାସୀଙ୍କୁ ବହୁତ କଷ୍ଟ ଦେଇଛି। ଯେ ପର୍ଯ୍ୟନ୍ତ ସେମାନେ ସରକାରଙ୍କ ପାଖରୁ କୌଣସି ନିର୍ଭର ପ୍ରତିଶୃତି ନ ପାଇଛନ୍ତି ସେମାନେ ଖରା ବର୍ଷାକୁ ଖାତିର ନ କରି ତାଙ୍କର ଆନ୍ଦୋଳନ ଜାରି ରଖିଛନ୍ତି । ବରିଷ୍ଠମାନଙ୍କୁ ଉପେକ୍ଷ୍ୟା କରିବା ସହିତ କଟାକ୍ଷ୍ୟ କରି କହିବା ନେଇ ସାଧାରଣରେ ଜନ ଅସନ୍ତୋଷ ଦେଖା ଦେଇଛି । ଖଇରା ବାସୀଙ୍କୁ ଗରିବ କହି ଅଟହାସ୍ୟ କରିବାକୁ ଅଞ୍ଚଳ ବସି କେବେ ବରଦାସ୍ତ କରିବେ ନାହିଁ ବୋଲି ଉପସ୍ଥିତ ଆନ୍ଦୋଳନ କାରୀମାନେ ନିଜର ବକ୍ତବ୍ୟ ପ୍ରତିପାଦନ କରିଛନ୍ତି । ଏଥିରେ ସମସ୍ତ ସଗଠନ ସହିତ କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ଯୋଗ ଦେଇ ବର୍ତ୍ତମାନର ବିଧାୟକ ଖଇରା ମାଟିର ମଣିଷ ହୋଇନଥିବାରୁ ଖଇରା ପ୍ରତି ତାଙ୍କର ଦରଦ ନାହିଁ କି ଖଇରାକୁ କେବେ ଉନତି କରିବାର ସହାୟକ ହେବେ ନାହିଁ ଏନଏସି ତ କରିବା ଦୂରର କଥା ବୋଲି ସେ ପ୍ରକାଶ କରିଛନ୍ତି । ସେହିପରି ସମାଜସେବୀ ଶଶୀ କୁମାର ସାହୁ ଯୋଗ ଦେଇ ଖଇରା ପ୍ରତି ବୈମାତ୍ରିକ ଭାବ ନେଇ କ୍ଷୋଭ ପ୍ରକାଶ କରିବା ସହିତ ଜଣେ ବରିଷ୍ଠ ବିଧାୟକ ହୋଇ ଖଇରା କୁ ଏନଏସି ବାଦ ଦେବାଦେଇ ବାର୍ଷିଥିଲେ । ଆଗାମୀ ଦିନରେ ଏନଏସି ପାଇଁ ପୂର୍ଣ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ମଧ ଦେଇଥିଲେ । ଏନ ଏସି ପାଇଁ ଲୋକ ମାନଙ୍କୁ ସଙ୍ଗୀତ ମାଧ୍ୟମରେ ମଧ ସଚେତନ କରାଉଛି।

## ରାଜ୍ୟ ସରକାରଙ୍କର ୧୫ ବର୍ଷରୁ ଅଧିକ ପୁରୁଣା ଗାଡ଼ି ହେବ ସ୍କ୍ରାପ

ଭୁବନେଶ୍ୱର, ୨୬/୯ (ନି.ପ୍ର): ରାଜ୍ୟ ସରକାରଙ୍କ ଅଧୀନରେ ଯେତେ ୧୫ ବର୍ଷରୁ ଅଧିକ ପୁରୁଣା ଗାଡ଼ି ଅଛି ସେଗୁଡ଼ିକୁ ଅକ୍ଟୋବର ୧୫ ସୁଦ୍ଧା ସ୍କ୍ରାପିଂ କରାଯିବ। 'ବାହନ' ତଥ୍ୟ ଅନୁଯାୟୀ, ଏବେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଅଧୀନରେ ୬୨୪୧ଟି ୧୫ ବର୍ଷରୁ ଅଧିକ ପୁରୁଣା ଗାଡ଼ି ଥିବାବେଳେ ସେଗୁଡ଼ିକୁ ନିକଟସ୍ଥ ପଞ୍ଜୀକୃତ ଗାଡ଼ି ସ୍କ୍ରାପିଂ ସୁବିଧା କେନ୍ଦ୍ରକୁ ନେଇ ତୁରନ୍ତ ସ୍କ୍ରାପିଂ କରିବାକୁ କୁହାଯାଇଛି। କେଉଁ ବିଭାଗ କେତେ ଗାଡ଼ି ସ୍କ୍ରାପିଂ କଲେ ତା'ର ଏକ ରିପୋର୍ଟ ପରିବହନ ବିଭାଗକୁ ପଠାଇବେ। ଏହି ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପଠାଇଲେ ଅର୍ଥ ମନ୍ତ୍ରଣାଳୟର ସହାୟତା ମିଳିବ।

## 'ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ' କାର୍ଯ୍ୟକ୍ରମ ଅନୁଷ୍ଠିତ

ବଡସାହି, ୨୬/୯ (ନି.ପ୍ର): ବଡ଼ସାହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅନ୍ତର୍ଗତ ଦେଉଳିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ର ସ୍ୱାସ୍ଥ୍ୟ ଅଧିକାରୀ ଡା. ଆହୁତି ଦାଶ ଏବଂ ଆୟୁଷ ଡାକ୍ତର ଡା. ସମ୍ବିତ କୁମାର ଦାସ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶୁକ୍ରବାର ଦିନ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ସୁକାନ୍ତ କୁମାର ପାତ୍ରଙ୍କ ଦ୍ୱାରା ଗର୍ଭବତୀ ମାଆ ମାନଙ୍କପାଇଁ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ବଡ଼ସାହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଉଦଘାଟନ କରିଥିଲେ। ଏଥିରେ ୫୦ରୁ ଉର୍ଦ୍ଧ୍ୱ ମାଆ ମାନେ ନିଜ ନିଜ ର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଚିକିତ୍ସିତ ହୋଇଥିଲେ। ଚଳିତ ସେପଟ୍ଟେମ୍ବର ୧୭ ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ'ସୁସ୍ଥ ନାରୀ... ସଶକ୍ତ ପରିବାର ଅଭିଯାନ' କାର୍ଯ୍ୟକ୍ରମ ଚାଲୁଅଛି। ଏହି କାର୍ଯ୍ୟକ୍ରମ ଆଧାରରେ ଗର୍ଭବତୀ ମାଆ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ସହିତ, ମାଆ ମାନେ ଗର୍ଭଧାରଣ ସମୟରେ କିଭଳି ନିଜେ ସୁସ୍ଥ ରହିବେ ଏବଂ ତାଙ୍କ ଶିଶୁ କୁ ସୁରକ୍ଷିତ ରଖିବେ ତାହା ଉପରେ ଗୁରୁତ୍ୱାରୋପ କରି ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏହା ସହିତ ମହିଳା ମାନେ କିଭଳି ନିଜେ ସୁସ୍ଥ ରହିବା ସହିତ ନିଜ ପରିବାର କୁ ସୁସ୍ଥ ରଖିପାରିବେ ଏହା ଉପରେ ଗୁରୁତ୍ୱ ଦିଆଯାଇ ଦେଉଳିଆ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଉଛି। ଏଥିରେ ମହିଳା ମାନଙ୍କ ଅଣସଂକ୍ରମିତ ରୋଗ ର ଯାଞ୍ଚ, ସିକିଲସେଲ ରୋଗ ପରୀକ୍ଷା, ରକ୍ତହୀନତା ଯାଞ୍ଚ, ଯକ୍ଷ୍ମା ରୋଗର ଯାଞ୍ଚ, ମହିଳା ମାନଙ୍କ ପାଇଁ ବିଶେଷ ଯୋଗ ଶିବିର, ମହିଳା ମାନଙ୍କ ପାଇଁ ଚକ୍ଷୁ ଶିବିର, ମହିଳା ମାନଙ୍କ ଉଦ୍ଦେଶ୍ୟରେ ସଚେତନତା ରାଲି ଆଦି ବିଭିନ୍ନ କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଅନୁଷ୍ଠିତ କରାଯାଉଛି। ଆଗାମୀ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଏହିଭଳି ସ୍ୱାସ୍ଥ୍ୟ ଭିତ୍ତିକ ସଚେତନତା କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଚାଲୁ ରହିବ ବୋଲି ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ଚିକିତ୍ସା ଅଧିକାରୀ ଡ଼ା. ସମ୍ବିତ କୁମାର ଦାସ ସମସ୍ତ ଙ୍କୁ ଅବଗତ କରାଇଛନ୍ତି। ଏହିଭଳି କାର୍ଯ୍ୟକ୍ରମ ଯୋଗୁଁ ଦେଉଳିଆ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା, ଦେଉଳିଆ , କେନ୍ଦୁଡ଼ିହା, ଚନ୍ଦନପୁର ପଞ୍ଚାୟତ ର ଜନସାଧାରଣ ଉପକୃତ ହେଉଛନ୍ତି। ସମସ୍ତେ ଏହିଭଳି ଜନମଙ୍ଗଳକାରୀ କାର୍ଯ୍ୟକ୍ରମ କୁ ଭୂୟସୀ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମ ରେ ସ୍ୱାସ୍ଥ୍ୟ କେନ୍ଦ୍ରର ଷ୍ଟାଫ ତଥା, ତପନ କୁମାର ମହାଳିକ, ନୀଳକଣ୍ଠ ନାୟକ, ହରପ୍ରିୟା ସେଠି, କବିତା ଗିରି, ସଙ୍ଗୀତ ରାଣୀ ରଣଜିତ, ଦିଲ୍ଲୀପ କୁମାର ମହାପାତ୍ର, ରଞ୍ଜିତା ପରିଡା, ଯଶୋମତି ବିଶ୍ୱାଳ, ଏବଂ ଆଶାଦିଦି ମାନେ ଆଦି ଉପସ୍ଥିତ ରହିଥିଲେ। ଶେଷରେ ବଡ଼ସାହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିପିଏମ ବିଶ୍ୱଜିତ ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରିବା କ୍ଷେତ୍ରରେ ଓଡ଼ିଶା ରହିଛି ସବୁଠୁ ଆଗରେ : ପ୍ରମୋଦ କୁମାର ରାଉତ

ଉଦଳା , ୨୬/୯ (ନି.ପ୍ର): କପ୍ତିପଦା ବ୍ଲକର ନୁଦଡ଼ିହା ଗ୍ରାମସ୍ଥିତ ମେଘାସନ ମହାବିଦ୍ୟାଳୟ ପରିସରରେ ଚଳିତ ସେପଟ୍ଟେମ୍ବର ୨୫ ତାରିଖ ଗୁରୁବାର ଦିନ ଦିବସ ବ୍ୟାପି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ରଣ କୌଶଳ ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟରେ ଥିବା ସମର ଶିକ୍ଷାର୍ଥି ବାହିନୀ, ଜାତୀୟ ସେବା ଯୋଜନା ଓ ଯୁବ ରେଡ଼କ୍ରସର ଛାତ୍ର ଛାତ୍ରୀ ମାନେ ମିଳିତ ଭାବରେ ଏହି ତାଲିମ ନେଇଥିବା ବେଳେ ସ୍ଥାନୀୟ ଅଗ୍ନିଶମ ଅଧିକାରୀ ନରେନ୍ଦ୍ର କୁମାର ରାଉତ ଏବଂ ତାଙ୍କର ସହଯୋଗୀ ମାନେ ପ୍ରଶିକ୍ଷକ ଭାବରେ ତାଲିମ ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ତାଲିମ ଶିବିରକୁ ଉଦ୍‌ଘାଟନ କରି ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରିବା କ୍ଷେତ୍ରରେ ଓଡ଼ିଶା କିପରି ସମଗ୍ର ବିଶ୍ୱରେ ସୁନାମ ଅର୍ଜନ କରିଛି ବ୍ୟକ୍ତ କରିଥିଲେ । ଏହାପରେ ପ୍ରଶିକ୍ଷକ ମାନେ ବିପର୍ଯ୍ୟୟ ପୂର୍ବରୁ, ବିପର୍ଯ୍ୟୟ ସମୟରେ ଓ ପରେ ଉଦ୍ଧାର କାର୍ଯ୍ୟ ସହିତ ପ୍ରାଥମିକ ଚିକିତ୍ସାର ରଣ କୌଶଳ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ । ଏହି ଅବସରରେ ପ୍ରାଧ୍ୟାପକ ଡ଼. ନିରଜଂନ ପାଠୀ ଓଡ଼ିଶାରେ ସବୁଠାରୁ ଅଧିକ ସାମୁଦ୍ରିକ ଝଡ଼ ସ୍ଥଳ ଭାଗକୁ ଛୁଇଁବା ସହ ବାତ୍ୟା ଜନିତ ବିପର୍ଯ୍ୟୟ ଦେଖିବାକୁ ମିଳିଥାଏ ବୋଲି କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟାପକ ବିଜୟ କୁମାର ନାୟକ ଓ ଅଧ୍ୟାପିକା ସସ୍ମିତା ଲାୟା ଏହି ତାଲିମ ନିଜ ଜୀବନକାଳ ମଧ୍ୟରେ ସବୁ ସମୟରେ ଦରକାରରେ ଆସିବ ବୋଲି ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ । ଲାଫ୍ଟନାଂଟ ଅରୁଣ କୁମାର ଜେନା ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହିତ ଶିବିର ପରିଚାଳନାର ନେତୃତ୍ୱ ନେଇଥିଲେ । ଅଧ୍ୟାପିକା ଡ଼. କମଳିନି ପଣ୍ଡା ଶେଷରେ ଧନ୍ୟବାଦ ଅର୍ପଣ ପୂର୍ବକ ଶିବିରର ଯବନିକା ପକାଇଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida